ISSN-0971-8397

# ଯୋଜନା

ଡିସେମ୍ବର ୨୦୧୮ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

## ଡିଜିଟାଲ୍ ଭାରତ

**ଡିଜିଟାଲ ଇଣ୍ଡିଆ: ଏକ ସମାବେଶୀ ଓ ସଶକ୍ତ ଭବିଷ୍ୟତ ଆଡ଼କୁ**
ରବିଶଙ୍କର ପ୍ରସାଦ

**ସୁରକ୍ଷିତ ଡିଜିଟାଲ ଇଣ୍ଡିଆ**
ରମା ବେଦଶ୍ରୀ

**ଦୂରସଞ୍ଚାର କ୍ଷେତ୍ରରେ ଡିଜିଟାଲ୍ ବିପ୍ଳବ ନିୟନ୍ତ୍ରଣ**
ଡ. ଆର୍.ଏସ୍. ଶର୍ମା




**ବିଶେଷ ପ୍ରସଙ୍ଗ**

**ଆଧାର: ନ୍ୟୁଇଣ୍ଡିଆ ପାଇଁ ଡିଜିଟାଲ ହାଇୱେ**
ଡ. ଅଜୟଭୂଷଣ ପାଣ୍ଡେ

**ଫୋକସ୍**

**ଡିଜିଟାଲ୍ ଇଣ୍ଡିଆ ଏକ ଅପରିହାର୍ଯ୍ୟ ଆବଶ୍ୟକତା**
ଆର୍. ଚନ୍ଦ୍ରଶେଖର

## ବିକାଶର ରୋଡ୍‌ମ୍ୟାପ୍‌

# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସୂଚନା ଓ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ଆପ୍ ଉନ୍ମୋଚିତ




*ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀଠାରେ ୨୪ ଅକ୍ଟୋବର ୨୦୧୮ରେ 'ମେଁ ନେହିଁ ହମ୍' ପୋର୍ଟାଲ୍ ଏବଂ ଆପ୍‌ର ଶୁଭାରମ୍ଭ ଅବସରରେ ଆଇଟି, ଇଲେକ୍‌ଟ୍ରୋନିକ୍ସ ନିର୍ମାଣ ଓ ବୃତ୍ତିଧାରୀଙ୍କ ସହ 'ସେଲ୍‌ଫ ଫର୍ ସୋସାଇଟି' ସମ୍ପର୍କରେ ବାର୍ତ୍ତାଳାପ କରୁଛନ୍ତି।*

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ନିକଟ ଅତୀତରେ ନୂଆଦିଲ୍ଲୀ ଠାରେ ଆଇଟି ପ୍ରଫେସ୍‌ନାଲ୍ ଏବଂ ଇଲେକ୍‌ଟ୍ରୋନିକ୍ସ ନିର୍ମାଣ ବୃତ୍ତିଧାରୀଙ୍କ ନିମନ୍ତେ 'ମେଁ ନେହିଁ ହମ୍' ନାମକ ଏକ ପୋର୍ଟାଲ୍ ଏବଂ ଆପ୍‌ର ଶୁଭାରମ୍ଭ କରିଛନ୍ତି। 'ମେଁ ନେହିଁ ହମ୍' ପୋର୍ଟାଲ୍‌ର ବିଷୟବସ୍ତୁ 'ସେଲ୍‌ଫ ଫର୍ ସୋସାଇଟି' ଉପରେ ପର୍ଯ୍ୟବେସିତ ଏବଂ ଏହା ଆଇଟି ବୃତ୍ତିଧାରୀ ଓ ସାଂଗଠନିକ ସଂସ୍ଥା ମଧ୍ୟରେ ସାମାଜିକ କାର୍ଯ୍ୟ ଓ ସେବା ନିମନ୍ତେ ଏକଜୁଟ୍ ହେବାରେ ସାହାଯ୍ୟ କରିବ। ଏହାଫଳରେ ଏହି ପୋର୍ଟାଲ୍ ସମାଜର ତଳସ୍ତରରେ ବସବାସ କରୁଥିବା ବର୍ଗଙ୍କୁ ବ୍ୟାପକ ଭାବେ ସେବା ଯୋଗାଇବା ସହ ସେମାନଙ୍କୁ ଉପରକୁ ଉଠିବାକୁ ସାହାଯ୍ୟ କରିବ। ବିଶେଷ ଭାବରେ ଏହା ଦୁର୍ବଳବର୍ଗଙ୍କ ପାଇଁ ପ୍ରଯୁକ୍ତିବିଦ୍ୟାର ଲାଭ ପହଞ୍ଚାଇବାରେ ସହାୟକ ହେବ। ଆଉ ମଧ୍ୟ ଏହାଦ୍ୱାରା ସମାଜହିତୈଷୀ ବ୍ୟକ୍ତିମାନଙ୍କ ଅଂଶଗ୍ରହଣ ବ୍ୟାପକ ଭାବେ ବୃଦ୍ଧି ପାଇବ।




ଏହି ଅବସରରେ ଆଇଟି ଏବଂ ଇଲେକ୍‌ଟ୍ରୋନିକ୍ସ ନିର୍ମାତା ବୃତ୍ତିଧାରୀ, ଉଦ୍ୟୋଗୀ ଏବଂ ବୈଷୟିକ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିବିଶେଷଙ୍କ ସହ ଭାବର ଆଦାନ ପ୍ରଦାନ କରିବା ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଥିଲେ ଯେ ଲୋକମାନେ ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରିବା, ସମାଜର ସେବା କରିବା ପାଇଁ ଇଚ୍ଛୁକ ଥାଆନ୍ତି ଏବଂ ଏହାଦ୍ୱାରା ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରିଥାନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଦେଶ ଯୁବବର୍ଗ ପ୍ରଯୁକ୍ତିବିଦ୍ୟାର ଶକ୍ତିକୁ ଭଲଭାବେ ଉପଯୋଗ କରୁଛନ୍ତି। ସେ କହିଥିଲେ, ଏହି ଯୁବଗୋଷ୍ଠୀ ବୈଷୟିକ ଜ୍ଞାନକୌଶଳକୁ କେବଳ ନିଜ ପାଇଁ ନୁହଁ, ବରଂ ଅନ୍ୟମାନଙ୍କ ମଙ୍ଗଳ ସକାଶେ ମଧ୍ୟ ଉପଯୋଗ କରୁଛନ୍ତି। ସୂଚନା ପ୍ରଯୁକ୍ତିବିଦ୍ୟାର ବୃତ୍ତିଧାରୀମାନେ କିପରି ସାମାଜିକ ମଙ୍ଗଳ ସକାଶେ ବିଶେଷ ଭାବେ ଅନ୍ୟମାନଙ୍କୁ କୌଶଳଯୁକ୍ତ କରିବା ଏବଂ ସ୍ୱଚ୍ଛତାର ଲକ୍ଷ୍ୟ ହାସଲ କରିବା ଆଦି କାର୍ଯ୍ୟ କରୁଛନ୍ତି ସେ କଥା ଉପରେ ଆଲୋକପାତ କରିଥିଲେ।

ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ବାପୁଙ୍କ ଚଷମା ହେଉଛି 'ସ୍ୱଚ୍ଛ ଭାରତ ଅଭିଯାନ'ର ପ୍ରତୀକ। ଏହାର ପ୍ରେରଣା ହେଉଛନ୍ତି ବାପୁ ଏବଂ ଆମେ ସମସ୍ତେ ବାପୁଙ୍କ ସ୍ୱପ୍ନ ସାକାର କରିବା ପାଇଁ ପ୍ରୟାସ କରୁଛୁ। ଗ୍ରାମୀଣ ଡିଜିଟାଲ୍ ଉଦ୍ୟୋଗୀ ପ୍ରସ୍ତୁତ କରୁଥିବା ଦଳ ଉପଲକ୍ଷେ ପ୍ରଧାନମନ୍ତ୍ରୀ କହିଥିଲେ, ଏଭଳି ଏକ ଭାରତ ସୃଷ୍ଟି କରିବା ଉଚିତ୍ ଯେଉଁଠି ସମସ୍ତଙ୍କ ପାଇଁ ସମାନ ସୁଯୋଗ ମିଳିପାରୁଥିବ।

ଡିସେମ୍ବର ୨୦୧୮

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଛଲ
ସଂପାଦକ ଓ ଉପନିର୍ଦ୍ଦେଶକ: ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ଷଡ଼ବିଂଶ ବର୍ଷ / ତୃତୀୟ ସଂଖ୍ୟା

## ଏ ସଂଖ୍ୟାରେ...

| ବିଷୟ/ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୪ |
| ଡିଜିଟାଲ ଇଣ୍ଡିଆ: ଏକ ସମାବେଶୀ ଓ ସଶକ୍ତ ଭବିଷ୍ୟତ ଆଡ଼କୁ — *ରବିଶଙ୍କର ପ୍ରସାଦ* | ୫ |
| ବିଶେଷ ପ୍ରସଙ୍ଗ: ଆଧାର: ନ୍ୟୁଇଣ୍ଡିଆ ପାଇଁ ଡିଜିଟାଲ ହାଇୱେ — *ଡ. ଅଜୟଭୂଷଣ ପାଣ୍ଡେ* | ୧୨ |
| ସୁରକ୍ଷିତ ଡିଜିଟାଲ ଇଣ୍ଡିଆ — *ରମା ବେଦଶ୍ରୀ* | ୧୬ |
| 'ଡିଜିଟାଲ ଇଣ୍ଡିଆ'ର ପରିବର୍ତ୍ତନବାଦୀ ପ୍ରଭାବ — *ସିମ୍ମି ଚୌଧୁରୀ* | ୨୦ |
| ଇଲେକ୍ଟ୍ରୋନିକ୍ ଉତ୍ପାଦନ: ଭାରତରେ ଏହାର ସୁଯୋଗ ଓ ଭବିଷ୍ୟତ — *ପଙ୍କଜ ମହିନ୍ଦ୍ରୁ* | ୨୫ |
| ଭାରତୀୟ ଭାଷା ସମୂହ ପାଇଁ ବୈଷୟିକ କ୍ଷେତ୍ର: ସ୍ଥିତି ଓ ଭବିଷ୍ୟତ — *ରାଜୀବ ସଙ୍ଗଲ* | ୨୮ |
| ଡିଜିଟାଲ ଇଣ୍ଡିଆ: ପୂର୍ଣ୍ଣ ସ୍ୱରାଜର ପ୍ରାଣକେନ୍ଦ୍ର — *ଡକ୍ଟର ଲଳିତେଶ କାତ୍ରାଗଡ୍ଡା* | ୩୨ |
| ଭାରତରେ ଡିଜିଟାଲ ଲାଇବ୍ରେରୀ: ପରିବର୍ତ୍ତିତ ପ୍ରେକ୍ଷାପଟ — *ଅଜିତ ମଣ୍ଡଳ* | ୩୭ |
| ଫୋକସ୍: ଡିଜିଟାଲ ଇଣ୍ଡିଆ ଏକ ଅପରିହାର୍ଯ୍ୟ ଆବଶ୍ୟକତା — *ଆର୍ ଚନ୍ଦ୍ରଶେଖର* | ୪୧ |
| ଦୂରସଞ୍ଚାର କ୍ଷେତ୍ରରେ ଡିଜିଟାଲ୍ ବିପ୍ଳବର ନିୟନ୍ତ୍ରଣ — *ଡ. ଆର୍.ଏସ୍. ଶର୍ମା* | ୪୬ |
| ଆପଣ ଜାଣନ୍ତି କି ? | ୪୮ |
| ସାମ୍ପ୍ରତୀକି | ୫୦ |

*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ... 

# ବିକାଶର ପୁନର୍ଗଠନ

ଇତିହାସ ଅନେକଗୁଡ଼ିଏ ସାମାଜିକ ଏବଂ ଅର୍ଥନୈତିକ ବିପ୍ଳବର ସାକ୍ଷୀ ହୋଇ ଆସିଛି। କୃଷିଭିତ୍ତିକ ବିପ୍ଳବରୁ ଆରମ୍ଭ କରି ଶିଳ୍ପଭିତ୍ତିକ ଆଉ ତା'ପରେ ବୈଷୟିକ- ଏସବୁ ବିପ୍ଳବ ମାନବ ସମାଜର ରୂପରେଖ ଓ ଜୀବନଧାରାକୁ ବଦଳାଇ ଦେଇଛି। ଆଉ ବର୍ତ୍ତମାନ ଡିଜିଟାଲ ବିପ୍ଳବ ସମାଜ, ସଂସ୍କୃତି ଓ ଜୀବନଶୈଳୀକୁ ପରିବର୍ତ୍ତିତ କରିବାର ଅଗଣିତ ଦିଗନ୍ତ ଉନ୍ମୋଚିତ କରି ପ୍ରଗତିର ବେଗର ନୂତନ ସଂଜ୍ଞା ନିର୍ଦ୍ଧାରଣ କରୁଛି।

ଏକ ପ୍ରକ୍ରିୟା ଭାବରେ ଡିଜିଟାଇଜେସନ୍ ବହୁ ବର୍ଷ ଆଗରୁ ତା'ର ଯାତ୍ରା ଆରମ୍ଭ କରିଛି। କିନ୍ତୁ ଏହାର ଗତି ଏତେ ମନ୍ଥର ଏବଂ ଅସ୍ପଷ୍ଟ ଥିଲା ଯେ ଏହା ପ୍ରାୟ ଅଦେଖା ହୋଇ ରହି ଯାଉଥିଲା। ପ୍ରାଥମିକ ଡିଜିଟାଲ କାର୍ଯ୍ୟଗୁଡ଼ିକ ମୁଖ୍ୟତଃ ରେକର୍ଡଗୁଡ଼ିକର ସଂରକ୍ଷଣ, ଅଫିସ ବା କାର୍ଯ୍ୟାଳୟର ଆଭ୍ୟନ୍ତରୀଣ ପରିଚାଳନା ବ୍ୟବସ୍ଥାକୁ ସୃଷ୍ଟି କରିବା, ଡାଟା ବା ତଥ୍ୟର ପ୍ରକ୍ରିୟାକରଣ ଇତ୍ୟାଦି ଭିତରେ ସୀମିତ ରହୁଥିଲା। ମାତ୍ର ଅଳ୍ପ କେତେ ବର୍ଷ ହେଲା ଡିଜିଟାଲ ବିପ୍ଳବ ସୁଯୋଗର ସମ୍ପୂର୍ଣ୍ଣ ଏକ ନୂଆ ପରିବେଶ ସୃଷ୍ଟି କରି ବିକାଶର ସୁଯୋଗକୁ ନୂତନ ରୂପରେଖ ପ୍ରଦାନ କରୁଛି। ଇଣ୍ଟରନେଟ୍‌ଠାରୁ ଆରମ୍ଭ କରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ଧୀମତ୍ତା) ଏବଂ ରୋବୋଟିକ୍ସ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନବ ଜ୍ଞାନକୌଶଳ ସାମାଜିକ ଏବଂ ଅର୍ଥନୈତିକ ଜ୍ଞାନକୌଶଳ ନିମନ୍ତେ ଅଭୂତପୂର୍ବ ସୁଯୋଗମାନ ସାମ୍ନାକୁ ଆଣିଛି। ବିଶ୍ୱର ଦ୍ରୁତତମ ଅର୍ଥନୀତି ଭାବରେ ବିକାଶ କରୁଥିବା ଭାରତ ଡିଜିଟାଲ ଜ୍ଞାନକୌଶଳର ଦ୍ରୁତ ଆହରଣ ଫଳରେ ସମ୍ପୂର୍ଣ୍ଣ ରୂପାନ୍ତରିତ ହୋଇଛି। ସ୍ମାର୍ଟ ଏବଂ ସଂଯୋଜିତ ଜ୍ଞାନକୌଶଳ, ବ୍ୟବସାୟ, ସରକାର ଏବଂ ସମାଜର ଏକ ଅଭିନ୍ନ ଅଙ୍ଗ ପାଲଟିସାରିଛି। ଲୋକମାନେ ଯେଉଁପରି ପରସ୍ପର ସହିତ ଭାବ ବିନିମୟ କରୁଛନ୍ତି, ସେମାନଙ୍କର ଭାବନାକୁ ବ୍ୟକ୍ତ କରୁଛନ୍ତି, ସେମାନଙ୍କର ଧାରଣାକୁ ପରସ୍ପର ସହିତ ବାଣ୍ଟୁଛନ୍ତି, ସେମାନଙ୍କର ସ୍ୱାସ୍ଥ୍ୟ ଓ ଆର୍ଥିକ କାରବାର ପରିଚାଳନା କରୁଛନ୍ତି, ସେଥିରୁ ଜଣାପଡ଼େ ଯେ ସେସବୁ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଛି।

ଆଇଟି (ସୂଚନା ଓ ପ୍ରଯୁକ୍ତିବିଦ୍ୟା) ବିପ୍ଳବ ଭାରତୀୟ ଅର୍ଥନୀତି ପାଇଁ ଆଗକୁ ଏକ ବଡ଼ ଲମ୍ଫ ଦେବାରେ ସହାୟକ ହୋଇଛି ଏବଂ ଭାରତୀୟ ଯୁବ ବର୍ଗଙ୍କ ନିମନ୍ତେ କର୍ମନିଯୁକ୍ତି ସୃଷ୍ଟି ତଥା ରାଜସ୍ୱ ଅର୍ଜନ ପାଇଁ ଏକ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ଏହାର ସର୍ବୋତ୍କୃଷ୍ଟ ଉଦାହରଣ ହେଉଛି ମୋବାଇଲ ବିପ୍ଳବ ଯାହା ଫଳରେ ପ୍ରତ୍ୟେକ ଭାରତୀୟ, ସେ ଜଣେ ଶିଳ୍ପପତି ହୁଅନ୍ତୁ ଅବା ରିକ୍ସା ଚାଳକ, ଛାତ୍ରଟିଏ ହେଉ ବା ଗୃହିଣୀ ମୋବାଇଲ୍ ଫୋନ୍‌ଟିଏର ବ୍ୟବହାର କରୁଛନ୍ତି। ଅନେକଗୁଡ଼ିଏ ସେବା ବର୍ତ୍ତମାନ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକ ଜରିଆରେ ମିଳି ପାରୁଛି ଯେତେବେଳେ କି ଆଗରୁ ଜଣକୁ ସେହିସବୁ ସେବା ପାଇବା ନିମନ୍ତେ ସଶରୀରେ ସେସବୁ ସ୍ଥାନକୁ ଯିବାକୁ ପଡୁଥିଲା କିମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡୁଥିଲା। ପାସପୋର୍ଟ ଏବଂ ଭିସା, ରେଳ ଟିକେଟ ବୁକିଂ, ବ୍ୟାଙ୍କରୁ ଟଙ୍କା ଉଠାଇବା- ଏସବୁ ସେବା ବର୍ତ୍ତମାନ ଡିଜିଟାଇଜଡ୍ ହୋଇଛି। ସରକାର ତାଙ୍କ ତରଫରୁ ଏହି ବିପ୍ଳବକୁ ଆଗେଇ ନେବା ପାଇଁ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଆଧାର ହେଉଛି ସରକାରଙ୍କର ପ୍ରଥମ ପ୍ରମୁଖ କାର୍ଯ୍ୟକ୍ରମ ଯାହା ସରକାରୀ ସେବାଗୁଡ଼ିକରେ ଡିବିଟି (ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ) ଏବଂ ଜେଏଏମ୍ (ଜାମ୍) ତ୍ରିମୁଖୀ ବ୍ୟବସ୍ଥାକୁ କାଣ୍ଟଛାଣ୍ଟ କରିବା ନିମନ୍ତେ ଲାଗୁ କରାଯାଇଥିଲା। ମୋବାଇଲ୍ ଆପ୍ ଭୀମ୍ (ବିଏଚ୍‌ଆଇଏମ୍) ଏବଂ ରୁପେ ଡେବିଟ୍ କାର୍ଡ୍ ଦ୍ୱାରା ଡିଜିଟାଲ ନେଣଦେଣ କାରବାର ବର୍ତ୍ତମାନ ସମ୍ଭବପର ହୋଇପାରିଛି, ନଥିପତ୍ର ବା ଦସ୍ତାବିଜଗୁଡ଼ିକରେ ଦସ୍ତଖତ କରିବାର କାର୍ଯ୍ୟକୁ ସୁଗମ କରାଇବା ପାଇଁ ଇ- ଦସ୍ତଖତ ବ୍ୟବସ୍ଥାର ପ୍ରଚଳନ କରାଯାଇଛି; 'ଜୀବନ ପ୍ରମାଣ' ବୟସ୍କ ଲୋକମାନଙ୍କ ପାଇଁ ଜୀବନକୁ ଅଧିକ ସହଜ କରି ପାରିଛି ଯେଉଁମାନେ କି ପେନ୍‌ସନ୍ ପାଇବା ନିମନ୍ତେ ବର୍ତ୍ତମାନ ଡିଜିଟାଲ ଜୀବନ୍ତ ପ୍ରମାଣପତ୍ର (ଲାଇଫ୍ ସାର୍ଟିଫିକେଟ୍) ଜରିଆରେ ସେମାନଙ୍କର ଜୀବିକାବସ୍ଥାକୁ ସାବ୍ୟସ୍ତ କରିପାରିବେ। ସାଧାରଣ ସେବା କେନ୍ଦ୍ର (କମନ୍ ସର୍ଭିସ୍ ସେଣ୍ଟର), ଡିଜିଟାଲ ଶ୍ରେଣୀଗୃହ ଏବଂ ଇ-ହସ୍‌ପିଟାଲଗୁଡ଼ିକ ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳମାନଙ୍କରେ ସେବା ଉପଲବ୍ଧ କରାଇବାରେ ସହାୟକ ହୋଇଛନ୍ତି।

ଡିଜିଟାଲ ରୂପାନ୍ତରଣର ଏହି ନିରନ୍ତର ତରଙ୍ଗ ବ୍ୟବସାୟ ଜୀବନର ପ୍ରତ୍ୟେକଟି ଦିଗକୁ ଆଚ୍ଛାଦିତ ଆବୋରିଛି, କିନ୍ତୁ ଅନ୍ୟ ଯେ କୌଣସି ବୈଷୟିକ ଜ୍ଞାନକୌଶଳ ସଦୃଶ ଏହା ମଧ୍ୟ ନକଲି ବିଷୟ, ଅନ୍‌ଲାଇନ୍ ଜାଲିଆତି ଏବଂ ସାଇବର ବଦମାସୀ ଭଳି ଅନେକଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହୋଇ ଆସିଛି। ସରକାର ମଧ୍ୟ ବିଭିନ୍ନ ଉଦ୍ୟୋଗ ଯଥା ବ୍ୟାଙ୍କିଙ୍ଗ୍, ଇନ୍‌ସ୍ୟୁରାନ୍ସ (ବୀମା) ଇତ୍ୟାଦି ଭଳି ଉଦ୍ୟୋଗଗୁଡ଼ିକ କ୍ଷେତ୍ରରେ ତଥ୍ୟ ପ୍ରଦାନ ବ୍ୟବସ୍ଥାରେ ସଙ୍କୋଚତା ଅବଲମ୍ବନ କରିବା ନିମନ୍ତେ ଅନେକଗୁଡ଼ିଏ ସାଇବର ସୁରକ୍ଷା ପଦକ୍ଷେପ ନେଇଛନ୍ତି।

ଡିଜିଟାଇଜେସନ୍ ଦିଗରେ ଯାତ୍ରା ସମାବେଶୀ ବିକାଶର ଏକ ଯାତ୍ରା, ଭାରତକୁ ଏକ ବିଶ୍ୱ ଅର୍ଥନୀତିରେ ରୂପାନ୍ତରିତ କରିବାର ଯାତ୍ରା ହୋଇ ଆସିଛି। ଏହା ଏକ ବିପ୍ଳବ ଯାହା ସାଧାରଣ ଲୋକଙ୍କ ଜୀବନକୁ ପ୍ରାୟ ସବୁ ଦିଗରୁ ଛୁଇଁଛି ଏବଂ ମାନବୀୟ ଅନୁଭୂତିକୁ ବ୍ୟାପକ ଭାବରେ ସରଳ, ବିସ୍ତାରିତ ଏବଂ ସୁସମୃଦ୍ଧ କରି ସମ୍ପୂର୍ଣ୍ଣ ରୂପେ ଏକ ନୂତନ ସଂଜ୍ଞା ପ୍ରଦାନ କରିବାର ସାମର୍ଥ୍ୟ ଏହା ନିକଟରେ ରହିଛି। ଡିଜିଟାଲ୍ ଜ୍ଞାନକୌଶଳ ପାଇଁ ହେଉଥିବା ବ୍ୟୟ ତୁଳନାରେ ଏଥିରୁ ଅଧିକ ସୁଯୋଗ ହାସଲ କରିବାକୁ ହେଲେ ଅନୁଷ୍ଠାନ ଓ ନାଗରିକଙ୍କୁ ଡିଜିଟାଲ୍ ବୁଦ୍ଧିମତ୍ତା ସହିତ ଦାୟିତ୍ୱବୋଧ ମଧ୍ୟ ବଜାୟ ରଖିବାକୁ ହେବ।

# ଡିଜିଟାଲ ଇଣ୍ଡିଆ : ଏକ ସମାବେଶୀ ଓ ସଶକ୍ତ ଭବିଷ୍ୟତ ଆଡ଼କୁ

ରବିଶଙ୍କର ପ୍ରସାଦ

'ଡିଜିଟାଲ ଇଣ୍ଡିଆ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏକ ଦୂରଦୃଷ୍ଟି ସମ୍ପନ୍ନ ଆଦର୍ଶବାଦୀ ପ୍ରୟାସ। ସୂଚନା ପ୍ରଯୁକ୍ତି ଶକ୍ତିକୁ ବ୍ୟବହାର କରି ଭାରତକୁ ପରିବର୍ତ୍ତନ କରିବା ଏହାର ମୌଳିକ ଲକ୍ଷ୍ୟ। ବଞ୍ଚିତ ଓ ଦରିଦ୍ରଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ସ୍ୱଳ୍ପମୂଲ୍ୟରେ ସୂଚନା ପ୍ରଯୁକ୍ତିଲବ୍ଧ ସୁବିଧା ସୁଯୋଗ ଯୋଗାଇଦେବା ଏହାର ଉଦ୍ଦେଶ୍ୟ। ଏହା ଫଳରେ ସେମାନେ ବିକାଶ ପ୍ରକ୍ରିୟାରେ ସମଭାଗୀ ହେବା ସହ ଏହାର ଲାଭ ଉଠାଇପାରିବେ ଏବଂ ଏକ ସମାବେଶୀ ସମାଜ ଓ ଦେଶ ଗଠିତ ହୋଇପାରିବ।

ଏବେ ଭାରତ ତାହାର ସମୃଦ୍ଧ ସୂଚନା ପ୍ରଯୁକ୍ତି ବିଦ୍ୟା (ଇନଫର୍ମେସନ ଟେକ୍‌ନୋଲୋଜି) ବା ଆଇଟି ପାଇଁ ବିଶ୍ୱବ୍ୟାପୀ ପରିଚିତ। ବିଶ୍ୱର ୮୦ଟି ଦେଶର ୨୦୦ରୁ ଅଧିକ ସହରରେ ଭାରତୀୟ ଆଇଟି ଉଦ୍ୟୋଗ ବିଦ୍ୟମାନ। ଭାରତର ଆଇଟି ଉଦ୍ୟୋଗକୁ ତିନି ଭାଗରେ ବିଭକ୍ତ କରାଯାଇପାରେ। ସେଗୁଡ଼ିକ ହେଲା - ପର୍ଯ୍ୟାୟ ୧, ୨ ଓ ୩।

- ପର୍ଯ୍ୟାୟ-୧ : ଏହି ପର୍ଯ୍ୟାୟରେ ଭାରତୀୟ ଆଇଟି ବୃତ୍ତିଧାରୀଗଣ ଓ ଆଇଟି କମ୍ପାନୀସମୂହ ବିଶ୍ୱର ବିଭିନ୍ନ ଭାଗକୁ ଯାଇ ନିଜର ଉପସ୍ଥିତି ଜାହିର କରିଥିଲେ।

- ପର୍ଯ୍ୟାୟ-୨ : ଏହି ପର୍ଯ୍ୟାୟରେ ବିଶ୍ୱର ପ୍ରମୁଖ ଆଇଟି କମ୍ପାନୀମାନେ ଭାରତରେ ପୁଞ୍ଜିନିବେଶ କରି ବିରାଟ ଭାରତୀୟ ବଜାରର ସୁଯୋଗ ଦେବାକୁ ଆରମ୍ଭ କଲେ।

- ପର୍ଯ୍ୟାୟ-୩ : ଏବେ ଚାଲିଥିବା ଆଇଟି ଯୁଗ ଏହି ପର୍ଯ୍ୟାୟର। ଏଥିରେ ଭାରତ ଅଭିନବତା ବା ଇନୋଭେସନ ଏବଂ ଉଦ୍ୟୋଗିକ ବିକାଶର ଏକ ବଡ଼ଧରଣର ଅଭିବୃଦ୍ଧି ଦେଖୁଛି। ଷ୍ଟାର୍ଟଅପ୍ ମାଧ୍ୟମରେ ଭାରତୀୟ ଯୁବବର୍ଗ ଏ କ୍ଷେତ୍ରରେ ନୂଆ ସମ୍ଭାବନା ଓ ଦିଗନ୍ତ ସୃଷ୍ଟି କରିଛନ୍ତି। ଷ୍ଟାର୍ଟଅପଗୁଡ଼ିକୁ ଉତ୍ସାହିତ କରିବା ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ ନୀତି ତଥା କାର୍ଯ୍ୟକ୍ରମ ବେଶ୍ ସଫଳ ହୋଇଛି। ଏହା ଫଳରେ ଭାରତ ଆଜି ବିଶ୍ୱର ତୃତୀୟ ବୃହତମ ଷ୍ଟାର୍ଟଅପ୍ ପରିତନ୍ତ୍ରରେ ପରିଗଣିତ ହେଉଛି।




ଭାରତର ସମୃଦ୍ଧ ଆଇଟି ଉଦ୍ୟୋଗ ଅତି ଦ୍ରୁତଗତିରେ ବଢ଼ୁଛି। ୨୦୧୭-୧୮ରେ ଭାରତୀୟ ଆଇଟି ଉଦ୍ୟୋଗର ମୋଟ ରାଜସ୍ୱ ପରିମାଣ ଥିଲା ୧୬୭ ବିଲିୟନ ଡଲାର। ଭାରତ ଏହି ସମୟରେ ୧୨୫ ବିଲିୟନ ଡଲାର ମୂଲ୍ୟର ରପ୍ତାନୀ ଏ କ୍ଷେତ୍ରରେ କରିଥିଲା।

ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମରେ ସରକାର ବିଭିନ୍ନ ପ୍ରୟାସ ହାତକୁ ନେଇଛନ୍ତି। ଡିଜିଟାଲ ଆଇଡେଣ୍ଟିଟି ପ୍ରଦାନ, ଡିଜିଟାଲ ଭିତ୍ତିଭୂମି ସୃଷ୍ଟି, ଡିଜିଟାଲ ଡେଲିଭରି ସେବା ବ୍ୟବସ୍ଥା ପ୍ରବର୍ତ୍ତନ ଏବଂ ନିଯୁକ୍ତି ଓ ଉଦ୍ୟମିତାର ପ୍ରୋତ୍ସାହନ ସେଥି ମଧ୍ୟରୁ ଅନ୍ୟତମ। ଏସବୁ ପ୍ରୟାସର ଲକ୍ଷ୍ୟ ହେଲା ଭାରତକୁ ଡିଜିଟାଲ କ୍ଷେତ୍ରରେ ଏକ ସମୃଦ୍ଧ ସମାଜରେ ପରିଣତ କରି ନାଗରିକଙ୍କ ଜୀବନରେ ଉଲ୍ଲେଖନୀୟ

ପରିବର୍ତ୍ତନ ଆଣିବା।

**ଡିଜିଟାଲ ଆଇଡେଣ୍ଟିଟି:**

ଡିଜିଟାଲ ଆଇଡେଣ୍ଟିଟି, ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ପହଞ୍ଚ ଏବଂ ଦକ୍ଷତା / କ୍ଷମତାକୁ ଖୋଲିବାର ଚାବି ସଦୃଶ। ଆଧାର ବ୍ୟବସ୍ଥାରେ ଦେଶର ୧୨୨କୋଟି ନାଗରିକ ଅନ୍ତର୍ଭୁକ୍ତ। ବ୍ୟକ୍ତିବିଶେଷଙ୍କ ଶାରୀରିକ ପରିଚୟ ସହିତ ସେମାନଙ୍କୁ ଅତିରିକ୍ତ ଭାବେ ଏକ ଡିଜିଟାଲ ପରିଚୟ ଦେଇ ତା' ମାଧ୍ୟମରେ ସେମାନଙ୍କୁ ବିଭିନ୍ନ ସାମାଜିକ କଲ୍ୟାଣକାରୀ କାର୍ଯ୍ୟକ୍ରମର ଲାଭ ପହଞ୍ଚାଇବାକୁ ଏହା ଉଦ୍ଦିଷ୍ଟ। ଏହା ଫଳରେ ଯୋଜନାର ରୂପାୟନ କ୍ଷେତ୍ରରେ ଥିବା ଛିଦ୍ର ଓ ଦୁର୍ନୀତି ବନ୍ଦ ହୋଇପାରିଛି। ଏବେ ୪୩୪ଟି ସରକାରୀ ସେବାର ଲାଭ ଆଧାରଭିତ୍ତିକ ବ୍ୟବସ୍ଥାରେ ହିତାଧିକାରୀଙ୍କୁ ସିଧାସଳଖ ଯୋଗାଇଦିଆଯାଉଛି। ଏ ସମ୍ପର୍କରେ ଅନ୍ୟତ୍ର ସବିଶେଷ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ ତାଙ୍କର ଐତିହାସିକ ରାୟରେ ଆଧାରର ସାମ୍ବିଧାନିକ ବୈଧତାକୁ କେବଳ ମାନ୍ୟତା ଦେଇନାହାନ୍ତି, ଏହାକୁ ମଧ୍ୟ ଗରିବଙ୍କ ସଶକ୍ତୀକରଣର ଏକ ଅସ୍ତ୍ର ଭାବେ ବର୍ଣ୍ଣନା କରିଛନ୍ତି।




**ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକଚର:**

ଡିଜିଟାଲ ଇଣ୍ଡିଆର ସଫଳତା ପାଇଁ ବଡ଼ଧରଣର ଭିତ୍ତିଭୂମି ନିର୍ମାଣର ଆବଶ୍ୟକତା ରହିଛି। ସେଥି ମଧ୍ୟରୁ ଭାରତ ନେଟ୍, ନେସନାଲ ନଲେଜ ନେଟୱାର୍କ, ଜିଆଇ କ୍ଲାଉଡ୍ ଓ ଇ-ସାଇନ୍ ଆଦି ଅନ୍ୟତମ।

**- ଭାରତ ନେଟ୍ :** ଏହା ଭାରତର ଗ୍ରାମାଞ୍ଚଳରେ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଯୋଗାଇଦେବାକୁ ଉଦ୍ଦିଷ୍ଟ। ଏଥି ପାଇଁ ଅପ୍ଟିକାଲ ଫାଇବର ନେଟୱାର୍କ ମାଧ୍ୟମରେ ଦେଶର ୨.୫୦ ଲକ୍ଷ ଗ୍ରାମ ପଞ୍ଚାୟତକୁ ସମ୍ପୃକ୍ତ କରିବା କାମ ଚାଲିଛି। ଏହି ପ୍ରୟାସରେ ଏ ପର୍ଯ୍ୟନ୍ତ ସାରା ଦେଶରେ ୨,୯୧,୬୮୯ କିଲୋମିଟର ଦୈର୍ଘ୍ୟ ଅପ୍ଟିକାଲ ଫାଇବର ବିଛା ସରିଲାଣି। ୨୦୧୮ ନଭେମ୍ବର ୩ ତାରିଖ ସୁଦ୍ଧା ଦେଶର ୧,୧୯,୯୪୭ ଗ୍ରାମପଞ୍ଚାୟତ ଏହି ବ୍ୟବସ୍ଥାରେ ସଂଯୁକ୍ତ ହୋଇଛି।

**- ନ୍ୟାସନାଲ ନଲେଜ୍ ନେଟୱାର୍କ :** ସଂକ୍ଷେପରେ ଏନ୍‌କେଏନ୍ ଭାବେ ପରିଚିତ ଏହି କାର୍ଯ୍ୟକ୍ରମ ଏକ ଅତ୍ୟାଧୁନିକ ସଂଯୋଗ ବ୍ୟବସ୍ଥା ଯାହା ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଓ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ସହଯୋଗ ଓ ସମ୍ପର୍କ ବୃଦ୍ଧିକୁ ପ୍ରୋତ୍ସାହିତ କରିବାକୁ ଉଦ୍ଦିଷ୍ଟ। ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ କ୍ଲାସରୁମ୍, କୋଲାବରେଟର ରିସର୍ଚ୍ଚ ଗ୍ରୁପ୍, ଏନ୍‌ଡିଏଲ୍, ଏନ୍‌ପିଟିଇଏଲ ଓ ବିଭିନ୍ନ ଗ୍ରୀଡ୍ (କ୍ୟାନସର ଗ୍ରୀଡ୍, ବ୍ରେନ୍ ଗ୍ରୀଡ୍, କ୍ଲାଇମେଟ ଚେଞ୍ଜ









ଗ୍ରୀଡ୍) ଅନ୍ତର୍ଭୁକ୍ତ। ୨୦୧୮ ଅକ୍ଟୋବର ସୁଦ୍ଧା ୧୬୭୨ ପ୍ରତିଷ୍ଠାନରେ ଏଜ୍-ଲିଙ୍କ ଆରମ୍ଭ କରାଯାଇଛି ଏବଂ ଏନ୍‌କେଏନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହାଛଡ଼ା ଏହି ବ୍ୟବସ୍ଥାରେ ଦେଶର ୪୯୭ଟି ଜିଲ୍ଲାର ଏନ୍‌ଆଇସି ସଂଯୁକ୍ତ ହୋଇ ସେଠାରେ ଏନ୍‌କେଏନ୍ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇପାରିଛି।

**ଜିଆଇ କ୍ଲାଉଡ୍ (ମେଘରାଜ) :** କ୍ଲାଉଡ୍ କମ୍ପ୍ୟୁଟିଙ୍ଗ୍ ବ୍ୟବସ୍ଥାର ଲାଭକୁ ଉପଯୋଗ କରିବା ପାଇଁ ଜିଆଇ କ୍ଲାଉଡ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହାର ନାମ ରଖାଯାଇଛି ମେଘରାଜ। ଏହାଦ୍ୱାରା ଦେଶରେ ଇ-ସର୍ଭିସ୍ ଡେଲିଭରୀ ବ୍ୟବସ୍ଥା ତ୍ୱରାନ୍ୱିତ ହୋଇପାରିବ ଏବଂ ସରକାର ଆଇସିଟି ବାବଦରେ ଯେଉଁ ଖର୍ଚ୍ଚ କରୁଛନ୍ତି ତାହାର ସର୍ବୋତ୍ତମ ଉପଯୋଗ ହେବ। ଇ-ଗଭ୍ (ଇ-ପ୍ରଶାସନ) ବ୍ୟବସ୍ଥାକୁ ଏହା ତ୍ୱରାନ୍ୱିତ କରିପାରିବ। ଏବେ ୧୫୩୦୦ ଭର୍ଚୁଆଲ୍ ସର୍ଭରରେ ୮୯୦ରୁ ଅଧିକ ଇ-ଗଭ୍ ଆପ୍ଲିକେସନ ଚାଲୁଛି।

**ଇ-ସାଇନ୍ :** ଇ-ସାଇନ୍ ବା ଇଲେକ୍‌ଟ୍ରୋନିକ୍ ସିଗ୍‌ନେଚର (ଦସ୍ତଖତ) ସେବା ଏକ ଅଭିନବ ପ୍ରୟାସ। ଇ-କେୱାଇସି ସେବା ଉପଯୋଗ କରି ଅଧିକୃତ ଦସ୍ତଖତକାରୀଙ୍କ ଜରିଆରେ ସହଜ, ସୁବିଧା ଓ ସୁରକ୍ଷିତ ଭାବେ ଇଲେକ୍‌ଟ୍ରୋନିକ୍ ଡକୁମେଣ୍ଟରେ ଦସ୍ତଖତ କରାଯାଇପାରୁଛି। ଡିଜିଟାଲ ଲକର, ବିତ୍ତୀୟ କ୍ଷେତ୍ରରେ ଇ-ଫାଇଲିଙ୍ଗ, ଡ୍ରାଇଭିଂ ଲାଇସେନ୍ସ ନବୀକରଣ, ଗାଡ଼ି ପଞ୍ଜୀକରଣ, ବିଭିନ୍ନ ପ୍ରକାର ସାର୍ଟିଫିକେଟ, ବ୍ୟାଙ୍କ ଏବଂ ଡାକଘର ଆକାଉଣ୍ଟ ଖୋଲିବା ଆଦି କ୍ଷେତ୍ରରେ ଇ-ସାଇନ୍ ବ୍ୟବହୃତ ହେଉଛି। ଏପର୍ଯ୍ୟନ୍ତ ପାଞ୍ଚଟି ଇ-ସାଇନ୍ ପ୍ରୋଭାଇଡରକୁ ଅନ୍‌ବୋଡେଡ୍ (କାର୍ଯ୍ୟକାରୀ) କରାଯାଇଛି ଏବଂ ଏହା ମାଧ୍ୟମରେ ୫.୮୯ କୋଟିରୁ ଅଧିକ ଇ-ସାଇନ୍ ପ୍ରଦାନ କରାଯାଇସାରିଲାଣି।

ଡିଜିଟାଲ ଆଇଡେଣ୍ଟିଟି, ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ପହଞ୍ଚ ଏବଂ ଦକ୍ଷତାକୁ ଖୋଲିବାର ଚାବି ସଦୃଶ। ଆଧାର ବ୍ୟବସ୍ଥାରେ ଦେଶର ୧୨୨କୋଟି ନାଗରିକ ଅନ୍ତର୍ଭୁକ୍ତ। ବ୍ୟକ୍ତିବିଶେଷଙ୍କ ଶାରୀରିକ ପରିଚୟ ସହିତ ସେମାନଙ୍କୁ ଅତିରିକ୍ତ ଭାବେ ଏକ ଡିଜିଟାଲ ପରିଚୟ ଦେଇ ତା' ମାଧ୍ୟମରେ ସେମାନଙ୍କୁ ବିଭିନ୍ନ ସାମାଜିକ କଲ୍ୟାଣକାରୀ କାର୍ଯ୍ୟକ୍ରମର ଲାଭ ପହଞ୍ଚାଇବାକୁ ଏହା ଉଦ୍ଦିଷ୍ଟ। ଏହା ଫଳରେ ଯୋଜନାର ରୂପାୟନ କ୍ଷେତ୍ରରେ ଥିବା ଛିଦ୍ର ଓ ଦୁର୍ନୀତି ବନ୍ଦ ହୋଇପାରିଛି। ଏବେ ୪୩୪ଟି ସରକାରୀ ସେବାର ଲାଭ ଆଧାରଭିତ୍ତିକ ବ୍ୟବସ୍ଥାରେ ହିତାଧିକାରୀଙ୍କୁ ସିଧାସଳଖ ଯୋଗାଇଦିଆଯାଉଛି। ଏ ସମ୍ପର୍କରେ ଅନ୍ୟତ୍ର ସବିଶେଷ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ ତାଙ୍କର ଐତିହାସିକ ରାୟରେ ଆଧାରର ସାମ୍ବିଧାନିକ ବୈଧତାକୁ କେବଳ ମାନ୍ୟତା ଦେଇନାହାନ୍ତି, ଏହାକୁ ମଧ୍ୟ ଗରିବଙ୍କ ସଶକ୍ତୀକରଣର ଏକ ଅସ୍ତ୍ର ଭାବେ ବର୍ଣ୍ଣନା କରିଛନ୍ତି।

**ଉତ୍ତମ ଶାସନ ପାଇଁ ଡିଜିଟାଲ ଇଣ୍ଡିଆ :**

● ଜନଧନ ଆଧାର-ମୋବାଇଲ ଓ ପ୍ରତ୍ୟକ୍ଷ ଲାଭ ଯୋଗାଣ ବ୍ୟବସ୍ଥା -ଜନଧନ-ଆଧାର-ମୋବାଇଲ ଏହି ତିନିଟିକୁ ନେଇ ସରକାର 'ଜାମ୍ ଟ୍ରିନିଟି' ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀଙ୍କୁ ଯେଉଁ ପ୍ରତ୍ୟକ୍ଷ ଲାଭ ଯୋଗାଇଦିଆଯାଉଛି ତାହା ବାଟମାରଣା ନ'ହୋଇ ସିଧାସଳଖ ଉଦ୍ଦିଷ୍ଟ ଲୋକଙ୍କ ପାଖରେ ଯେପରି ପହଞ୍ଚିବ ତାହା ନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ। ଏହି ବ୍ୟବସ୍ଥାରେ ୩୨କୋଟି ୯୪ଲକ୍ଷ ଲୋକଙ୍କ ଜନଧନ ବ୍ୟାଙ୍କ ଆକାଉଣ୍ଟ, ୧୨୧ କୋଟି ମୋବାଇଲ ଫୋନ୍ ଓ ଡିଜିଟାଲ ଆଇଡେଣ୍ଟିଟି ଏବଂ ୧୨୨ କୋଟି ଆଧାର ସଂଯୁକ୍ତ ହୋଇଛି। ମୋଟ୍ ୪୩୪ଟି ସରକାରୀ ଯୋଜନା/ସ୍କିମ୍‌ରେ

ହିତାଧିକାରୀଙ୍କୁ ସେମାନଙ୍କ ସରକାରୀ ପ୍ରାପ୍ୟ ଏହି ବ୍ୟବସ୍ଥାରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଛି। ଗତ ପାଞ୍ଚବର୍ଷ ମଧ୍ୟରେ ସରକାରୀ ତହବିଲରୁ ମୋଟ୍ ୫କୋଟି ୯ଲକ୍ଷ କୋଟି ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯାଇଛି। ଫଳରେ ଅପଚୟ ରୋକାଯାଇ ପାରିଛି ଓ ସରକାର ମୋଟ୍ ୯୦ ହଜାର କୋଟି ଟଙ୍କା ଏବାବଦରେ ସଞ୍ଚୟ କରିପାରିଛନ୍ତି। ଏହାଦ୍ୱାରା ସରକାରୀ ସେବା ଯୋଗାଣର ଦକ୍ଷତା ବଢ଼ିଛି ଏବଂ ଏ କ୍ଷେତ୍ରରେ ଚାଲିଥିବା ଚୋରି ଓ ଦୁର୍ନୀତିକୁ ରୋକାଯାଇପାରିଛି।

● **ଡିଜିଟାଲ ପେମେଣ୍ଟ :** ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ଅଭିବୃଦ୍ଧି ଓ ପରିବେଶ ଯାହା ସେଥିରେ ଭାରତର ଅର୍ଥନୀତିରେ ବଡ଼ଧରଣର ପରିବର୍ତ୍ତନ ଅବସ୍ୟମ୍ଭାବୀ। ଗତ ଚାରିବର୍ଷ ମଧ୍ୟରେ ଡିଜିଟାଲ ପେମେଣ୍ଟ କାରବାର ବହୁଗୁଣ ବଢ଼ିଛି। ୨୦୧୪-୧୫ରେ ଏହାର ପରିମାଣ ମାତ୍ର ୩୧୬ କୋଟି ଥିବାବେଳେ ୨୦୧୭-୧୮ରେ ଏହା ୨୦୭୧କୋଟିରେ ପହଞ୍ଚିଛି। ଏବେ ଭିମ୍-ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍) ପ୍ଲାଟଫର୍ମ ଏବଂ ରୁପେ ଡେବିଟ୍ କାର୍ଡ ବିଶେଷ ଲୋକପ୍ରିୟ ହୋଇଛି। କ୍ରୟ ବିକ୍ରୟରେ ନେଣଦେଣ ତଥା ଟଙ୍କା ପ୍ରେରଣ କ୍ଷେତ୍ରରେ ବିନା ନଗଦରେ ଏହା ସବୁଠୁ ଲୋକପ୍ରିୟ ଡିଜିଟାଲ ମାଧ୍ୟମ ପାଲଟିଛି।

● **ଉମଙ୍ଗ :** ଏହି ବ୍ୟବସ୍ଥା ଶାସନ କରିବାର କ୍ଷମତା ସାଧାରଣ ଲୋକଙ୍କ ହାତକୁ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ଏକ ମୋବାଇଲ ଆପ୍ ଯାହା ୩୦୭ରୁ ଅଧିକ ସରକାରୀ ସେବା ଯୋଗାଉଛି। ଗୋଟିଏ ମୋବାଇଲ ଆପ୍‌ରେ ୧୨୦୦ ରୁ ଅଧିକ ଡିଜିଟାଲ ସର୍ଭିସ୍ ଯୋଗାଇଦେବାର ଲକ୍ଷ୍ୟ ରହିଛି। ୨୦୧୭ ନଭେମ୍ବରରେ ଆରମ୍ଭ ହେବା ପରଠାରୁ ଆଠକୋଟି ଚାରି ଲକ୍ଷରୁ ଅଧିକ ୟୁଜର୍ ୨୦୧୭ ନଭେମ୍ବର ସୁଦ୍ଧା ଏହି ଆପ୍‌କୁ ଡାଉନ୍‌ଲୋଡ୍ କରିଥିଲେ। ଏବେ ବିଭିନ୍ନ ୱେବ୍‌ସାଇଟ୍ ସର୍ଫିଂ କରିବା ପରିବର୍ତ୍ତେ, ସରକାରୀ ସେବା ଅପେକ୍ଷାରେ ଥିବା ନାଗରିକମାନେ ଗୋଟିଏ ମାତ୍ର ମୋବାଇଲ ଆପ୍ ବ୍ୟବହାର କରି ନିଜର ଉଦ୍ଦେଶ୍ୟ ସାଧନ କରିପାରିବେ। ଏହି ଆପ୍‌କୁ ୧୩ଟି ଭାଷାରେ ଆକ୍‌ସେସ୍ କରିହେବ।

● **ଡିଜିଟାଲ ଡେଲିଭରୀ ଅଫ୍ ସର୍ଭିସ୍ :** ଏହା ଏବେ ସର୍ବତ୍ର ପରିବ୍ୟାପ୍ତ। ଡେଡିକେଟେଡ୍ ପୋର୍ଟାଲ କିମ୍ବା ଉମଙ୍ଗ ମୋବାଇଲ ଆପ୍ ଦ୍ୱାରା ଏହା ସହଜରେ ଉପଲବ୍ଧ। ଏହାର କିଛି ଲୋକପ୍ରିୟ ଡିଜିଟାଲ ସର୍ଭିସ ହେଲା ନେସନାଲ ସ୍କଲାରସିପ୍ ପୋର୍ଟାଲ, ଜୀବନପ୍ରମାଣ, ଇ-ହସ୍‌ପିଟାଲ ଓ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ ସର୍ଭିସ, ସଏଲ ହେଲ୍‌ଥ କାର୍ଡ, ଇ-ନାମ। ଡିଜି ଲକର, ଇ-ଭିସା, ଇ-କୋର୍ଟସ, ନେସନାଲ ଜୁଡିସିଆର ଡାଟାଗ୍ରିଡ୍ ଓ ଗେମ୍।

ନେସନାଲ ସ୍କଲାରସିପ୍ ପୋର୍ଟାଲରୁ ଛାତ୍ରଛାତ୍ରୀଙ୍କୁ ଜାତୀୟ ମେଧା ବୃତ୍ତି ସଂକ୍ରାନ୍ତ ସମସ୍ତ ତଥ୍ୟ ଗୋଟିଏ ସ୍ଥାନରୁ ମିଳୁଛି। ପଞ୍ଜିକୃତ ୧.୦୮କୋଟି ଛାତ୍ରଛାତ୍ରୀଙ୍କୁ ଗତ ତିନିବର୍ଷ ମଧ୍ୟରେ ୫୨୯୫ କୋଟି ଟଙ୍କାର ବୃତ୍ତି ଅର୍ଥ ଯୋଗାଇ ଦିଆଯାଇଛି। ସେହିଭଳି ଜୀବନ ପ୍ରମାଣ ବ୍ୟବସ୍ଥାରେ ପେନ୍‌ସନ୍ ଭୋଗୀଙ୍କ ଭେରିଫିକେସନ୍ କାର୍ଯ୍ୟ ଆଧାର ଡିଜିଟାଲ ଆଇଡେଣ୍ଟିଟି ମାଧ୍ୟମରେ ସହଜରେ କରିହେଉଛି। ୨୦୧୪ରେ ୧କୋଟି ୭୩ ଲକ୍ଷ ଡିଜିଟାଲ ଲାଇଫ୍






ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

● **ଇ-ହସ୍‌ପିଟାଲ ଓ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ସର୍ଭିସେସ୍ :** ରୋଗୀଙ୍କୁ ସୁବିଧାରେ ଡାକ୍ତରଙ୍କୁ ଦେଖାଇବା ବ୍ୟବସ୍ଥା ନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ। ଦେଶର ୩୧୮ ହସ୍‌ପିଟାଲରେ ଏହା କାର୍ଯ୍ୟକାରୀ ହେଉଛି। ୨୦୧୫ ସେପ୍ଟେମ୍ବର ଠାରୁ ଦେଶର ସବୁ ରାଜ୍ୟରେ ଏହା କାର୍ଯ୍ୟକାରୀ ହେଉଛି ଏବଂ ଏହି ବ୍ୟବସ୍ଥାରେ ମୋଟ୍ ୫.୬ କୋଟିର ଇ-ହସ୍‌ପିଟାଲ କାରବାର (ଟ୍ରାନ୍‌ଜାକସନ୍) ହୋଇଛି।

● **ସଏଲ ହେଲ୍‌ଥକାର୍ଡ :** ଜାତୀୟ ସଏଲ ହେଲ୍‌ଥକାର୍ଡ (ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ) କାର୍ଯ୍ୟକ୍ରମ ୨୦୧୫ରୁ ଦେଶରେ କାର୍ଯ୍ୟକାରୀ ହୋଇଛି। ମାଟିର ସ୍ୱାସ୍ଥ୍ୟ ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ଚାଷୀଙ୍କୁ ବିଭିନ୍ନ ତଥ୍ୟ ଡିଜିଟାଲ ବ୍ୟବସ୍ଥାରେ ଯୋଗାଇ ଦିଆଯାଉଛି। ଏ ପର୍ଯ୍ୟନ୍ତ ୧୩କୋଟି କାର୍ଡ ଯୋଗାଇଦିଆଗଲାଣି।

● **ଇ-ନାମ୍ :** ଇଲେକ୍‌ଟ୍ରୋନିକ୍ ନେସ୍‌ନାଲ ଏଗ୍ରିକଲଚର ମାର୍କେଟ (ଇ-ନାମ୍) ଏକ ଇଲେକଟ୍ରୋନିକ୍ ବ୍ୟବସାୟିକ ପୋର୍ଟାଲ। ଏହା ଦେଶର ସବୁ ପ୍ରମୁଖ ମଣ୍ଡି ଓ କୃଷି କମିଟିକୁ ସଂଯୁକ୍ତ କରୁଛି। କୃଷିଜାତ ଦ୍ରବ୍ୟ ପାଇଁ ସମଗ୍ର ଦେଶରେ ଏକକ ବଜାର ସୃଷ୍ଟି କରିବା ଏହାର ଲକ୍ଷ୍ୟ। ଏହି ବ୍ୟବସ୍ଥାରେ ଏପର୍ଯ୍ୟନ୍ତ ୧୬ଟି ରାଜ୍ୟର ୫୮୫ ମାର୍କେଟ ସଂଯୁକ୍ତ। ଏଥିରେ ପ୍ରାୟ ୯୩ ଲକ୍ଷ ଚାଷୀ ଯୋଡ଼ି ହୋଇଛନ୍ତି। ଏହି ବଜାରରେ କାରବାର ପାଇଁ ୮୪ ହଜାର ବ୍ୟବସାୟୀ ଏଯାଏ ପଞ୍ଜୀକୃତ।

● **ଡିଜିଲକର :** କୌଣସି ସରକାରୀ ସୁଯୋଗ ପାଇବା ପାଇଁ କାଗଜପତ୍ର ଦାଖଲ କରିବା ବା ଦେଖାଇବା ବ୍ୟବସ୍ଥାର ଅବସାନ ଘଟାଇବା ଡିଜିଲକର ଉଦ୍ଦେଶ୍ୟ। ଡିଜିଲକରରେ ଏଯାଏ ୧.୫୬କୋଟିରୁ ଅଧିକ ବ୍ୟବହାରକାରୀ ପଞ୍ଜୀକୃତ ହୋଇଛନ୍ତି। ଏହା ମାଧ୍ୟମରେ ୩୩୬ କୋଟି ସାର୍ଟିଫିକେଟ ଡିଜିଟାଲ ରୂପରେ ଯୋଗାଇ ଦିଆଯାଇଛି। ପ୍ୟାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ଆଧାର ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏଥିରେ ଡିଜିଟାଲ ଆକାରରେ ସଂରକ୍ଷିତ ହେଉଛି।

● **ଇ-ଭିସା :** ଏହି ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଅନ୍‌ଲାଇନ୍‌ରେ ଭିସା ପାଇଁ ଆବେଦନ କରିବାର ବ୍ୟବସ୍ଥା ଅଛି। ଏଥିରେ ମଧ୍ୟସ୍ଥ ବା ଏଜେଣ୍ଟଙ୍କର ଆବଶ୍ୟକତା ନାହିଁ। ଦେଶର ୨୪ଟି ବିମାନ ବନ୍ଦର ଓ ପାଞ୍ଚଟି ବନ୍ଦରରେ ୧୬୩ ଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଇ-ଟୁରିଷ୍ଟ ଭିସା ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି। ୨୦୧୪ରେ ଏହି ସ୍କିମ୍ ଆରମ୍ଭ ହେବାପରେ ଏଯାଏ ୪୧ଲକ୍ଷ ଇ-ଭିସା ପ୍ରଦାନ କରାଯାଇଛି।

● **ଇ-କୋର୍ଟ :** ଇ-କୋର୍ଟ ମୋବାଇଲ ଆପ୍ ଓ ପୋର୍ଟାଲ ମାଧ୍ୟମରେ ଏବେ ବିଭିନ୍ନ ଅଦାଲତରେ ମାମଲାଗୁଡ଼ିକର ସ୍ଥିତି ସମ୍ପର୍କରେ ତଥ୍ୟ ଜାଣି ହେଉଛି। ଓକିଲ ଓ ମହକିଲ ଉଭୟ ଏହି ବ୍ୟବସ୍ଥାରେ ଅଦାଲତରୁ ନୋଟିସ ଓ ଅନ୍ୟାନ୍ୟ ତଥ୍ୟ ମଧ୍ୟ ପାଇପାରୁଛନ୍ତି।

● **ନ୍ୟାସ୍‌ନାଲ ଜୁଡିସିଆଲ୍ ଡାଟାଗ୍ରୀଡ୍ :** ଏହା ଅଦାଲତରେ ପଡ଼ିରହିଥିବା ୯କୋଟି ୧୬ଲକ୍ଷ ମାମଲାର ଏକ ପୂର୍ଣ୍ଣାଙ୍ଗ ତଥ୍ୟ ତାଲିକା। ଏଥିରେ ମଧ୍ୟ ୫କୋଟି ୬୩ଲକ୍ଷ ମାମଲାରେ ଅଦାଲତ ଦେଇଥିବା ରାୟର ତଥ୍ୟ ରହିଛି। ଇ-କୋର୍ଟ ବ୍ୟବସ୍ଥା ସହ ଏହା ସଂଯୁକ୍ତ। ଉଭୟ ହାଇକୋର୍ଟ ଓ ଜିଲ୍ଲା କୋର୍ଟଗୁଡ଼ିକରେ ବିଚାରାଧୀନ ଥିବା ସମସ୍ତ ପ୍ରକାର ମକଦ୍ଦମା, ଫଇସଲା ହୋଇଥିବା ମାମଲା ଆଦିର ତଥ୍ୟ ମଧ୍ୟ ଏଥିରେ ସନ୍ନିବେସିତ।

● **ଜିଇଏମ୍ ବା ଗଭର୍ଣ୍ଣମେଣ୍ଟ ଇ-ମାର୍କେଟ :** ଏହା ଏକ ସ୍ୱଚ୍ଛ ଅନ୍‌ଲାଇନ୍ ବ୍ୟବସ୍ଥା ଯାହା ମାଧ୍ୟମରେ

ସରକାରୀ ସାମଗ୍ରୀ ସବୁ କ୍ରୟ ହୋଇଥାଏ। ଏହି ପ୍ଲାଟଫର୍ମରେ ୨୯,୮୧୨ କ୍ରେତା ସଂଗଠନ, ୧,୫୫,୮୨୧ ବିକ୍ରେତା ଓ ସେବା ପ୍ରଦାନକାରୀ ତଥା ୬,୦୧,୭୪୯ ସାମଗ୍ରୀ ପଞ୍ଜୀକୃତ। ଏହାଫଳରେ ସରକାରୀ କ୍ରୟରେ ସ୍ୱଚ୍ଛତା ଆସିଛି ଓ ଅଣୁ, କ୍ଷୁଦ୍ର ତଥା ମଧ୍ୟମ ଉଦ୍ୟୋଗଗୁଡ଼ିକ ସରକାର ଓ ସରକାରୀ ଉଦ୍ୟୋଗଗୁଡ଼ିକୁ ନିଜର ସାମଗ୍ରୀ ଉପଯୁକ୍ତ ମୂଲ୍ୟରେ ବିକି ପାରୁଛନ୍ତି।

**ନିଯୁକ୍ତି, ଉଦ୍‌ଯୋଗ ଓ ସଶକ୍ତିକରଣ ପାଇଁ ଡିଜିଟାଲ ଇଣ୍ଡିଆ :**

● **ସାଧାରଣ ସେବା କେନ୍ଦ୍ର ବା କମନସର୍ଭିସ୍ ସେଣ୍ଟର :** ଲୋକଙ୍କୁ ସେମାନଙ୍କ ଘର ପାଖରେ ଡିଜିଟାଲ ସେବା ଯୋଗାଇଦେବା ପାଇଁ ସାଧାରଣ ସେବା କେନ୍ଦ୍ର ସମଗ୍ର ଦେଶରେ ଏକ ବିରାଟ ନେଟ୍‌ୱାର୍କ। ଏଥିରେ ଦେଶରେ ୨.୧୦ଲକ୍ଷ ଗ୍ରାମପଞ୍ଚାୟତରେ ୩ଲକ୍ଷ ୬ ହଜାର ଡିଜିଟାଲ ସେବା ପ୍ରଦାନକାରୀ କେନ୍ଦ୍ର ଖୋଲାଯାଇଛି। ଗ୍ରାମାଞ୍ଚଳରେ ଲୋକଙ୍କୁ ସ୍ୱଳ୍ପମୂଲ୍ୟରେ ଏହା ମାଧ୍ୟମରେ ଡିଜିଟାଲ ସେବା ଯୋଗାଇଦିଆଯାଉଛି। ଏହି କେନ୍ଦ୍ର ମାଧ୍ୟମରେ ଗ୍ରାମାଞ୍ଚଳରେ ବଞ୍ଚିତ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସଶକ୍ତ କରିବା ସହ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ମାଧ୍ୟମରେ ୧୨ଲକ୍ଷ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସବୁଠୁ ଉଲ୍ଲେଖନୀୟ ଘଟଣା ହେଲା ଏହି ପ୍ରକ୍ରିୟାରେ ୬୧,୦୫୫ ମହିଳା ଅଛନ୍ତି। ସାଧାରଣ ସେବା କେନ୍ଦ୍ରଗୁଡ଼ିକ ପକ୍ଷରୁ ମଧ୍ୟ ସ୍ତ୍ରୀ ସ୍ୱାଭିମାନ ପ୍ରୟାସ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ମାଧ୍ୟମରେ ମହିଳାଙ୍କୁ ଋତୁସ୍ରାବକାଳୀନ ସଚେତନତା ଓ ସ୍ୱାସ୍ଥ୍ୟରକ୍ଷା ଆଦି ସମ୍ପର୍କରେ ଅବଗତ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ୩୦୦ କ୍ଷୁଦ୍ର ସାନିଟାରୀ ପ୍ୟାଡ୍ ତିଆରି ୟୁନିଟ୍ ପ୍ରତିଷ୍ଠା କରାଯାଇଛି। ଏହା ଫଳରେ ଗ୍ରାମାଞ୍ଚଳ ମହିଳା ସ୍ୱଳ୍ପ ମୂଲ୍ୟରେ ସାନିଟାରୀ ପ୍ୟାଡ୍ ପାଇବା ସହ କିଛି କର୍ମନିଯୁକ୍ତିର ସୁବିଧା ମଧ୍ୟ ପାଉଛନ୍ତି।

● **ଜନସାଧାରଣଙ୍କ ପାଇଁ ଡିଜିଟାଲ ସାକ୍ଷରତା :** ଡିଜିଟାଲ ଯାତ୍ରାରେ ପ୍ରତ୍ୟେକ ମଣିଷକୁ ଇ-ସାକ୍ଷର କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ପରିବାରକୁ ଇ-ସାକ୍ଷର କରିବାକୁ ଏନ୍‌ଡିଏଲ୍‌ଏମ୍ ଓ ଦିଶା ନାମରେ ଦୁଇଟି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଏଯାଏ ୫୩.୬ଲକ୍ଷ ଲୋକଙ୍କୁ ତାଲିମ ଦିଆଯାଇ ଇ-ସାକ୍ଷର ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସାକ୍ଷରତା ଅଭିଯାନ (ପିଏମ୍‌ଜି ଦିଶା) ନାମରେ ଆଉ ଏକ ନୂଆ ସ୍କିମ୍ ଅନୁମୋଦିତ ହୋଇଛି ଯାହା ଗ୍ରାମାଞ୍ଚଳରେ ଡିଜିଟାଲ ସାକ୍ଷରତା ବଢ଼ାଇବାକୁ ଉଦ୍ଦିଷ୍ଟ। ଏହି ସ୍କିମ୍‌ରେ ୬କୋଟିରୁ ଅଧିକ ଗ୍ରାମୀଣ ପରିବାରଙ୍କୁ ଡିଜିଟାଲ ସାକ୍ଷର କରିବାର ଲକ୍ଷ୍ୟ ରଖାଯାଇଛି। ଏହି ସ୍କିମ୍‌ରେ ଏପର୍ଯ୍ୟନ୍ତ ୧.୪୭ କୋଟି ଲୋକ ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧.୪୩ କୋଟିଙ୍କୁ ତାଲିମ୍ ଦିଆଯାଇଥିବାବେଳେ ୭୪.୫ଲକ୍ଷଙ୍କୁ ଇ-ସାକ୍ଷର ପ୍ରମାଣପତ୍ର ଦିଆଯାଇଛି। ଏହା ବିଶ୍ୱର ସର୍ବବୃହତ୍ ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ।




● **ଛୋଟ ସହରରେ ବିପିଓ ପ୍ରୋତ୍ସାହନ :** ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଆଇଟି ଓ ଆଇଟି ଆଧାରିତ ସେବାରେ ଆଞ୍ଚଳିକ ସମତା ରକ୍ଷା ଲାଗି ପ୍ରତ୍ୟେକ ରାଜ୍ୟର ଛୋଟଛୋଟ ସହରରେ ବିପିଓ ପ୍ରୋତ୍ସାହନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିପାଇଁ ଇଣ୍ଡିଆ ବିପିଓ ଓ ନର୍ଥଇଷ୍ଟ ବିପିଓ ନାମରେ ଦୁଇଟି ସ୍କିମ୍ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଦେଶର ୨୦ଟି ରାଜ୍ୟ, ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୦ରୁ ଅଧିକ ଛୋଟ ସହରରେ ବିପିଓ ୟୁନିଟ୍‌ମାନ ଖୋଲାଯାଇଛି।

**ମେକ୍‌ଇନ୍ ଇଣ୍ଡିଆ ପାଇଁ ଡିଜିଟାଲ ଇଣ୍ଡିଆ :**

● **ଇଲେକ୍‌ଟ୍ରୋନିକ୍ସ ମାନୁଫାକଚରିଙ୍ଗକୁ ପ୍ରୋତ୍ସାହନ :** ଆମଦାନୀ ହ୍ରାସ ଲକ୍ଷ୍ୟରେ ଭାରତ ସରକାର ଦେଶରେ ଇଲୋକ୍‌ଟ୍ରୋନିକ୍ସ ମାନୁଫାକଚରିଙ୍ଗକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ପର୍ଯ୍ୟାୟକ୍ରମେ ଦେଶରେ ମୋବାଇଲ ଫୋନ୍ ଉତ୍ପାଦନ ବୃଦ୍ଧି ପାଇଁ ନାନାବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିପାଇଁ ଏକ ଅନୁକୂଳ ଶିଳ୍ପ ବାତାବରଣ ମଧ୍ୟ ସୃଷ୍ଟି ହୋଇଛି। ୨୦୧୪ରେ ଦେଶରେ ମାତ୍ର ଦୁଇଟି ମୋବାଇଲ ତିଆରି ୟୁନିଟ୍ ଥିବାବେଳେ ଏବେ ଏହି ସଂଖ୍ୟା ୧୨୭କୁ ବୃଦ୍ଧି ପାଇଛି। ସେହିଭଳି ମୋବାଇଲ ଯନ୍ତ୍ରାଂଶ ଆମଦାନୀ ଉପରୁ ଶୁଳ୍କ ୨୯% ରୁ ୧୨.୫ ଶତାଂଶକୁ ହ୍ରାସ କରାଯାଇଛି। ୨୦୧୪-୧୫ରେ ଘରୋଇ ମୋବାଇଲ ଫୋନ୍ ଉତ୍ପାଦନ ସଂଖ୍ୟା ୬୦ ନିୟୁତ ଥିବାବେଳେ ୨୦୧୭-୧୮ରେ ଏହା ୨୨୫ ନିୟୁତରେ ପହଞ୍ଚିଛି। ଇଲେକ୍‌ଟ୍ରୋନିକ୍ସ ଓ

ଲୋକଙ୍କୁ ସେମାନଙ୍କ ଘର ପାଖରେ ଡିଜିଟାଲ ସେବା ଯୋଗାଇଦେବା ପାଇଁ ସାଧାରଣ ସେବା କେନ୍ଦ୍ର ସମଗ୍ର ଦେଶରେ ଏକ ବିରାଟ ନେଟ୍‌ୱାର୍କ। ଏଥିରେ ଦେଶରେ ୨.୧୦ଲକ୍ଷ ଗ୍ରାମପଞ୍ଚାୟତରେ ୩ଲକ୍ଷ ୬ ହଜାର ଡିଜିଟାଲ ସେବା ପ୍ରଦାନକାରୀ କେନ୍ଦ୍ର ଖୋଲାଯାଇଛି। ଗ୍ରାମାଞ୍ଚଳରେ ଲୋକଙ୍କୁ ସ୍ୱଳ୍ପମୂଲ୍ୟରେ ଏହା ମାଧ୍ୟମରେ ଡିଜିଟାଲ ସେବା ଯୋଗାଇଦିଆଯାଉଛି। ଏହି କେନ୍ଦ୍ର ମାଧ୍ୟମରେ ଗ୍ରାମାଞ୍ଚଳରେ ବଞ୍ଚିତ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସଶକ୍ତ କରିବା ସହ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ମାଧ୍ୟମରେ ୧୨ଲକ୍ଷ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସବୁଠୁ ଉଲ୍ଲେଖନୀୟ ଘଟଣା ହେଲା ଏହି ପ୍ରକ୍ରିୟାରେ ୬୧,୦୫୫ ମହିଳା ଅଛନ୍ତି। ସାଧାରଣ ସେବା କେନ୍ଦ୍ରଗୁଡ଼ିକ ପକ୍ଷରୁ ମଧ୍ୟ ସ୍ତ୍ରୀ ସ୍ୱାଭିମାନ ପ୍ରୟାସ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ମାଧ୍ୟମରେ ମହିଳାଙ୍କୁ ଋତୁସ୍ରାବକାଳୀନ ସଚେତନତା ଓ ସ୍ୱାସ୍ଥ୍ୟରକ୍ଷା ଆଦି ସମ୍ପର୍କରେ ଅବଗତ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ୩୦୦ କ୍ଷୁଦ୍ର ସାନିଟାରୀ ପ୍ୟାଡ୍ ତିଆରି ୟୁନିଟ୍ ପ୍ରତିଷ୍ଠା କରାଯାଇଛି। ଏହା ଫଳରେ ଗ୍ରାମାଞ୍ଚଳ ମହିଳା ସ୍ୱଳ୍ପ ମୂଲ୍ୟରେ ସାନିଟାରୀ ପ୍ୟାଡ୍ ପାଇବା ସହ କିଛି କର୍ମନିଯୁକ୍ତିର ସୁବିଧା ମଧ୍ୟ ପାଉଛନ୍ତି।

ଆଇଟି ମନ୍ତ୍ରଣାଳୟ ଇତିମଧ୍ୟରେ ଏହି ଉଦ୍ୟୋଗରେ ୮ବିଲିୟନ୍ ଡଲାର ପୁଞ୍ଜିନିବେଶ ପାଇଁ ୧୪୨ ଆବେଦନପତ୍ର ପାଇଛନ୍ତି। ସେଥିମଧ୍ୟରୁ ୭୪ଟି କମ୍ପାନୀକୁ ଅନୁମତି ଦିଆଯାଇଛି ଓ ସେମାନେ ବ୍ୟାବସାୟିକ ଉତ୍ପାଦନ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଦେଶରେ ୪.୫ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଦେଶରେ ଏବେ ୩୫ଟି ୟୁନିଟ୍ ଏଲ୍‌ସିଡି, ଏଲ୍‌ଇଡି ଟିଭି ଉତ୍ପାଦନ କରୁଛନ୍ତି। ଏହାଛଡ଼ା ୧୨୮ଟି ୟୁନିଟ୍ ଦ୍ୱାରା ଏଲ୍‌ଇଡି ସାମଗ୍ରୀ ଉତ୍ପାଦିତ ହେଉଛି। ଦେଶର ୧୫ଟି ରାଜ୍ୟର ୨୩ଟି ଇଲେକଟ୍ରୋନିକ୍ସ ମାନୁଫାକଚରିଙ୍ଗ୍ କ୍ଲଷ୍ଟରକୁ ସରକାର ମଧ୍ୟ ଅନୁମୋଦନ କରିଛନ୍ତି।

● **ନୂଆ ଟେକ୍‌ନୋଲୋଜି କ୍ଷେତ୍ରରେ ପ୍ରୟାସ :** ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି) ଇଣ୍ଟରନାଲ ସିକ୍ୟୁରିଟି, ଲାର୍ଜ ଏରିଆ ଫ୍ଲେକ୍ସିବଲ୍ ଇଲୋକଟ୍ରୋନିକ୍ସ, ଇଣ୍ଟେଲେକଚୁଆଲ୍ ପ୍ରପର୍ଟି ରାଇଟ୍, ନେତ୍ରହୀନଙ୍କ ପାଇଁ ଟେକ୍‌ଟାଇଲ ଗ୍ରାଫିକ୍, କୃଷି ଓ ପରିବେଶ ଇଏସ୍‌ଡିଏମ୍, ଫିନ୍‌ଟେକ୍, ଲାଙ୍ଗୁଏଜ ଟେକ୍‌ନୋଲୋଜି, ଅଟୋମୋଟିଭ ଇଲେକଟ୍ରୋନିକ୍ସ, ଭର୍ଚୁଆଲ୍ ଅଗ୍‌ମେଣ୍ଟେଡ୍ ରିୟଲିଟି, ମେଡିକାଲ ଟେକ୍ ଆଣ୍ଡ୍ ହେଲ୍‌ଥ ଇନଫରମେଟିକ୍ସ, ବ୍ଲକଚେନ୍, ଗେମିଙ୍ଗ୍ ଆଣ୍ଡ୍ ଅଟୋମେଶନ ଓ ବାୟୋମେଟ୍ରିକ୍ସ ଭଳି କ୍ଷେତ୍ରରେ ୨୦ଟି ଉତ୍କର୍ଷ କେନ୍ଦ୍ର ବା ସେଣ୍ଟର ଅଫ୍ ଏକ୍ସେଲେନ୍ସ ଦେଶରେ ପ୍ରତିଷ୍ଠା କରାଯାଉଛି।

● **ସାଇବର ସିକ୍ୟୁରିଟି :** ନିରନ୍ତର ବିକାଶ ନିମନ୍ତେ ଏକ ନିରାପଦ, ସମାବେଶୀ ଓ ବିଶ୍ୱସନୀୟ ସାଇବର ସ୍ପେଶ୍ ପ୍ରସ୍ତୁତ କରିବା ପାଇଁ ସାଇବର ସ୍ୱଚ୍ଛତା କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ର ସାଇବର ଅପରାଧ ଓ ତ୍ରୁଟି ବିଚ୍ୟୁତି ସମ୍ପର୍କରେ ବ୍ୟବହାରକାରୀଙ୍କୁ ସୂଚନା ଦେଉଛି। ଏହା ଫଳରେ ଲୋକେ ଆର୍ଥିକ କ୍ଷତି ଓ ଡାଟା ଚୋରି ଆଦିରୁ ରକ୍ଷା ପାଇପାରୁଛନ୍ତି। ଏହି ବ୍ୟବସ୍ଥାରେ ଲୋକେ ବଟ୍‌ନେଟ୍ ସଫା କରିବାର ସୁବିଧା ପାଉଛନ୍ତି। ୨୦୧୭ରେ ନେସ୍‌ନାଲ ସାଇବର କୋଅଡିନେସନ୍ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି।

**ଭବିଷ୍ୟତ ପନ୍ଥା :** ଏକବିଂଶ ଶତାବ୍ଦୀରେ ବିଶ୍ୱ ଅର୍ଥନୀତିର ବିକାଶରେ ଡିଜିଟାଲ ଅର୍ଥନୀତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏହା ମଧ୍ୟ ଉର୍ଜା, ପରିବେଶ ଓ ଅସମତା ଭଳି ପ୍ରମୁଖ ପ୍ରସଙ୍ଗର ସମାଧାନରେ ବିଶେଷ ସହାୟକ ହେଉଛି। ବ୍ୟବସାୟ, ବାଣିଜ୍ୟ, ନିଯୁକ୍ତିରେ ନୂଆ ସମ୍ଭାବନା ଓ ସୁଯୋଗ ସୃଷ୍ଟି କରିବା ସହ ଏହା ଜନସାଧାରଣ ଓ ଶ୍ରମିକଙ୍କୁ ସେମାନଙ୍କ ଦକ୍ଷତାବୃଦ୍ଧି କରି ରୋଜଗାରର ସୁଯୋଗ ଦେଉଛି।

ଡିଜିଟାଲ କଂଜ୍ୟୁମର (ଖାଉଟି) ବିଶିଷ୍ଟ ବିଶ୍ୱର ଶୀର୍ଷ ତିନିଟି ଅର୍ଥନୀତି ମଧ୍ୟରେ ଭାରତ ଏବେ ସ୍ଥାନ ପାଇଛି। ଫଳରେ ଭାରତରେ ଡିଜିଟାଇଜେସନ ପ୍ରକ୍ରିୟା, ଡିଜିଟାଲ ଭିତିଭୂମିର ବିକାଶ, ଇଲେକ୍‌ଟ୍ରୋନିକ୍ସ ମାନୁଫାକଚରିଙ୍ଗ, ଦକ୍ଷତା ବିକାଶ, ଡିଜିଟାଲ ପେମେଣ୍ଟ ଓ ତତ୍‌ସଂଲଗ୍ନ କ୍ଷେତ୍ରଗୁଡ଼ିକ ଉପରେ ଅଗ୍ରାଧିକାର ଦେଇ ସରକାର କାମ କରୁଛନ୍ତି। ପ୍ରଥମ ଲକ୍ଷ୍ୟ ହେଲା ୨୦୨୫ ସୁଦ୍ଧା ଭାରତକୁ ଏକ ଟ୍ରିଲିୟନ ଡଲାର ବିଶିଷ୍ଟ ଅର୍ଥନୀତିରେ ପରିଣତ କରିବା। ଭାରତର ଡିଜିଟାଲ କାହାଣୀ ଡିଜିଟାଲ ସଶକ୍ତୀକରଣ ଓ ଡିଜିଟାଲ ସମାବେଶର କଥା କହେ। ଏକ ଶସ୍ତା, ସୁଲଭ ଓ ସର୍ବଗ୍ରହଣ ଯୋଗ୍ୟ ସମତାଭିତ୍ତିକ ଟେକ୍‌ନୋଲୋଜି ମାଧ୍ୟମରେ ଭାରତ ଏହି ପରିବର୍ତ୍ତନ ଆଣି ବିଶ୍ୱର ଏକ ପ୍ରମୁଖ ଡିଜିଟାଲ ଅର୍ଥନୀତିରେ ପରିଣତ ହେବାକୁ ଉଦ୍ୟମ କରୁଛି। ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଭବିଷ୍ୟତର ଏକ ମାର୍ଗ ପ୍ରସ୍ତୁତ କରିବାକୁ ପ୍ରୟାସୀ ଯାହା ନୂଆ ଟେକ୍‌ନୋଲୋଜି ଦ୍ୱାରା ପରିଚାଳିତ ହେବ। ସେହି ମାର୍ଗରେ ଗତି କରି ଭାରତ ୨୦୨୫ ମସିହା ସୁଦ୍ଧା ଏକ ଟ୍ରିଲିୟନ ଡଲାର ମୂଲ୍ୟର ଡିଜିଟାଲ ଅର୍ଥନୀତିରେ ପରିଣତ ହେବା ଆମର ଲକ୍ଷ୍ୟ।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ।**

**Email id-mljoffice.@.gov.in**

ବିଶେଷ ପ୍ରସଙ୍ଗ

# ଆଧାର: ନ୍ୟୁଇଣ୍ଡିଆ ପାଇଁ ଡିଜିଟାଲ ହାଇଓ୍ୱେ

ଡ. ଅଜୟଭୂଷଣ ପାଣ୍ଡେ

ସ୍ୱାଧୀନତା ପରଠାରୁ କ୍ୱଚିତ ଏପରି କୌଣସି ସରକାରୀ ପ୍ରୟାସ ଉପରେ ଏତେ ବ୍ୟାପକ ବିତର୍କ ହୋଇଥିଲା ଯାହା 'ଆଧାର' କ୍ଷେତ୍ରରେ ହୋଇଛି। ଆରମ୍ଭରୁ ଦୀର୍ଘ ନ'ବର୍ଷ କାଳ ଏହି ପ୍ରସଙ୍ଗ ବିତର୍କିତ ହୋଇଆସିଛି। ଏହି ବିତର୍କରେ ସମାଜର ପ୍ରତ୍ୟେକ ବର୍ଗ - ସରକାରୀ ଓ ବେସରକାରୀ କ୍ଷେତ୍ରର ଜନତା, ଏନ୍‌ଜିଓ, ନାଗରିକ ସମାଜ, ଆଇନଜୀବୀ, ରାଜନୈତିକ ଦଳ, ଶିକ୍ଷାବିତ୍, ପେସାଦାର, ସାମାଜିକ କର୍ମୀ, ପ୍ରଯୁକ୍ତି ବିଶାରଦ, ଗଣମାଧ୍ୟମ ଆଦି ସମସ୍ତେ ସକ୍ରିୟଭାବେ ସାମିଲ ହୋଇଛନ୍ତି। ଆଧାରକୁ ନେଇ ପୌରାଣିକ ସମୁଦ୍ରମନ୍ଥନ ଭଳି ଘଟଣା ଘଟିଛି। ଏହି ମନ୍ଥନରୁ ଅନେକ କଥା ମିଳିଛି। ସେଥିମଧ୍ୟରୁ ୟୁନିକ୍ ଆଇଡେଣ୍ଟିଟି, ପ୍ରାଇଭେସି, ଡାଟା ପ୍ରୋଟେକ୍ସନ୍, ଡିଜିଟାଲ ସିକ୍ୟୁରିଟି ଆଦି ଅନ୍ୟତମ। ଏସବୁ ପ୍ରସଙ୍ଗ ମଧ୍ୟ ଜାତୀୟ କାର୍ଯ୍ୟସୂଚୀରେ ସ୍ଥାନିତ ହୋଇଛି।

ସମାଲୋଚକଙ୍କ ଦୃଷ୍ଟିରେ ଆଧାର ଅସାମ୍ବିଧାନିକ; କାରଣ ଏହା ନାଗରିକଙ୍କ ବ୍ୟକ୍ତିଗତ ସ୍ୱତନ୍ତ୍ରତା, ଏକାନ୍ତତା, ସ୍ୱୟଂଶାସନ ଓ ପସନ୍ଦ ଅପସନ୍ଦର ସ୍ୱାଧୀନତାରେ ହସ୍ତକ୍ଷେପ କରୁଛି। ଏହାଦ୍ୱାରା ସରକାର ରାଷ୍ଟ୍ରୀୟ ଶକ୍ତିର ଉପଯୋଗ କରି ସିଧାସଳଖ ନାଗରିକଙ୍କ ବ୍ୟକ୍ତିଗତ ସ୍ୱତନ୍ତ୍ରତା ଓ ଏକାନ୍ତତାରେ ହସ୍ତକ୍ଷେପ କରିବା ସହ ଅତି ଚତୁର ଉପାୟରେ ସେମାନଙ୍କ ଉପରେ ଗୁଇନ୍ଦାଗିରି କରୁଛନ୍ତି ବୋଲି ଅଭିଯୋଗ ହେଉଛି।




ଅନ୍ୟ କେତେକ ସମାଲୋଚକଙ୍କ ମତରେ ଆଧାର ନାଗରିକଙ୍କୁ ବଞ୍ଚିତ ଓ ଅଲଗା କରିବାର ଏକ ଆୟୁଧ। ଏହା ଯାହା ପାଖରେ ନ'ରହିବ ସେ ବିଭିନ୍ନ ସୁବିଧା ଓ ଅଧିକାରରୁ ବଞ୍ଚିତ ହେବ। କିଛି ସମାଲୋଚକ ମଧ୍ୟ ଆଧାର ଟେକ୍‌ନୋଲୋଜିର ଦକ୍ଷତା, ନିରାପତ୍ତା ବ୍ୟବସ୍ଥା ଓ କେନ୍ଦ୍ରୀୟ ଡାଟାବେସ୍‌ର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ଏହି ବିତର୍କ ଆମକୁ ଉନବିଂଶ ଶତାବ୍ଦୀରେ ୟୁରୋପରେ ମୁଣ୍ଡ ଟେକିଥିବା 'ଲଡିଟ୍' ଆନ୍ଦୋଳନ ସମ୍ପର୍କରେ ସ୍ମରଣ କରାଏ। ଯନ୍ତ୍ରାୟନ ଫଳରେ ଲୋକେ କାମ ଓ ନିଯୁକ୍ତି ହରାଇବାର ଆଶଙ୍କା କରି ମେସିନ୍ ଏବଂ ନୂଆ ଜ୍ଞାନକୌଶଳକୁ ବିରୋଧ କରିବା ସହ ସେତେବେଳେ ଏକ ବଡ଼ ଆନ୍ଦୋଳନ କରିଥିଲେ।

ଏହି ପରିପ୍ରେକ୍ଷୀରେ ବିଶ୍ୱର ଅନ୍ୟାନ୍ୟ ବିକଶିତ ଗଣତାନ୍ତ୍ରିକ ରାଷ୍ଟ୍ର କିପରି ୟୁନିକ୍ ଆଇଡେଣ୍ଟିଫିକେସନ୍ ନମ୍ବର ବ୍ୟବହାର କରୁଛନ୍ତି ତାହା ଜାଣିବା ଆବଶ୍ୟକ। ଆମେରିକାରେ ୧୯୩୫ରେ ପ୍ରଥମେ ଏକ ସୋସିଆଲ ସିକ୍ୟୁରିଟି ନମ୍ବର (ସାମାଜିକ ନିରାପତ୍ତା ଅଙ୍କ) ପ୍ରବର୍ତ୍ତନ ହେଲା। ସେତେବେଳେ ବିଶ୍ୱର ଗୁରୁତର ଆର୍ଥିକ ମାନ୍ଦାବସ୍ଥା (ଗ୍ରେଟ୍ ଡିପ୍ରେସନ୍) ଯୋଗୁଁ ଲୋକଙ୍କୁ ସୀମିତ କେତେକ କ୍ଷେତ୍ରରେ ସାମାଜିକ ସୁରକ୍ଷା ଦେବାକୁ ଏକ ଆଇନ ପ୍ରଣୟନ କରାଯାଇ ଏହି ନମ୍ବର ପ୍ରଦାନ କରାଯାଇଥିଲା; କିନ୍ତୁ ୧୯୪୨ରେ ତତ୍‌କାଳୀନ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜ୍‌ଭେଲ୍ଟ ଏକ ଐତିହାସିକ ସରକାରୀ ନିର୍ଦ୍ଦେଶ ବଳରେ ଏହାର ପରିସରକୁ ବୃଦ୍ଧି

## ଏସ୍‌ଏମ୍‌ଏସ୍ ସେବା ଦ୍ୱାରା ନିଜ ଆଧାର କାର୍ଡର ସ୍ଥିତି ଜାଣନ୍ତୁ




କରିଥିଲେ। ଏହା ଫଳରେ ଦେଶର ସବୁ ସଂଘୀୟ ସଂସ୍ଥା ନିଜର କାର୍ଯ୍ୟକ୍ରମରେ ଏହି ସୋସିଆଲ ସିକ୍ୟୁରିଟି ନମ୍ବର (ଏସ୍‌ଏସ୍‌ଏନ୍)କୁ ବ୍ୟବହାର କଲେ। ୧୯୬୨ ମସିହାରେ ଆୟକର କ୍ଷେତ୍ରରେ ଏହା ଟ୍ୟାକ୍ସ ଆଇଡେଣ୍ଟିଫିକେସନ ନମ୍ବର ବା (ଟିଆଇଏନ୍)ଭାବେ ବ୍ୟବହୃତ ହେଲା। ୧୯୭୬ରେ ସାମାଜିକ ନିରାପତ୍ତା ଆଇନକୁ ସଂଶୋଧିତ କରି ଏହାର ପରିସର ଓ କ୍ଷମତା ବୃଦ୍ଧି କରାଗଲା। ଏଥିରେ କୁହାଗଲା ଯେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତ୍ୟେକ ରାଜ୍ୟ ଯେକୌଣସି ଟିକସ ଆଦାୟ, ସର୍ବସାଧାରଣ ସହାୟତା କାର୍ଯ୍ୟକ୍ରମ, ଡ୍ରାଇଭିଂ ଲାଇସେନ୍ସ ଓ ମୋଟରଯାନ ପଞ୍ଜୀକରଣ ଆଦି କ୍ଷେତ୍ରରେ ଏହି ନମ୍ବରକୁ 'ପରିଚୟ' ଅଙ୍କ ଭାବେ ବ୍ୟବହାର କରିପାରିବେ। ତେଣୁ ଏସ୍‌ଏସ୍‌ଏନ୍ ଆମେରିକାରେ ନାଗରିକଙ୍କ ପରିଚୟ ତଥା ଚିହ୍ନଟର ଏକ ବ୍ୟବସ୍ଥିତ ମାଧ୍ୟମ ପାଲଟିଥିଲା। ସରକାର ଏସ୍‌ଏସ୍‌ଏନ୍‌କୁ ବାଧ୍ୟତାମୂଳକ କରିବାରୁ ଅନେକ ଲୋକ ଓ ପକ୍ଷ ଏହା ବିରୋଧରେ କୋର୍ଟକୁ ଯାଇଥିଲେ। ମାତ୍ର ସେମାନଙ୍କୁ ନିରାଶ ହେବାକୁ ପଡ଼ିଲା ଏବଂ ଅଦାଲତ ଏସ୍‌ଏସ୍‌ଏନ୍‌କୁ ସାମ୍ବିଧାନିକ କହିବା ସହ ଏହି ବାଧ୍ୟତାମୂଳକ ହେବା ବୈଧ ବୋଲି ମତ ଦେଲେ।

ଡୋଏଲ ବନାମ ଉଇଲସନ୍ ମାମଲାରେ ଅଦାଲତ ପକ୍ଷରୁ କୁହାଯାଇଥିଲା ଯେ "ସୋସିଆଲ ସିକ୍ୟୁରିଟି ନମ୍ବର ପ୍ରକାଶ କରିବା ନାଗରିକଙ୍କ ପାଇଁ ବାଧ୍ୟତାମୂଳକ କରିବାଦ୍ୱାରା ବ୍ୟକ୍ତିଗତ ସ୍ୱାଧୀନତା, ସ୍ୱତନ୍ତ୍ରତା ବିପନ୍ନ ହେଉନାହିଁ ଏବଂ ଏହା ଦ୍ୱାରା ନାଗରିକଙ୍କ ସାମ୍ବିଧାନିକ ସୁରକ୍ଷା ପ୍ରତି ମଧ୍ୟ ସଙ୍କଟ ଉପୁଜୁନି। ଆଉ କେତେକ ପ୍ରସଙ୍ଗରେ ଆମେରିକୀୟ ଅଦାଲତ ମଧ୍ୟ ଏସ୍‌ଏସ୍‌ଏନ୍‌କୁ ସାମ୍ବିଧାନିକ ଦର୍ଶାଇଥିଲେ। ବ୍ରିଟେନରେ ମଧ୍ୟ ପ୍ରାୟ ସବୁ ଗୁରୁତ୍ୱପୂର୍ଣ୍ଣ ସେବାରେ ନେସ୍‌ନାଲ ଇନ୍‌ସ୍ୟୁରାନ୍ସ ନମ୍ବର ବ୍ୟବହାର ବାଧ୍ୟତାମୂଳକ। ଜୀବିକା ଉପାର୍ଜନ, କାମ କରିବା, ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ଟିକସ ଦେବା, ଶିଶୁଙ୍କ ପାଇଁ ସରକାରୀ ସୁବିଧା ପାଇବା ଏବଂ ଭୋଟ୍ ଦେବା ପାଇଁ ମଧ୍ୟ ଏହି ନମ୍ବର ବାଧ୍ୟତାମୂଳକ।

ଭାରତରେ ମଧ୍ୟ ଆଧାରକୁ ବିଭିନ୍ନ ପ୍ରକାର ଆଇନଗତ ଆହ୍ୱାନର ମୁକାବିଲା କରିବାକୁ ପଡ଼ିଥିଲା। ଛ'ବର୍ଷର ଦୀର୍ଘ ବିବାଦ ଏବଂ ୩୮ ଦିନର ଲମ୍ବା ଶୁଣାଣି ପରେ ସୁପ୍ରିମକୋର୍ଟର ପାଞ୍ଚଜଣିଆ ସାମ୍ବିଧାନିକ ପୀଠ 'ଆଧାର'କୁ ସାମ୍ବିଧାନିକ ବୋଲି ଘୋଷଣା କରିଥିଲେ। ଏହି ଶୁଣାଣିବେଳେ 'ଆଧାର'ର ବିଭିନ୍ନ ଦିଗ ବିରୋଧରେ ୩୭ଟି ପିଟିସନ୍ ଦାଏର କରାଯାଇଥିଲା। ତେବେ ସର୍ବୋଚ୍ଚ ଅଦାଲତ ନିଜର ଐତିହାସିକ ରାୟ ଘୋଷଣା ସମୟରେ 'ଆଧାର'ର ଗୋପନୀୟ ତଥ୍ୟର ସୁରକ୍ଷା ଏବଂ ଏହାର ସମ୍ଭାବ୍ୟ ଦୁରୁପଯୋଗ ରୋକିବାକୁ ଅଧିକ ଦୃଢ଼ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଭାରତର ଡିଜିଟାଲ ଯାତ୍ରା ଏବଂ ଡିଜିଟାଲ ପ୍ରୟାସର ବିଶ୍ୱସନୀୟତା ଉପରେ

ଜନବିଶ୍ୱାସକୁ ଦୃଢ଼ିଭୂତ କରିବାକୁ ଉଦ୍ଦିଷ୍ଟ ଥିଲା।

ବାସ୍ତବରେ ସୁପ୍ରିମକୋର୍ଟଙ୍କ ଏହି ରାୟ ଭାରତର ଜନସାଧାରଣଙ୍କର ଏକ ବଡ଼ ବିଜୟ ଥିଲା। ସମାଜର ବଞ୍ଚିତ ଓ ଦୁର୍ବଳବର୍ଗ, ଯେଉଁମାନେ ଆଧାର ବ୍ୟବହାର କରି ଯେକୌଣସି ସ୍ଥାନରେ ଓ ସମୟରେ ଏବେ ସୁବିଧା ଓ ସେବା ପାଉଛନ୍ତି ସେମାନଙ୍କ ପାଇଁ ଏହା ନିର୍ଦ୍ଦିଷ୍ଟ ଭାବେ ଥିଲା ଏକ ବଡ଼ ବିଜୟ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶମତେ ଅଧିକ ସୁରକ୍ଷିତ ଆଧାର ବ୍ୟବସ୍ଥା ଆମକୁ ଡିଜିଟାଲ ଯାତ୍ରା ପଥରେ ଆଗେଇନେବା ସହ ଲୋକଙ୍କୁ ସଶକ୍ତ କରିବ। ଦେଶର ୧୨୨କୋଟି ନାଗରିକ ଆଧାର ସହ ସମ୍ପୃକ୍ତ ହୋଇଥିବାରୁ ଭାରତ ଏବେ ଡିଜିଟାଲ ବିପ୍ଳବ ପଥେ ଅଗ୍ରସର କହିଲେ ଅତ୍ୟୁକ୍ତି ହେବ ନାହିଁ। ଶିଳ୍ପ ବିପ୍ଳବ ସମୟରେ ଭାରତ ପରାଧୀନ ଥିବାରୁ ଏହାର ଲାଭ ଉଠାଇପାରି ନ ଥିଲା। ଏବେ ସ୍ୱାଧୀନ ଭାରତ ଡିଜିଟାଲ ବିପ୍ଳବର ଭରପୂର ଲାଭ ଉଠାଇବାକୁ କ୍ଷେତ୍ର ପ୍ରସ୍ତୁତ କରିଛି।

ଆଧାରର ସାମ୍ବିଧାନିକ ବୈଧତାକୁ କାଏମ ରଖି ସର୍ବୋଚ୍ଚ ଅଦାଲତ ବିଶ୍ୱର ସର୍ବବୃହତ୍ ୟୁନିକ୍ ବାୟୋମେଟ୍ରିକ ଆଇଡେଣ୍ଟିଟି ପ୍ରୋଜେକ୍ଟକୁ କେବଳ ବଞ୍ଚାଇଲେ ନାହିଁ, ଏହାର ବ୍ୟବହାରକୁ ଅଧିକ ବ୍ୟାପକ କରିବାକୁ ପଥ ପରିଷ୍କାର କରିଦେଲେ। କାରଣ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଲେ ଯେ ଆଧାରର ନିର୍ମାତାଗଣଙ୍କର ଏହା ପଛରେ ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟ ଓ ଏକାନ୍ତତା ସମ୍ପର୍କରେ ଗୁଇନ୍ଦାଗିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ। ଆଧାର ଏକ ଅନୁପମ ବ୍ୟବସ୍ଥା ଏବଂ ଏହାଦ୍ୱାରା ସମାଜର ଦରିଦ୍ର ଓ ବଞ୍ଚିତ ବର୍ଗ ସଶକ୍ତ ହେବେ। ନ୍ୟାୟାଳୟ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଆଧାର ଅଧିନିୟମ ସୀମିତ ସରକାର, ସୁଶାସନ ଏବଂ ସମ୍ବିଧାନ ବ୍ୟବସ୍ଥାକୁ ଅବଧାରଣ କରୁଛି ଏବଂ ଏହା ଆର୍ଥିକ ବିଲ୍ ଭାବେ ପାରିତ ହେବା ହେଉଛି ବୈଧ।

କଲ୍ୟାଣକାରୀ କାର୍ଯ୍ୟକ୍ରମରେ ଆଧାରର ବ୍ୟବହାର ବାଧ୍ୟତାମୂଳକ ହେବା ପ୍ରସଙ୍ଗକୁ ସୁପ୍ରିମକୋର୍ଟ ବୈଧ ଘୋଷଣା କରିବା ପରେ ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀଙ୍କୁ ଯେଉଁ ଅର୍ଥ ଦିଆଯାଉଥିଲା ତାହାର ବାଟମାରଣା ବନ୍ଦ ହୋଇଯାଇଛି। ଏହା ଫଳରେ ସରକାରୀ ପାଣ୍ଠିର ବାଟମାରଣା ଓ ବିପୁଳ ଅପଚୟ ରୋକିବା ସମ୍ଭବ ହୋଇଛି। ଯେଉଁମାନଙ୍କ ପାଇଁ ସରକାରୀ ଲାଭ, ରିହାତି ଓ ଅନୁଦାନ ଉଦ୍ଦିଷ୍ଟ ସେମାନେ ଆଧାର ମାଧ୍ୟମରେ ଉପକୃତ ହେଉଛନ୍ତି। ସେମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥ ଯାଉଛି। 'ଆଧାର' ସଶକ୍ତୀକରଣ ପ୍ରୟାସକୁ ସାମର୍ଥ୍ୟ ଯୋଗାଉଛି; ତେଣୁ ଭାରତର ଗରିବଗୁରୁବାଙ୍କ ପାଇଁ ଏହା ଭାଗ୍ୟ ବଦଳାଇବାର ଏକ ମାଧ୍ୟମ ହେବ। ପ୍ରକୃତ ହିତାଧିକାରୀଙ୍କ ନିକଟରେ ସରକାରୀ ଯୋଜନାର ଲାଭ ବିନା ବାଧାବିଘ୍ନରେ ପହଞ୍ଚୁ 'ଆଧାର' ଏହା ନିଶ୍ଚିତ କରିବାକୁ ଚାହେଁ। ଏହା ଦଲାଲ, ମଧ୍ୟସ୍ଥ, ନକଲି, ଭୂତ ବ୍ୟବସ୍ଥାର ଅବସାନ ଘଟାଇବାକୁ ଉଦ୍ଦିଷ୍ଟ। ସାଧାରଣ ବଣ୍ଟନ ବ୍ୟବସ୍ଥା, ଏମ୍‌ଜିନରେଗା, ପହଲ, ବୃତ୍ତି ଓ ଅନ୍ୟାନ୍ୟ ଯେଉଁସବୁ ସରକାରୀ ଯୋଜନା ରହିଛି ସେଥିରେ ଏହି ମଧ୍ୟସ୍ଥ, ଦଲାଲ, ଭୂତ ଓ ନକଲି ଲୋକମାନେ ହିତାଧିକାରୀଙ୍କ ଅର୍ଥ ବାଟମାରଣା କରୁଥିଲେ। ଆଧାର ବ୍ୟବସ୍ଥା ଲାଗୁ ହେବା ପରେ ସରକାର ଗତ ତିନି ବର୍ଷ ମଧ୍ୟରେ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ୯୦ ହଜାର କୋଟି ଟଙ୍କାର ଅପଚୟକୁ ରୋକିପାରିଛନ୍ତି। ଏହି ଅର୍ଥ ଅନ୍ୟମାନେ ମାରି ଖାଇଯାଉଥିଲେ। ବିଶ୍ୱବ୍ୟାଙ୍କର ଏକ ଆକଳନ ଅନୁସାରେ ଭାରତର ସବୁ ଯୋଜନାରେ ଆଧାର ବ୍ୟବସ୍ଥା ଲାଗୁ ହେଲେ ଭାରତ ସରକାର ବ୍ୟୟ ହେଉଥିବା ବାର୍ଷିକ ୧୧୦୦ କୋଟି ଆମେରିକୀୟ ଡଲାର ମୂଲ୍ୟର ଅର୍ଥ ସଞ୍ଚୟ କରିପାରିବେ।

ଆଧାର ବିଶ୍ୱର ପ୍ରଥମ ଓ ସର୍ବବୃହତ୍ ରାଷ୍ଟ୍ରୀୟସ୍ତ ବାୟୋମେଟ୍ରିକ ଟେକ୍‌ନୋଲୋଜି ପ୍ଲାଟଫର୍ମ। ଏହା ସମ୍ବିଧାନ ସ୍ୱୀକୃତ ମଧ୍ୟ। ଏହା ବାୟୋମେଟ୍ରିକ ଭିତ୍ତିକ ୟୁନିକ୍ ଆଇଡେଣ୍ଟିଟି (ଅଦ୍ୱିତୀୟ ପରିଚୟ) ମାଧ୍ୟମରେ ୧୨୨କୋଟି ଲୋକଙ୍କୁ ସଶକ୍ତ କରିଛି। ଏହି କାର୍ଡଧାରୀ ଦେଶର ଯେକୌଣସି ସ୍ଥାନ ଓ ସମୟରେ ନିଜର ଆଧାର ଦେଖାଇ ନିଜ ପରିଚୟ ଓ ଅଧିକାର ସାବ୍ୟସ୍ତ କରିବାକୁ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ଭାରତ

ଆମେରିକାରେ ୧୯୩୫ରେ ପ୍ରଥମେ ଏକ ସୋସିଆଲ ସିକ୍ୟୁରିଟି ନମ୍ବର (ସାମାଜିକ ନିରାପତ୍ତା ଅଙ୍କ) ପ୍ରବର୍ତ୍ତନ ହେଲା। ସେତେବେଳେ ବିଶ୍ୱର ଗୁରୁତର ଆର୍ଥିକ ମାନ୍ଦାବସ୍ଥା (ଗ୍ରେଟ୍ ଡିପ୍ରେସନ୍) ଯୋଗୁଁ ଲୋକଙ୍କୁ ସୀମିତ କେତେକ କ୍ଷେତ୍ରରେ ସାମାଜିକ ସୁରକ୍ଷା ଦେବାକୁ ଏକ ଆଇନ ପ୍ରଣୟନ କରାଯାଇ ଏହି ନମ୍ବର ପ୍ରଦାନ କରାଯାଇଥିଲା; କିନ୍ତୁ ୧୯୪୨ରେ ତତ୍‌କାଳୀନ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜ୍‌ଭେଲ୍ଟ ଏକ ଐତିହାସିକ ସରକାରୀ ନିର୍ଦ୍ଦେଶ ବଳରେ ଏହାର ପରିସରକୁ ବୃଦ୍ଧି କରିଥିଲେ। ଏହା ଫଳରେ ଦେଶର ସବୁ ସଂଘୀୟ ସଂସ୍ଥା ନିଜର କାର୍ଯ୍ୟକ୍ରମରେ ଏହି ସୋସିଆଲ ସିକ୍ୟୁରିଟି ନମ୍ବର (ଏସ୍‌ଏସ୍‌ଏନ୍)କୁ ବ୍ୟବହାର କଲେ। ୧୯୬୨ ମସିହାରେ ଆୟକର କ୍ଷେତ୍ରରେ ଏହା ଟ୍ୟାକ୍ସ ଆଇଡେଣ୍ଟିଫିକେସନ ନମ୍ବର ବା (ଟିଆଇଏନ୍)ଭାବେ ବ୍ୟବହୃତ ହେଲା। ୧୯୭୬ରେ ସାମଜିକ ନିରାପତ୍ତା ଆଇନକୁ ସଂଶୋଧିତ କରି ଏହାର ପରିସର ଓ କ୍ଷମତା ବୃଦ୍ଧି କରାଗଲା। ଏଥିରେ କୁହାଗଲା ଯେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତ୍ୟେକ ରାଜ୍ୟ ଯେକୌଣସି ଟିକସ ଆଦାୟ, ସର୍ବସାଧାରଣ ସହାୟତା କାର୍ଯ୍ୟକ୍ରମ, ଡ୍ରାଇଭିଂ ଲାଇସେନ୍ସ ଓ ମୋଟରଯାନ ପଞ୍ଜୀକରଣ ଆଦି କ୍ଷେତ୍ରରେ ଏହି ନମ୍ବରକୁ 'ପରିଚୟ' ଅଙ୍କ ଭାବେ ବ୍ୟବହାର କରିପାରିବେ। ତେଣୁ ଏସ୍‌ଏସ୍‌ଏନ୍ ଆମେରିକାରେ ନାଗରିକଙ୍କ ପରିଚୟ ତଥା ଚିହ୍ନଟର ଏକ ବ୍ୟବସ୍ଥିତ ମାଧ୍ୟମ ପାଲଟିଥିଲା। ସରକାର ଏସ୍‌ଏସ୍‌ଏନ୍‌କୁ ବାଧ୍ୟତାମୂଳକ କରିବାରୁ ଅନେକ ଲୋକ ଓ ପକ୍ଷ ଏହା ବିରୋଧରେ କୋର୍ଟକୁ ଯାଇଥିଲେ। ମାତ୍ର ସେମାନଙ୍କୁ ନିରାଶ ହେବାକୁ ପଡ଼ିଲା ଏବଂ ଅଦାଲତ ଏସ୍‌ଏସ୍‌ଏନ୍‌କୁ ସାମ୍ବିଧାନିକ କହିବା ସହ ଏହି ବାଧ୍ୟତାମୂଳକ ହେବା ବୈଧ ବୋଲି ମତ ଦେଲେ।

ସରକାର ଯୋଗାଇଦେଇଛନ୍ତି।

ଆଧାରକୁ ବିଚାରକୁ ନେଇ ସରକାର ସ୍ୱତନ୍ତ୍ର କଲ୍ୟାଣକାରୀ ଯୋଜନାର ଢାଞ୍ଚା ପରିକଳ୍ପନା କରୁଛନ୍ତି। ଏସବୁ ଯୋଜନାର ସୁଫଳ ଉଦ୍ଦିଷ୍ଟ ବର୍ଗର ଲୋକେ ଯେପରି ସମ୍ପୂର୍ଣ୍ଣ ପାଇପାରିବେ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଆୟୁଷ୍ମାନ ଭାରତ ଏଭଳି ଏକ ନୂଆ ଯୋଜନା ଯେଉଁଥିରେ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଲାଭ ବା ବୀମାବାବଦ ଆର୍ଥିକ ସହାୟତାକୁ ଅନ୍ୟ କେହି ବାଟମାରଣା କରିପାରିବେ ନାହିଁ। କେବଳ ଆଧାର ଯୋଗୁଁ ଏହା ସମ୍ଭବ ହୋଇଛି।

ଆଧାର ମଧ ଡିଜିଟାଲ ପେମେଣ୍ଟର ଏକ ବିକଳ୍ପ ଭାବେ କାର୍ଯ୍ୟ କରୁଛି। ଯେଉଁମାନେ ଡେବିଟ ଓ କ୍ରେଡିଟ କାର୍ଡ କିମ୍ବା ଇଣ୍ଟରନେଟ ବ୍ୟାଙ୍କିଙ୍ଗ୍ ବ୍ୟବହାର ଜାଣନ୍ତି ନାହିଁ ସେମାନଙ୍କ ପାଇଁ ଆଧାରଭିତ୍ତିକ ପେମେଣ୍ଟ ସିଷ୍ଟମ (ଏପ୍ସ) ବ୍ୟବସ୍ଥା କରାଯାଇଛି। ହାତରେ ଧରିବା ଭଳି ଏକ ଛୋଟ ଇଲେକଟ୍ରୋନିକ ଉପକରଣରେ ଲୋକେ ନିଜ ଆଧାରକାର୍ଡ ଏବଂ ଟିପଚିହ୍ନକୁ ବ୍ୟବହାର କରି ନିଜ ଆକାଉଣ୍ଟରୁ ଟଙ୍କା ଉଠାଇ ପାରିବେ କିମ୍ବା ଅନ୍ୟ ଆକାଉଣ୍ଟକୁ ଦେଇପାରିବେ। ଏହା ଫଳରେ ଲୋକଙ୍କୁ ପରିଶ୍ରମ ଓ ଅର୍ଥ ଖର୍ଚ୍ଚ କରି ବ୍ୟାଙ୍କକୁ ଦୌଡ଼ିବାକୁ ପଡୁନାହିଁ। ପ୍ରତିବର୍ଷ ୭କୋଟି ଲୋକ ଦେଶରେ ଏପ୍ସ୍ ବ୍ୟବହାର କରୁଛନ୍ତି।

ତାମିଲନାଡୁ ବନ୍ୟାବେଳେ ଲୋକେ ଟଙ୍କା ଉଠାଇବାକୁ ବ୍ୟାଙ୍କ ଓ ଏଟିଏମ୍‌କୁ ଯାଇପାରି ନ ଥିଲେ। ସେମାନେ ନିଜର ଆଧାର ଓ ଟିପଚିହ୍ନ ଜରିଆରେ ଏପ୍ସ ଦକ୍ଷ କ୍ଷୁଦ୍ର ଏଟିଏମ୍‌ରୁ ସହଜରେ ଟଙ୍କା ଉଠାଇ ପାରିଥିଲେ। ଏଥିରେ ଉଇଥଡ୍ରୟାଲ ସ୍ଲିପ୍ ପୂରଣ କିମ୍ବା ଅନ୍ୟକୌଣସି କାଗଜପତ୍ର ଦାଖଲ କରିବାର ଆବଶ୍ୟକତା ନ ଥିଲା।




ଭାରତକୁ ଏକ ଟିକସଦାତା ଅନୁକୂଳ ଦେଶରେ ପରିଣତ କରିବା ପାଇଁ ସରକାର ଏବେ ଆଧାରକୁ ବ୍ୟବହାର କରୁଛନ୍ତି। ଏହା ମାଧ୍ୟମରେ ନକଲି ଓ ଜାଲ୍ ପାନ୍‌କାର୍ଡ ପ୍ରଚଳନ, ନକଲି କମ୍ପାନୀଗୁଡ଼ିକର କାରବାରକୁ ପ୍ରତିହତ କରିବା ସହ, ଟିକସ ଠକେଇ, ଟିକସ ଫାଙ୍କି, ବେଆଇନ ସୁଧକାରବାର ଏବଂ ଅନ୍ୟାନ୍ୟ ଅନୈତିକ ଅର୍ଥ କାରବାର ଓ ଠକେଇକୁ ରୋକାଯାଇପାରୁଛି।

ଆଧାର ଏକ ନିରାପଦ, ଶକ୍ତିଶାଳୀ ଓ ସୁରକ୍ଷିତ ଡିଜିଟାଲ ପ୍ଲାଟ୍‌ଫର୍ମରେ ପରିଣତ ହୋଇଛି ଏବଂ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସର୍ବନିମ୍ନ ସୂଚନା, ସର୍ବାଧିକ ଅଜ୍ଞତା ଏବଂ ସଂଘବଦ୍ଧ ଡାଟାବେସ୍-ଏହି ତିନିଟି ବିଷୟକୁ ନେଇ ଭାରତୀୟଙ୍କ ପରିଚୟର ଏହି ଆଧାର ପତ୍ର ପ୍ରସ୍ତୁତ ହୋଇଛି। ଏଥିରେ ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ଆଦିର କୌଣସି ବିଚାର ନାହିଁ।

ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହା ଏକ ଗର୍ବର ବିଷୟ ଯେ ଆମେ ଆମର ନିଜସ୍ୱ ବୁଦ୍ଧିବିଦ୍ୟା ଓ ଜ୍ଞାନକୌଶଳର ବ୍ୟବହାର କରି ନାଗରିକଙ୍କ ପରିଚୟ ପ୍ଲାଟ୍‌ଫର୍ମର ଏକ ବିରାଟ ତଥା ଅତ୍ୟାଧୁନିକ ନିରାପଦ ବ୍ୟବସ୍ଥା ପ୍ରସ୍ତୁତ କରିବାରେ ସଫଳ ହୋଇଛୁ। ଆଧାର କେବଳ ଭାରତ ଡିଜିଟାଲ ଭାଗ୍ୟର ଭିତ୍ତିସ୍ଥାପନ କରିନାହିଁ, ଏହା ୧୩୨ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ବିରାଟ ଦେଶକୁ ବିଶ୍ୱର ଡିଜିଟାଲ ନେତୃତ୍ୱ କ୍ଷେତ୍ରରେ ଆଗଧାଡ଼ିକୁ ନେଇଯାଇଛି। ବିକାଶର ନୂଆ ପ୍ରତିମାନ ସୃଷ୍ଟି କରିବାରେ ଆଧାର ଏକ ଆରମ୍ଭ ମାତ୍ର। ଏହା ମଧ ନ୍ୟୁଇଣ୍ଡିଆର ଅଭିନବ ଦିଗ୍‌ବଳୟ ଖୋଲିବାରେ ଏକ ମଜଭୂତ ଭିତ୍ତି ସ୍ଥାପନ କରିଛି।

**ଲେଖକ ହେଉଛନ୍ତି ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ।**

**Email id-ceo@uidai.gov.in**

# ସୁରକ୍ଷିତ ଡିଜିଟାଲ ଇଣ୍ଡିଆ

ରମା ବେଦଶ୍ରୀ

ଭାରତ ଏକ ଟ୍ରିଲିଅନ୍ ଡଲାର ଡିଜିଟାଲ ଅର୍ଥନୀତିର ପରିଚିତି ପାଇବାକୁ ଯାଉଥିବା ବେଳେ ଡିଜିଟାଇଜେସନ୍‌ଦ୍ୱାରା ସୃଷ୍ଟି ହୋଇଥିବା ବିଭିନ୍ନ ଦିଗ, ଦେଶ ଏବଂ ଏହାର ଦେଶବାସୀ ବା ନାଗରିକମାନଙ୍କ ପାଇଁ ସେଗୁଡ଼ିକର ପରିଣାମ, ଏହି ପ୍ରକ୍ରିୟାରୁ ସୃଷ୍ଟି ହେଉଥିବା ପ୍ରସଙ୍ଗସମୂହ ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସେହିସବୁ ଉଦ୍ୟମ ଯାହା ପାରିବେଶିକ ବ୍ୟବସ୍ଥାକୁ ନିରାପଦ ଓ ସୁରକ୍ଷିତ ରଖିବା ନିମନ୍ତେ ଅତ୍ୟାବଶ୍ୟକ, ସେଗୁଡ଼ିକ ଉପରେ ଥରେ ଆଖି ପହଁରାଇ ଆଣିବା ନିହାତି ଦରକାର। ଭୌତିକତାରୁ ଡିଜିଟାଲ କ୍ଷେତ୍ରକୁ ପରିବର୍ତ୍ତିତ ହେବା ଅନେକଗୁଡ଼ିଏ କ୍ଷେତ୍ରରେ ସ୍ପଷ୍ଟ ଦୃଷ୍ଟିଗୋଚର। ପରସ୍ପର ସହିତ ଭାବ ବିନିମୟ ହେଉ କିମ୍ବା ଜନସେବା ପ୍ରଦାନ କରାଯିବା ଅଥବା ଆର୍ଥିକ କାରବାର ସମ୍ପନ୍ନ କ୍ଷେତ୍ରରେ ସରକାର ହୁଅନ୍ତୁ କି ବ୍ୟବସାୟିକ କାରବାରଗୁଡ଼ିକ ହେଉ ବା ସାଧାରଣ ଜନତାଙ୍କ ପାଇଁ ବର୍ତ୍ତମାନ ସମୟରେ ଯେମିତି ହେଲେ ବି ଡିଜିଟାଲ ହେବା ଏକାନ୍ତ ଆବଶ୍ୟକ ମନେହୁଏ। ଭାରତ ଏବଂ ଏହାର ନାଗରିକମାନେ ବର୍ତ୍ତମାନ ବାସ୍ତବରେ ବୈଶ୍ୱିକ 'ଡିଜିଟାଲ ଗ୍ରାମ' ସହିତ ସଂଯୁକ୍ତ ହୋଇ ସାରିଛନ୍ତି, ଏବଂ ପ୍ରକୃତରେ ପ୍ରଯୁକ୍ତିବିଦ୍ୟାର ସାର୍ବଜନିନତା ସମ୍ପର୍କିତ ସ୍ୱରୂପ ନିର୍ଦ୍ଧାରଣ କରୁଛନ୍ତି ଏବଂ ଅନ୍ତର୍ଭୁକ୍ତୀକରଣ ନିମନ୍ତେ ଡିଜିଟାଲ ପଦ୍ଧତିକୁ କାମରେ ଲଗାଉଛନ୍ତି।

ଡିଜିଟାଇଜେସନ୍‌ର କେତେଗୁଡ଼ିଏ ମୁଖ୍ୟ ସୂଚକ– ଇଣ୍ଟରନେଟ୍ ବ୍ୟବହାର, ସ୍ମାର୍ଟଫୋନ୍‌ର ଉପଲବ୍ଧତା, ଅନ୍‌ଲାଇନ୍‌ରେ ସରକାରୀ ସେବା ଏବଂ ଇଣ୍ଟରନେଟ୍ ସହିତ ସଂଯୁକ୍ତ ହେଉଥିବା ଉପକରଣଗୁଡ଼ିକର ସଂଖ୍ୟା ଏସବୁ ଊର୍ଦ୍ଧ୍ୱଗାମୀ ଅର୍ଥାତ୍ ବଢ଼ି ଚାଲିଛନ୍ତି ଏବଂ ଭାରତର କ୍ରମବର୍ଦ୍ଧିଷ୍ଣୁ ଡିଜିଟାଲ୍ ପଦାଙ୍କଙ୍କୁ ପ୍ରଦର୍ଶିତ କରିବା ସହିତ ଦୃଢ଼ୀଭୂତ କରୁଛି। ଆମେ ଏକ କେନ୍ଦ୍ରୀକୃତ ପରିଚୟ ବ୍ୟବସ୍ଥା କଥା ଗର୍ବର ସହିତ କହୁଛୁ ଯାହା ଅନ୍ତର୍ଭୁକ୍ତୀକରଣ, ଲକ୍ଷ୍ୟଭୁକ୍ତ ଜନସେବା ପ୍ରଦାନ ଏବଂ ଏହାର ମଞ୍ଚକୁ ସୁଗମ କରାଉଛି ଯାହା ଉଭୟ ଜି୨ସି ଏବଂ ବି୨ସି ସେବାଗୁଡ଼ିକୁ ସହାୟତା ପ୍ରଦାନ କରୁଛି। ଏକଥା ବି ଆମ୍ଭେମାନେ ଭୁଲିଯିବା



ଉଚିତ ନୁହେଁ ଯେ ସ୍ମାର୍ଟ ଭିତ୍ତିଭୂମି, ସ୍ମାର୍ଟ ବ୍ୟବସ୍ଥା ଏବଂ ସମଗ୍ର ସହର ପାଇଁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା ସ୍ଥାପନ କରି ଆମର ସହରାଞ୍ଚଳ କେନ୍ଦ୍ରଗୁଡ଼ିକୁ ପରିବର୍ତ୍ତିତ କରିବା ନିମନ୍ତେ ଆମର ଉଦ୍ୟମ ଜାରି ରହିଛି । ଥରେ ସ୍ମାର୍ଟ ସିଟିଗୁଡ଼ିକ ସୃଷ୍ଟି ହୋଇଗଲେ, ପ୍ରକୃତ ଅର୍ଥରେ ଡିଜିଟାଇଜେସନ୍ ହାସଲ କରିହେବ, କାରଣ ସେଗୁଡ଼ିକ କେବଳ ସମ୍ବଳ ସମୂହର ସର୍ବୋତ୍କୃଷ୍ଟ ଉପଯୋଗ କରିବେ ନାହିଁ, ନାଗରିକମାନଙ୍କ ଜୀବନଧାରଣର ମାନରେ ମଧ୍ୟ ଉନ୍ନତି ଘଟାଇ ପାରିବେ ।

ପରବର୍ତ୍ତୀ ପର୍ଯ୍ୟାୟର କଳକାରଖାନା ଆଜିର ସୃଷ୍ଟି । ସ୍ୱଂୟକ୍ରିୟତା ପାଇଁ ମଧ୍ୟ ଏହା ପଥ ପରିଷ୍କାର କରିଛି । ସୁଯୋଗ, ସାମର୍ଥ୍ୟ ଏବଂ ବିପଦ ଭଳି ଏକ ତ୍ରିମୁଖୀ ଆଭିମୁଖ୍ୟ ହୁଏତ ସବୁ କଥାକୁ ସାମ୍ନାକୁ ଆଣିବାରେ ସହାୟକ ହୋଇପାରେ । ଇଣ୍ଡଷ୍ଟ୍ରି ୪.୦ ବା ଉଦ୍ୟୋଗ ୪.୦ ଯାହାକି ଉତ୍ପାଦନର ସାଇବର ଆଙ୍ଗିକ ପରିବର୍ତ୍ତନକୁ ବୁଝାଏ, ତାହା ସଂଯୁକ୍ତ ଜିନିଷ, ସ୍ମାର୍ଟ ଉତ୍ପାଦନ ଏବଂ କାଣ୍ଟଛାଣ୍ଟ କରାଯାଇଥିବା ଉତ୍ପାଦ ଓ ସେବାଗୁଡ଼ିକର ଏକ ନୂତନ ଯୁଗ ଆରମ୍ଭ କରିଥାଏ । ଏହାର ସ୍ମାର୍ଟ, ଅଟୋନୋମସ ବା ସ୍ୱୟଂକ୍ରିୟ ଜ୍ଞାନକୌଶଳ ଉଦ୍ୟୋଗ ୪.୦ରେ ପ୍ରୟୋଗ ଜରିଆରେ ଡିଜିଟାଲ ବିଶ୍ୱକୁ ପାର୍ଥିବ ବିଶ୍ୱ ସହିତ ଯୋଡ଼ି ସ୍ମାର୍ଟ ଫ୍ୟାକ୍ଟ୍ରିଗୁଡ଼ିକୁ ଚଳାଇବାକୁ ତଥା ଉନ୍ନତ ଧରଣର ଉତ୍ପାଦନକୁ ସକ୍ଷମ କରାଇବାକୁ ଉଦ୍ୟମ କରାଯାଉଛି । ବ୍ୟବସାୟଗୁଡ଼ିକ ଯେମିତି ଚଳାଯାଉଛି ଏବଂ ଖାଉଟିମାନଙ୍କ ଆଶାନୁରୂପ ହେବାକୁ ଯେଉଁ ପଥ ଅବଲମ୍ବନ କରାଯାଉଛି, ତହିଁରେ ପରିବର୍ତ୍ତନ ଆଣିବାକୁ ସଂଗଠନଗୁଡ଼ିକ ମଧ୍ୟ ତତ୍ପରତାର ସହିତ କୃତ୍ରିମ ଧୀମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ୍, ମେସିନ୍ ଲର୍ଣ୍ଣିଂ ଏବଂ ଡିପ୍ ଲର୍ଣ୍ଣିଂ ବା ଗଭୀର ଅଧ୍ୟୟନ (କଗ୍‌ନିଟିଭ୍ କମ୍ପ୍ୟୁଟିଂର ବଡ଼ ଛତା ତଳେ)କୁ କାର୍ଯ୍ୟରେ ଲଗାଉଛନ୍ତି । ଆଲ୍‌ଗୋରିଦ୍‌ମ୍‌ର ସୀମାହୀନ ସାମର୍ଥ୍ୟ ବଡ଼ ବଡ଼ କର୍ପୋରେଟ୍ ଏବଂ ଉତ୍ସାହର ସହିତ ନୂତନ ଭାବରେ ଆରମ୍ଭ କରାଯାଉଥିବା ପାରିବେଶିକ ବ୍ୟବସ୍ଥା ଦ୍ୱାରା ଅନୁଭବ କରାଯାଉଛି ।



ଭାରତରେ ବଡ଼ ବଡ଼ ଉଦ୍ୟୋଗ, ଏସ୍‌ଏମ୍‌ବି ଏବଂ ପିଏସ୍‌ୟୁଗୁଡ଼ିକୁ ଅନ୍ତର୍ଭୁକ୍ତ କରି ସମସ୍ତ ସ୍ତରରେ ସାଇବର ସୁରକ୍ଷାର ପ୍ରସ୍ତୁତି ଦ୍ରୁତଗତିରେ ହେବା ଆବଶ୍ୟକ । ଅଣୁ ଏବଂ ଲଘୁ ଉଦ୍ୟୋଗଗୁଡ଼ିକ ଦ୍ରୁତଗତିରେ ଅନ୍‌ଲାଇନ୍ କାରବାରକୁ ଆପଣାଉଛନ୍ତି ଏବଂ ସେମାନଙ୍କ ପାଇଁ ଭୟଙ୍କର ଭାବରେ ସାଇବର ବିପଦ ରହିଛି । ଡିଜିଟାଲ ଭାରତରେ ନାଗରିକମାନେ ହେଉଛନ୍ତି ଡିଜିଟାଲ ଗତିର କେନ୍ଦ୍ରବିନ୍ଦୁ । ସେମାନଙ୍କର ଡିଜିଟାଲ ଦେୟ ପ୍ରଦାନ କାରବାର ପାଇଁ ଅନ୍‌ଲାଇନ୍‌ରେ ସୁରକ୍ଷିତ ଏବଂ ନିରାପଦ ପଦ୍ଧତି ଗ୍ରହଣ କରିବାକୁ ଡିଜିଟାଲ ସାକ୍ଷରତା ଏବଂ ସାଇବର ସୁରକ୍ଷା ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଭାରତ ପାଇଁ ଏକ ପ୍ରମୁଖ କାର୍ଯ୍ୟ । ଯେହେତୁ ଭାରତ ଏହାର ଅର୍ଥନୀତିର ଗତିକୁ ତ୍ୱରାନ୍ୱିତ କରିବା ନିମନ୍ତେ ନୂତନ ଡିଜିଟାଲ ଜ୍ଞାନକୌଶଳକୁ କାମରେ ଲଗାଇବାର ଦ୍ରୁତତମ ପଥରେ ରହିଛି, ତେଣୁ ଉଭୟ ବୈଷୟିକ ତଥା ଆନୁଷ୍ଠାନିକ ଦୃଷ୍ଟିରୁ ସାଇବର ସୁରକ୍ଷା ଉପରେ ଧ୍ୟାନ ଦିଆଯିବା ସହିତ ପୁଞ୍ଜିନିବେଶ କରାଯିବା ସଙ୍ଗେ ସଙ୍ଗେ ମାନବସମ୍ବଳର ସାମର୍ଥ୍ୟ ବୃଦ୍ଧି କରାଯିବା ବର୍ତ୍ତମାନ ଏକ ରାଷ୍ଟ୍ରୀୟ ପ୍ରାଥମିକତା ହୋଇଯାଇଛି, ସମ୍ଭବତଃ ସାମରିକ ବା ପାରାମିଲିଟାରୀ ବାହିନୀ ଭଳି ସର୍ବାଧିକ ଗୁରୁତ୍ୱ ବହନ କରିଛି ।

## ଡିଜିଟାଲ ସ୍ପେଶ୍‌ର ଚିନ୍ତା

ଡିଜିଟାଇଜେସନ୍ ପାଇଁ ରହିଥିବା ପଥରେ ପ୍ରଭୂତ ପରିମାଣର ଡାଟା ବା ତଥ୍ୟକୁ ଡିଜିଟାଇଜ୍ କରାଯିବାର ଆବଶ୍ୟକତା ଅନୁଭୂତ ହେଉଛି ଏବଂ ଭିତ୍ତିଭୂମି ଓ ପ୍ରୟୋଗ ଇଣ୍ଟରନେଟ୍ ତଥା ପରସ୍ପର ମଧ୍ୟରେ ଆନ୍ତଃସଂଯୋଗ ପ୍ରତି ଉନ୍ମୁଖ ରହୁଛି ଯାହା ନୂଆ ତଥା ଉନ୍ନତ ସୁଯୋଗ ବା ପରିସର ଉନ୍ମୁକ୍ତ କରିବା ସହିତ ସାଇବର ସୁରକ୍ଷା ପ୍ରସଙ୍ଗକୁ ଆମନ୍ତ୍ରଣ କରୁଛି । ପୂର୍ବରୁ କେବେହେଲେ ଦେଖାଯାଇ ନଥିବା କି ଅନୁମାନ କରାଯାଇ ନଥିବା ବିପଦଗୁଡ଼ିକ ସାମ୍ନାକୁ ଆସୁଛି ଏବଂ ଆଜି ସମଗ୍ର ଉଦ୍ୟୋଗ ସମ୍ମୁଖରେ ଉଭା ହେଉଛି ଏବଂ ବ୍ୟବସାୟିକ ବିପଦ ଭାବରେ ଉଭା ହେଉଛି ଯାହାକି ବ୍ୟବସାୟିକ ଖ୍ୟାତିର କ୍ଷତି ଘଟାଉଛି, ସେବା କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରୁଛି ଏବଂ ସବୁଠୁ ବଡ଼କଥା ହେଉଛି, ଜନସାଧାରଣଙ୍କ ନିରାପତ୍ତା ପ୍ରତି ବିପଦ ସାଜୁଛି । ଆଉ ଏକଥା ସମ୍ପୂର୍ଣ୍ଣ ଭାବରେ ଏକସ୍ୱରରେ କୁହାଯାଇପାରେ ଯେ କେବଳ ବିଏଫ୍‌ଏସ୍‌ଆଇ (ବ୍ୟାଙ୍କିଙ୍ଗ୍ ଆଣ୍ଡ୍ ଫାଇନାନ୍‌ସିଆଲ୍ ସର୍ଭିସେସ୍ ଇଣ୍ଡଷ୍ଟ୍ରି) ଏବଂ ସିଆଇଆଇ (କ୍ରିଟିକାଲ ଇନ୍‌ଫରମେସନ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍) ଭଳି ଉଦ୍ୟୋଗଗୁଡ଼ିକ ଏଭଳି ଦୁର୍ଦ୍ଦଶାର ଶିକାର ହେଉ ନାହାନ୍ତି; ସାରା ବୋର୍ଡର ଶିଳ୍ପୋଦ୍ୟୋଗଗୁଡ଼ିକ ଏଭଳି

ଭୟାନକ ସାଇବର- ଆକ୍ରମଣର ସମ୍ମୁଖୀନ ହେଉଛନ୍ତି। ସାଇବର ସ୍ପେଶ୍ ହେଉଛି ବର୍ତ୍ତମାନ ସମୟର ପଞ୍ଚମ ଯୁଦ୍ଧକ୍ଷେତ୍ର। ୨୦୧୮ ୱ୍ୱର୍ଲଡ୍ ଇକୋନୋମିକ୍ ଫୋରମ୍‌ର ରିସ୍କ୍ ବା ବିପଦ ସମ୍ବନ୍ଧିତ ରିପୋର୍ଟ ଅନୁସାରେ ପାରିବେଶିକ ବିପର୍ଯ୍ୟୟକୁ ମିଶାଇ ସାଇବର ବିପଦ ହେଉଛି ତିନିଗୋଟି ବଡ଼ ବିପଦ ମଧ୍ୟରୁ ଗୋଟିଏ। ସାଇବର ସ୍ପେଶ୍‌ର କେତେଗୁଡ଼ିଏ ସ୍ୱତନ୍ତ୍ରତା ବା ବୈଶିଷ୍ଟ୍ୟ ମୁଖ୍ୟତଃ ଅପରାଧ ଘଟାଇବାରେ ପାରଙ୍ଗମତା, ଆକ୍ରମଣକୁ ଚିହ୍ନଟ କରିବା ବା ଆକ୍ରମଣ ପାଇଁ କାହା ଉପରେ ଦୋଷ ଲଦିବା କ୍ଷେତ୍ରରେ ଅସୁବିଧା, ରାଜ୍ୟମାନଙ୍କ ଦ୍ୱାରା ସାଇବର ଅସ୍ତ୍ରର ବିକାଶ ଘଟାଇବା ଏବଂ ସେମାନଙ୍କର ଅଭିସନ୍ଧିମୂଳକ କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ନିମନ୍ତେ ଦେଶ ବାହାରର ଲୋକମାନେ ବ୍ୟବହାର କରିବା ଏହାକୁ ଅଧିକ ବିପଜ୍ଜନକ କରି ଦେଉଛି। ସାଇବର ଅପରାଧୀମାନଙ୍କ ଗତିବିଧିକୁ ନିରୀକ୍ଷଣ କରିବା ଏବଂ ପ୍ରମାଣ ସଂଗ୍ରହ କରିବା କ୍ଷେତ୍ରରେ ଆହ୍ୱାନ, ଆଇନ୍‌ର ପ୍ରୟୋଗ, ବିଚାର ପରିସର ସମ୍ପର୍କିତ ପ୍ରସଙ୍ଗ ଏବଂ ସାଇବର ଅପରାଧର ମୁକାବିଲା କରିବା ନିମନ୍ତେ ପ୍ରଭାବହୀନ ଆନ୍ତର୍ଜାତିକ ଆଇନ୍‌ଗତ ଢାଞ୍ଚା ଯୋଗୁଁ

ଡିଜିଟାଇଜେସନ୍‌ର କେତେଗୁଡ଼ିଏ ମୁଖ୍ୟ ସୂଚକ- ଇଣ୍ଟରନେଟ୍ ବ୍ୟବହାର, ସ୍ମାର୍ଟଫୋନ୍‌ର ଉପଲବ୍ଧତା, ଅନ୍‌ଲାଇନ୍‌ରେ ସରକାରୀ ସେବା ଏବଂ ଇଣ୍ଟରନେଟ୍ ସହିତ ସଂଯୁକ୍ତ ହେଉଥିବା ଉପକରଣଗୁଡ଼ିକର ସଂଖ୍ୟା ଏସବୁ ଊର୍ଦ୍ଧ୍ୱଗାମୀ ଅର୍ଥାତ୍ ବଢ଼ି ଚାଲିଛନ୍ତି ଏବଂ ଭାରତର କ୍ରମବର୍ଦ୍ଧିଷ୍ଣୁ ଡିଜିଟାଲ୍ ପଦାଙ୍କଙ୍କୁ ପ୍ରଦର୍ଶିତ କରିବା ସହିତ ଦୃଢ଼ୀଭୂତ କରୁଛି। ଆମେ ଏକ କେନ୍ଦ୍ରୀକୃତ ପରିଚୟ ବ୍ୟବସ୍ଥା କଥା ଗର୍ବର ସହିତ କହୁଛୁ ଯାହା ଅନ୍ତର୍ଭୁକ୍ତୀକରଣ, ଲକ୍ଷ୍ୟଭୁକ୍ତ ଜନସେବା ପ୍ରଦାନ ଏବଂ ଏହାର ମଞ୍ଚକୁ ସୁଗମ କରାଉଛି ଯାହା ଉଭୟ ଜି୨ସି ଏବଂ ବି୨ସି ସେବାଗୁଡ଼ିକୁ ସହାୟତା ପ୍ରଦାନ କରୁଛି। ଏକଥା ବି ଆମ୍ଭେମାନେ ଭୁଲିଯିବା ଉଚିତ ନୁହେଁ ଯେ ସ୍ମାର୍ଟ ଭିତ୍ତିଭୂମି, ସ୍ମାର୍ଟ ବ୍ୟବସ୍ଥା ଏବଂ ସମଗ୍ର ସହର ପାଇଁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା ସ୍ଥାପନ କରି ଆମର ସହରାଞ୍ଚଳ କେନ୍ଦ୍ରଗୁଡ଼ିକୁ ପରିବର୍ତ୍ତିତ କରିବା ନିମନ୍ତେ ଆମର ଉଦ୍ୟମ ଜାରି ରହିଛି।




ସେମାନଙ୍କୁ (ସାଇବର ଅପରାଧୀମାନଙ୍କୁ) ନ୍ୟାୟିକ ବ୍ୟବସ୍ଥାର ପରିସର ଭିତରକୁ ଆଣିବା ବେଳକୁ ବେଳ କଠିନ କାର୍ଯ୍ୟ ସାବ୍ୟସ୍ତ ହୋଇ ପଡୁଛି।

ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱରେ ସାଇବର ନିୟମ କାନୁନ୍‌ର ଉଲ୍ଲଙ୍ଘନ ସବୁ ରାଷ୍ଟ୍ରର ସରକାର, ଉଦ୍ୟୋଗ ଏବଂ ବ୍ୟବହାରକାରୀମାନଙ୍କ ପାଇଁ ସାଇବର ସୁରକ୍ଷା ପ୍ରସ୍ତୁତିକୁ ଅଧିକ ସୁସଂହତ ଏବଂ ସୁସଂଯୋଜିତ ଢଙ୍ଗରେ ସମ୍ପନ୍ନ କରିବାକୁ ଯୋଜନା ତିଆରି କରିବା ନିମନ୍ତେ ଯେ ସ୍ପଷ୍ଟ ବାର୍ତ୍ତାଟିଏ ପ୍ରଦାନ କରିଛି, ତାହାଠାରୁ ସ୍ପଷ୍ଟ କଥା ଆଉ କିଛି ଥାଇ ନପାରେ। ସାଇବର ଆହ୍ୱାନକୁ ସମ୍ମୁଖୀନ ହେବା ପାଇଁ ଭାରତ ଭିତରେ ସରକାର-ଉଦ୍ୟୋଗ ଏବଂ ସମାନ ପରିସ୍ଥିତିର ସମ୍ମୁଖୀନ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ସହିତ ଭାଗିଦାରୀ ବା ସହଯୋଗ କରି ସାଇବର ଆହ୍ୱାନଗୁଡ଼ିକର ମୁକାବିଲା କରିବା ଉପରେ ପ୍ରାଥମିକତା ଦିଆଯିବା ଆବଶ୍ୟକ ହୋଇ ପଡ଼ିଛି।

## ସାଇବର ସୁରକ୍ଷାର ପରିବର୍ତ୍ତିତ ଚରିତ୍ର

ଡିଜିଟାଇଜେସନ୍ ବ୍ୟବସ୍ଥା ଯୋଗୁଁ ଦିନକୁ ଦିନ ଚାହିଦା ବଢ଼ିଚାଲିଛି। ଏହା ସହିତ ସାଇବର ସ୍ପେଶ୍‌ର ସୁରକ୍ଷା ନିମନ୍ତେ ରଣକୌଶଳ ଉଦ୍ଭାବନ ଦ୍ରୁତଗତିରେ ହୋଇ ଚାଲିଛି ଏବଂ ସାଇବର ସୁରକ୍ଷା ସାମର୍ଥ୍ୟ ବିକାଶ କ୍ଷେତ୍ରରେ ନୂଆ ନୂଆ କୌଶଳ ଉଦ୍ଭାବନ କରିବାକୁ ବାଟ କଢ଼ାଉଛି। ପରବର୍ତ୍ତୀ ପିଢ଼ି ସାଇବର ସୁରକ୍ଷା ରଣକୌଶଳ ଉପାଦାନଗୁଡ଼ିକର ସୂଚନାତ୍ମକ ତାଲିକା ନିମ୍ନମତେ-

୧) ରେକଗ୍‌ନିସନ୍ ଟେକ୍ନୋଲୋଜି (ଚିହ୍ନଟ କରିବାର ବୈଷୟିକ ଜ୍ଞାନକୌଶଳ)ର ସୁରକ୍ଷା।

୨) ଯୋଗାଣ କଡ଼ି ଉପରେ ଧ୍ୟାନ କେନ୍ଦ୍ରିତ କରି ସମ୍ପ୍ରସାରିତ ପରିସରଭିତ୍ତିକ ସୁରକ୍ଷା।

୩) ପରିପ୍ରେକ୍ଷୀ ବା କଣ୍ଟେକ୍ସଟ୍ ସଚେତନତାମୂଳକ ସୁରକ୍ଷା।

୪) ଚିହ୍ନଟୀକରଣ ଅପେକ୍ଷା ପ୍ରତିକ୍ରିୟା ଉପରେ ଅଧିକ ଗୁରୁତ୍ୱ।

୫) ଇ-ଭିତ୍ତିଭୂମିର ସ୍ଥିତି ସ୍ଥାପକତା।

୬) ସୁରକ୍ଷା ଶୃଙ୍ଖଳାର ସମ୍ମିଶ୍ରଣ। 'ଡିଜିଟାଲ ଇଣ୍ଡିଆ' ଯୁଗରେ ଏସବୁ ଉପାଦାନ ଏବଂ ଆହୁରି ଅନେକ ଜିନିଷ

ସାଇବର ସୁରକ୍ଷା ପରିସରରେ ସୁରକ୍ଷା ପ୍ରଦାନ କାର୍ଯ୍ୟକ୍ରମକୁ ଆଗେଇ ନେବା ଆଶା କରାଯାଉଛି।

ଡିଜିଟାଇଜେସନ୍ ଯୁଗରେ ଅନୁଷ୍ଠାନଗୁଡ଼ିକ ସ୍ଥିତିସ୍ଥାପକ ବ୍ୟବସ୍ଥା ଉପରେ ଧ୍ୟାନ ଦେଉଛନ୍ତି ଯାହା ବିପର୍ଯ୍ୟୟର ପୁନରୁଦ୍ଧାର ଅପେକ୍ଷା ଆକ୍ରମଣର ମୁକାବିଲା କରିବାରେ ସମର୍ଥ ହେଉଥିବ। ବିପଦ ସୃଷ୍ଟି କରୁଥିବା କାର୍ଯ୍ୟକଳାପଗୁଡ଼ିକ ପାଇଁ ଅନୁଷ୍ଠାନଗୁଡ଼ିକ ଡିଜିଟାଇଜେସନ୍‌ର ଯୁଗରେ ଦକ୍ଷତା ଏବଂ ସାମର୍ଥ୍ୟ ନିର୍ମାଣ କରୁଛନ୍ତି। ରାଷ୍ଟ୍ରୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ସାମଗ୍ରିକ ଗୁଇନ୍ଦାଗିରି, ବିଲୋପକରଣ ଏବଂ ବିପଦକୁ ପ୍ରତିହତ କରିବାକୁ ପ୍ରଭାବଶାଳୀ ସାମର୍ଥ୍ୟ ତିଆରି କରୁଛନ୍ତି।

ଡିଜିଟାଲ ଇଣ୍ଡିଆରେ ସାଇବର ସିକ୍ୟୁରିଟି ପ୍ରସଙ୍ଗକୁ ମୁକାବିଲା କରିବା ନିମନ୍ତେ ପଦକ୍ଷେପ ସମୂହ

ଆମ୍ଭେମାନେ ଯେଉଁ ସାଇବର ସୁରକ୍ଷା ଆହ୍ୱାନର ସମ୍ମୁଖୀନ ହେଉଛେ, ତାହା ସବୁ ପକ୍ଷମାନଙ୍କର ଗଭୀର ଧ୍ୟାନ ଆକର୍ଷଣ ଆବଶ୍ୟକ କରେ, ବିଶେଷକରି ଶିଳ୍ପୋଦ୍ୟୋଗ ଏବଂ ସରକାରଙ୍କର। ଏହି ଦୁଇଟି ସହିତ ଉଦ୍ୟୋଗ ନିୟନ୍ତ୍ରକ ଏବଂ ରାଷ୍ଟ୍ରୀୟ ସାଇବର ସିକ୍ୟୁରିଟି ଆଦି ସଂସ୍ଥା ଆହ୍ୱାନଗୁଡ଼ିକର ଜବାବ ଦେବା ପାଇଁ ତଥା ଆକ୍ରମଣ/ପ୍ରତ୍ୟାକ୍ରମଣର ମୁକାବିଲା କରିବାକୁ ଉନ୍ନତ ଧରଣର ପ୍ରସ୍ତୁତି ନିମନ୍ତେ ଆନୁଷ୍ଠାନିକ ବ୍ୟବସ୍ଥା କରିବା ଦରକାର। ନିମ୍ନରେ କେତେଗୁଡ଼ିଏ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରାଯାଇଛି:

ସାଇବର ସୁରକ୍ଷା ପ୍ରସ୍ତୁତି ନିମନ୍ତେ ଉଦ୍ୟୋଗ ଏବଂ ସଂସ୍ଥାମାନଙ୍କୁ ଅନୁପ୍ରେରିତ କରିବା ପାଇଁ ନୀତି ଏବଂ ନିୟନ୍ତ୍ରକ ପ୍ରତିକ୍ରିୟା:- ଆର୍‌ବିଆଇ, ଆଇଆର୍‌ଡିଏଆଇ ଦ୍ୱାରା ବ୍ୟାଙ୍କିଙ୍ଗ୍ ଏବଂ ଇନସ୍ୟୁରାନ୍ସ ବା ବୀମା କ୍ଷେତ୍ର ପାଇଁ ସାଇବର ସୁରକ୍ଷା ଢାଞ୍ଚା, ଏମ୍‌ଓଏଚ୍‌ୟୁଏ ଦ୍ୱାରା ସ୍ମାର୍ଟ ସିଟିଗୁଡ଼ିକ ପାଇଁ ସାଇବର ସୁରକ୍ଷା ଢାଞ୍ଚାଗୁଡ଼ିକ ଏ ଦିଗରେ ଏକ ଏକ ପଦକ୍ଷେପ। କିନ୍ତୁ ଏହିସବୁ



ଢାଞ୍ଚାର ବଳିଷ୍ଠ କାର୍ଯ୍ୟାନ୍ୱୟନ ଆବଶ୍ୟକ ଏବଂ ସ୍ୱାସ୍ଥ୍ୟସେବାକୁ ମିଶାଇ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ଅନ୍ୟାନ୍ୟ ଉଦ୍ୟୋଗଗୁଡ଼ିକରେ ସମାନ ଧରଣର ଧ୍ୟାନ ଆବଶ୍ୟକ।

ସାମୂହିକ ପ୍ରତିରକ୍ଷା ଏବଂ ତୁରନ୍ତ ପ୍ରତିକ୍ରିୟା ପ୍ରକାଶ ନିମନ୍ତେ ସଂଯୋଜନା ଏବଂ ସହଯୋଗ:- ଉଦ୍ୟୋଗଭିତ୍ତିକ ସିଇଆର୍‌ଟିଏସ୍ ଏବଂ ରାଜ୍ୟସ୍ତରୀୟ ସିଇଆର୍‌ଟିଗୁଡ଼ିକ ଏକ ରାଷ୍ଟ୍ରୀୟ ସିଇଆର୍‌ଟିର ଉଦ୍ୟମକୁ ବଳିଷ୍ଠ କରାଇବାର ଆବଶ୍ୟକତା ରହିଛି। ସାଇବର ଅପରାଧୀମାନଙ୍କୁ ନ୍ୟାୟିକ ବ୍ୟବସ୍ଥାରେ ଦଣ୍ଡ ବିଧାନର ପରିସରକୁ ଆଣିବା ନିମନ୍ତେ ଆଇନ୍ ପ୍ରବର୍ତ୍ତନ ସଂସ୍ଥା ଏବଂ ନ୍ୟାୟାଳୟର ସାମର୍ଥ୍ୟକୁ ବଢ଼ାଇବା ଏବଂ ତ୍ୱରିତ ତଦନ୍ତ ସହିତ ସମନ୍ୱିତ ଆନ୍ତର୍ଜାତିକ ଉଦ୍ୟମ ପାଇଁ ସରକାରରୁ ସରକାର ସ୍ତର ତଥା ଦ୍ୱିପାକ୍ଷିକ, ବହୁପାକ୍ଷିକ ସହଯୋଗ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା।

ଭାରତରେ ବଡ଼ ବଡ଼ ଉଦ୍ୟୋଗ, ଏସ୍‌ଏମ୍‌ବି ଏବଂ ପିଏସ୍‌ୟୁଗୁଡ଼ିକୁ ଅନ୍ତର୍ଭୁକ୍ତ କରି ସମସ୍ତ ସ୍ତରରେ ସାଇବର ସୁରକ୍ଷାର ପ୍ରସ୍ତୁତି ଦ୍ରୁତଗତିରେ ହେବା ଆବଶ୍ୟକ। ଅଣୁ ଏବଂ ଲଘୁ ଉଦ୍ୟୋଗଗୁଡ଼ିକ ଦ୍ରୁତଗତିରେ ଅନ୍‌ଲାଇନ୍ କାରବାରକୁ ଆପଣାଉଛନ୍ତି ଏବଂ ସେମାନଙ୍କ ପାଇଁ ଭୟଙ୍କର ଭାବରେ ସାଇବର ବିପଦ ରହିଛି। ଡିଜିଟାଲ ଭାରତରେ ନାଗରିକମାନେ ହେଉଛନ୍ତି ଡିଜିଟାଲ ଗତିର କେନ୍ଦ୍ରବିନ୍ଦୁ। ସେମାନଙ୍କର ଡିଜିଟାଲ ଦେୟ ପ୍ରଦାନ କାରବାର ପାଇଁ ଅନ୍‌ଲାଇନ୍‌ରେ ସୁରକ୍ଷିତ ଏବଂ ନିରାପଦ ପଦ୍ଧତି ଗ୍ରହଣ କରିବାକୁ ଡିଜିଟାଲ ସାକ୍ଷରତା ଏବଂ ସାଇବର ସୁରକ୍ଷା ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଭାରତ ପାଇଁ ଏକ ପ୍ରମୁଖ କାର୍ଯ୍ୟ। ଯେହେତୁ ଭାରତ ଏହାର ଅର୍ଥନୀତିର ଗତିକୁ ତ୍ୱରାନ୍ୱିତ କରିବା ନିମନ୍ତେ ନୂତନ ଡିଜିଟାଲ ଜ୍ଞାନକୌଶଳକୁ କାମରେ ଲଗାଇବାର ଦ୍ରୁତତମ ପଥରେ ରହିଛି, ତେଣୁ ଉଭୟ ବୈଷୟିକ ତଥା ଆନୁଷ୍ଠାନିକ ଦୃଷ୍ଟିରୁ ସାଇବର ସୁରକ୍ଷା ଉପରେ ଧ୍ୟାନ ଦିଆଯିବା ସହିତ ପୁଞ୍ଜିନିବେଶ କରାଯିବା ସଙ୍ଗେ ସଙ୍ଗେ ମାନବସମ୍ବଳର ସାମର୍ଥ୍ୟ ବୃଦ୍ଧି କରାଯିବା ବର୍ତ୍ତମାନ ଏକ ରାଷ୍ଟ୍ରୀୟ ପ୍ରାଥମିକତା ହୋଇଯାଇଛି, ସମ୍ଭବତଃ ସାମରିକ ବା ପାରାମିଲିଟାରୀ ବାହିନୀ ଭଳି ସର୍ବାଧିକ ଗୁରୁତ୍ୱ ବହନ କରିଛି।

ସୁରକ୍ଷାକୁ ଏକ କାମଚଳା ବ୍ୟବସ୍ଥା ଅପେକ୍ଷା ଏକ ଢାଞ୍ଚାଗତ ବ୍ୟବସ୍ଥା ଭାବରେ ତଥା ଏକ ଗୁରୁତ୍ୱପୂର୍ଣ୍ଣ ଆନୁଷ୍ଠାନିକ ଅଙ୍ଗ ଭାବରେ ବିବେଚନା କରାଯିବା ବାଞ୍ଛନୀୟ। ଏଭଳି ମାନସିକ ପରିବର୍ତ୍ତନ ସାମଗ୍ରିକ ଭାବରେ ହେବା ଉଚିତ୍- ସେ ନିର୍ମାଣକାରୀ ହୁଅନ୍ତୁ, ସମାଧାନର ସୂତ୍ରଧର ହୁଅନ୍ତୁ କିମ୍ବା କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଉଦ୍ୟୋଗ ସମେତ ଷ୍ଟାର୍ଟଅପ୍, ବୁଦ୍ଧିଜୀବୀ ଗୋଷ୍ଠୀ କିମ୍ବା ସରକାର ହୁଅନ୍ତୁ।

**ଲେଖିକା ହେଉଛନ୍ତି ଡାଟା ସିକ୍ୟୁରିଟି କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ନେସ୍‌କମ୍‌ର ପୂର୍ବତନ ଉପାଧ୍ୟକ୍ଷା।**

**Email id- rama@dsci.in**

# 'ଡିଜିଟାଲ ଇଣ୍ଡିଆ'ର ପରିବର୍ତ୍ତନବାଦୀ ପ୍ରଭାବ

ସିମ୍ମି ଚୌଧୁରୀ

ଭାରତ ଡିଜିଟାଲ ଯାତ୍ରାର କାହାଣୀ ପରିବର୍ତ୍ତନ ଓ ଲୋକଙ୍କୁ ଯୋଡ଼ିବାର କଥା କହେ। ୨୦୧୫ରେ ଦେଶରେ ଆରମ୍ଭ ହୋଇଥିବା ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ପ୍ରଥମ ଲକ୍ଷ୍ୟ ଥିଲା ଭାରତକୁ ଏକ ଜ୍ଞାନ ଅର୍ଥନୀତି (ନଲେଜ ଇକନମୀ)ରେ ପରିଣତ କରିବା ସହ ଭାରତୀୟ ସମାଜକୁ ଡିଜିଟାଲ କ୍ଷେତ୍ରରେ ସଶକ୍ତ କରିବା। ପରିବର୍ତ୍ତନମୂଳକ ବିବର୍ତ୍ତନରେ ଜ୍ଞାନକୌଶଳ ବା ଟେକ୍‌ନୋଲୋଜିର ଏକ ଅନ୍ତର୍ନିହିତ ଭୂମିକା ରହିଛି। ଏହାଦ୍ୱାରା ପାରଦର୍ଶିତା ବଢ଼େ, ସବୁ ବର୍ଗର ଲୋକଙ୍କୁ ଯୋଡ଼ିହୁଏ ଓ କେହି ବିକାଶ ପ୍ରକ୍ରିୟାରୁ ବାଦ ପଡ଼ନ୍ତି ନାହିଁ ଏବଂ ଉତ୍ପାଦକତା ଓ ଦକ୍ଷତା ବୃଦ୍ଧି ପାଏ।

ନୂଆ ଟେକ୍‌ନୋଲୋଜି ଦ୍ୱାରା ପରିଚାଳିତ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତ ଏକ ଅପାର ସମ୍ଭାବନାର କ୍ଷେତ୍ର ପାଲଟିଛି। ଏଥିରେ ଆଶା ଆକାଙ୍କ୍ଷା ଓ ମେଧାର ସମନ୍ୱୟ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଇ-ପ୍ରଶାସନ ଜରିଆରେ ଶାସନକୁ ସରକାର କୈନ୍ଦ୍ରୀକରୁ ନାଗରିକ କୈନ୍ଦ୍ରୀକ କରିବାକୁ ଯେଉଁ କେତେକ ଦେଶ ଟେକ୍‌ନୋଲୋଜି ଓ ଇନୋଭେସନର ସଫଳ ମିଶ୍ରଣ କରିଛନ୍ତି ସେଥିମଧ୍ୟରେ ଭାରତ ରହିଛି। ଇ-ସେବା ମାଧ୍ୟମରେ ନାଗରିକଙ୍କୁ ଶାସନରେ ସହଭାଗୀ କରିବା ପାଇଁ ଯେଉଁ ପରିବେଶ ଓ ପରିତନ୍ତ୍ରର ଆବଶ୍ୟକତା ରହିଛି ସେଥିପାଇଁ ସରକାର କ୍ଷେତ୍ର ପ୍ରସ୍ତୁତ କରିବା ସହିତ ନୀତି ପ୍ରସ୍ତୁତି ଓ ନିଷ୍ପତ୍ତି ଗ୍ରହଣରେ ଲୋକଙ୍କୁ ସାମିଲ କରିବାକୁ ସଶକ୍ତ ଓ ଯୋଗ୍ୟ କରିଛନ୍ତି। ୨୦୧୮ରେ ପ୍ରକାଶିତ ମିଳିତ ଜାତିସଂଘର ଇ-ଗଭର୍ଣ୍ଣାନ୍ସ ସୂଚୀରେ କୁହାଯାଇଛି ଯେ ଭାରତ ସଫଳତାର ସହ ଶାସନ ପ୍ରକ୍ରିୟାରେ ଆଇସିଟିର ଉପଯୋଗ କରି ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଅଗ୍ରଣୀ ରହିଛି। ଜାତିସଂଘର ଅନ୍‌ଲାଇନ୍ ସର୍ଭିସ୍ ସୂଚୀରେ ଭାରତ ୨୦୧୮ରେ ୦.୯୫ ଅଙ୍କ ପାଇଛି ଯାହା ଉଲ୍ଲେଖନୀୟ। ଇ-ପାର୍ଟିସିପେସନ ଇଣ୍ଡେକ୍ସରେ ମଧ୍ୟ ଭାରତର ପ୍ରଦର୍ଶନ ଭଲ ରହିଛି ଓ ୨୦୧୮ ବର୍ଷରେ ୦.୯୬ ଅଙ୍କ ମିଳିଛି। ନାଗରିକମାନଙ୍କୁ ସଂପୃକ୍ତ କରି ଦେଶରେ ଯେଉଁ ବୃହତ୍ 'ମାଇଁ ଗଭ୍' ପ୍ଲାଟଫର୍ମ ପ୍ରସ୍ତୁତ ହୋଇଛି ତାହା ବାସ୍ତବ ସହଯୋଗଭିତ୍ତିକ ଗଣତାନ୍ତ୍ରିକ ଚେତନାର ଏକ ଯଥାର୍ଥ ପରିପ୍ରକାଶ।

ଡିଜିଟାଲ ଯାତ୍ରାରେ ଭାରତ ତାହାର ଉତ୍‌ଥାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପର୍ଯ୍ୟାୟରେ ଏବେ ଅଛି। ଭାରତ ନିଜର ଦୃଢ଼ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କରିବା ସହ ଡିଜିଟାଲ ଆକ୍‌ସେସ୍‌କୁ ସଂପ୍ରସାରିତ କରିଛି। ଏହାର ଅର୍ଥ ଅଧିକରୁ ଅଧିକ ଲୋକ ଓ କ୍ଷେତ୍ର ଏହାର



ପରିସରଭୁକ୍ତ ହୋଇଛନ୍ତି । ଏବେ ଡିଜିଟାଲ ଅଭିବୃଦ୍ଧିର ପରବର୍ତ୍ତୀ ସ୍ତରକୁ ଯିବାକୁ ଭାରତ ପ୍ରସ୍ତୁତ ହେଉଛି । ସେଥିପାଇଁ ବିରାଟ ଆର୍ଥିକ ପରିବେଶ ସୃଷ୍ଟି ସହ କୋଟି କୋଟି ଭାରତୀୟଙ୍କୁ ଡିଜିଟାଲ କ୍ଷେତ୍ରରେ ସଶକ୍ତ ଓ ସମର୍ଥ କରାଯାଉଛି । ଡିଜିଟାଲ କୌଶଳର ଉପଯୋଗ କରି ସେମାନେ ଏବେ ବିଭିନ୍ନ କ୍ଷେତ୍ର ଓ ଉଦ୍ୟୋଗରେ ସଫଳତାର ସହ ପ୍ରବେଶ କରୁଛନ୍ତି ।

ଭାରତୀୟ ନାଗରିକଙ୍କୁ ଆଧାର ମାଧ୍ୟମରେ ଡିଜିଟାଲ ପରିଚୟପତ୍ର ପ୍ରଦାନ କରିବାରେ ଭାରତ ସଫଳ ହୋଇଛି । ଏଥିରେ ଦେଶର ୧୨୨ କୋଟି ନାଗରିକ ସଂଯୁକ୍ତ ହୋଇଛନ୍ତି । ଏହି ବ୍ୟବସ୍ଥାରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା ପରିଚୟପତ୍ରର ବୈଧତାକୁ ଯେକୌଣସି ସ୍ଥାନରେ ଯେକୌଣସି ସମୟରେ ପ୍ରମାଣ କରିହେବ । ଦେଶର ଆର୍ଥିକ ଦୁର୍ବଳ ଶ୍ରେଣୀ ଓ ଗରିବ ଲୋକମାନେ ଏହି କାର୍ଡଦ୍ୱାରା ବିଶେଷ ଉପକୃତ ହୋଇଛନ୍ତି । ଏହାଦ୍ୱାରା ସେମାନେ ପାଉଥିବା ସରକାରୀ ସୁବିଧା ସୁଯୋଗର ଲାଭକୁ ବାଟମାରଣା କରିବାର ରାସ୍ତା ବନ୍ଦ ହୋଇଯାଇଛି । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମିଳୁଥିବା ରିଆତି ସାମଗ୍ରୀ, ରନ୍ଧନ ଗ୍ୟାସ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ହିତାଧିକାରୀଙ୍କ ଭଳି ସରକାରୀ ଯୋଜନାର ଲାଭ ପାଉଥିବା ପ୍ରତ୍ୟେକ ବ୍ୟକ୍ତି ଆଧାର କାର୍ଡ ବ୍ୟାଙ୍କ ଆକାଉଣ୍ଟ ସହ ସଂଯୁକ୍ତ ହୋଇଛି । ତେଣୁ ସରକାରୀ ଲାଭ ସିଧାସଳଖ ହିତାଧିକାରୀଙ୍କ ପାଖକୁ ଯାଉଛି ଓ ଏହାର ବାଟମାରଣା ରାସ୍ତା ବନ୍ଦ ହୋଇଯାଇଛି । ଏହା ଫଳରେ ଆଧାର ଏକ ଡିଜିଟାଲ ଭିତ୍ତିକ ପ୍ଲାଟଫର୍ମ ସୃଷ୍ଟି କରିବା ସହ ସଂପୃକ୍ତ ଲୋକଙ୍କୁ ସାମାଜିକ ଓ ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ସାମିଲ କରିଛି ।

ଡିଜିଟାଲ ପେମେଣ୍ଟ କାରବାରରେ ଭାରତ ଅଭିବୃଦ୍ଧି ବହୁଗୁଣିତ ହୋଇଛି । ୨୦୧୪ରେ ମାତ୍ର ୩୩୫ କୋଟି ଟଙ୍କାର ଡିଜିଟାଲ କାରବାର ହୋଇଥିବାବେଳେ ୨୦୧୭-୧୮ରେ ଏହା ୨୦୭୦.୯୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହି କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି ।




ସରକାରଙ୍କ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ପ୍ରୟାସ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଯୋଗୁଁ ସଫଳ ହୋଇଛି । ଏହା ଫଳରେ ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଫଳତା ଲାଭ କରିଛି । ଲୋକଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ସବ୍‌ସିଡି ବାବଦ ସରକାରୀ ଅର୍ଥ ଯାଉଛି । ଲୋକେ ତତ୍କାଳ ଓ ଧାର୍ଯ୍ୟ ପରିମାଣର ଅର୍ଥ ପାଉଛନ୍ତି । ଏ ପର୍ଯ୍ୟନ୍ତ ଦେଶରେ ୫.୦୬ ଲକ୍ଷ କୋଟି ଟଙ୍କାର ପ୍ରତ୍ୟେକ୍ଷ ଲାଭ ହସ୍ତାନ୍ତର କରାଯାଇଛି ଏବଂ ଏହାଦ୍ୱାରା କେନ୍ଦ୍ର ସରକାର ୯୦ହଜାର କୋଟି ଟଙ୍କା ସଞ୍ଚୟ କରିବାରେ ସଫଳ ହୋଇଛନ୍ତି । ଦେଶର ୪୩୪ ଯୋଜନା ଏବେ ଡିବିଟି ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇଛି ।

ସେବା ପ୍ରଦାନ ଓ ଶାସନର ରୂପରେଖକୁ ଡିଜିଟାଲ ଇଣ୍ଡିଆ ସମ୍ପୂର୍ଣ୍ଣ ବଦଳାଇଦେଇଛି । ସାଧାରଣ ସେବାକେନ୍ଦ୍ର (ସିଏସ୍‌ସି)ଗୁଡ଼ିକ ଆଇସିଟି ସମର୍ଥିତ ବ୍ୟବସ୍ଥାରେ ଗ୍ରାମ୍ୟ ଉଦ୍ୟୋଗ ସମୂହକୁ ଘରପାଖରେ ନାନାବିଧ ସୁବିଧାସୁଯୋଗ ଯୋଗାଉଛନ୍ତି । ସାଧାରଣ ନାଗରିକ ମଧ୍ୟ ଏହାର ଲାଭ ପାଉଛନ୍ତି । ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରମାଣପତ୍ର ଜନିତ ବିଷୟ ଏପରି ୩୦୦ରୁ ଅଧିକ କ୍ଷେତ୍ରରେ ୩.୦୭ ଲକ୍ଷରୁ ଅଧିକ ଲୋକଙ୍କୁ ସିଏସ୍‌ସି ମାଧ୍ୟମରେ ସେବା ଯୋଗାଇ ଦିଆଯାଉଛି । ଏହି କେନ୍ଦ୍ରଗୁଡ଼ିକ ମଧ୍ୟ ଗ୍ରାମସ୍ତରୀୟ ଉଦ୍ୟୋଗ ପାଇଁ ଲୋକ ନିଯୁକ୍ତିର ପ୍ରମୁଖ ଉତ୍ସ ପାଲଟିଛି । ଏହା ଫଳରେ ଗ୍ରାମ ଓ ସହରାଞ୍ଚଳ ମଧ୍ୟରେ ଡିଜିଟାଲ ବିଭାଜନ ହ୍ରାସ ପାଇ ଏକ ସମାବେଶୀ ଡିଜିଟାଲ ସମାଜ ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି ।

ଡିଜିଟାଲ ଟ୍ରାନ୍ସଫର୍ମେସନ ଏକ ସ୍ଥିର ନିରନ୍ତର ପ୍ରକ୍ରିୟା । ଲୋକଙ୍କୁ ସେମାନଙ୍କ ଡିଜିଟାଲ ଯାତ୍ରାରେ ଯୋଡ଼ିବା, ଯୋଗ୍ୟ କରାଇବା ଏବଂ ଏହି ପ୍ରକ୍ରିୟାକୁ ଅବ୍ୟାହତ ରଖିବା ଏହାର କାର୍ଯ୍ୟ । ଏହି ପ୍ରୟାସରେ ଯେଉଁ ଡିଜିଲକର ବ୍ୟବସ୍ଥା ହୋଇଛି ସେଥିରେ ଲୋକେ ନିଜର ନଥିପତ୍ର, ସାର୍ଟିଫିକେଟ ଓ ଅନ୍ୟାନ୍ୟ ଜରୁରୀ ତଥ୍ୟ ଭଣ୍ଡାର କରି ରଖିବା ସହ କ୍ଲାଉଡ୍ ବ୍ୟବସ୍ଥାରେ ସେସବୁର ତଦାରଖ ଓ ଆବଶ୍ୟକସ୍ଥଳେ ତା'କୁ ଅନ୍ୟ ସହ ଭାଗୀଦାର (ସେୟାର) କରିପାରୁଛନ୍ତି । ଏସବୁ ନଥିପତ୍ର ଓ ସାର୍ଟିଫିକେଟରେ

କର୍ତ୍ତୃପକ୍ଷଙ୍କର ଡିଜିଟାଲ ଦସ୍ତଖତ ରହିଥିବାରୁ ମୂଳ ନକଲ କିମ୍ବା ଏହାର ଆଟେଷ୍ଟେଡ୍ ନକଲ ପ୍ରଦାନ କରିବାର ଆବଶ୍ୟକତା ପଡୁନାହିଁ। ଏବେ ଏହି ବ୍ୟବସ୍ଥାରେ ଜଣେ ଆବେଦନକାରୀ ସମ୍ଭାବ୍ୟ ନିଯୁକ୍ତିଦାତା ନିକଟକୁ ଅନାୟସରେ ନିଜର ସାର୍ଟିଫିକେଟ ପଠାଇପାରୁଛି। ଏବେ ଏହି ବ୍ୟବସ୍ଥାରେ ୨.୧୪ କୋଟି ପଞ୍ଜୀକୃତ ବ୍ୟବହାରକାରୀ (ୟୁଜର) ଅଛନ୍ତି ଓ ସେମାନେ ନିଜ କାଗଜପତ୍ର ଅପ୍‌ଲୋଡ୍ କରୁଛନ୍ତି। ବ୍ୟବହାରକାରୀଙ୍କୁ ବିନା ମୂଲ୍ୟରେ ଏହି ସୁବିଧା ଯୋଗାଇ ଦିଆଯାଉଛି।

ଜାତୀୟ ବୃତ୍ତି ପୋର୍ଟାଲ ଏ କ୍ଷେତ୍ରରେ ଆଉ ଏକ ସଫଳ ପ୍ରୟାସ ଯାହା ମେଧାବୀ ଛାତ୍ରଛାତ୍ରୀଙ୍କ ଶିକ୍ଷାଲାଭ କ୍ଷେତ୍ରରେ ବିଶେଷ ସହାୟକ ହେଉଛି। ଏହା ଏକ ଏକକ ବ୍ୟବସ୍ଥା ଯାହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଆବେଦନ, ଆବେଦନ ପ୍ରାପ୍ତି ରସିଦ୍, ପ୍ରକ୍ରିୟାକରଣ, ବୃତ୍ତି ମଞ୍ଜୁରୀ ଓ ବୃତ୍ତି ଅର୍ଥ ପ୍ରଦାନ କରଯାଉଛି। ୨୦୧୫ରେ ଆରମ୍ଭ ହୋଇଥିବା ଏହି ପୋର୍ଟାଲ ମାଧ୍ୟମରେ ଏଯାବତ ୧.୮କୋଟି ଛାତ୍ରଛାତ୍ରୀ ୫୨୫୭ କୋଟିରୁ ଅଧିକ ଟଙ୍କାର ବୃତ୍ତି ପାଇଛନ୍ତି।

ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ସିଷ୍ଟମ (ଓଆର୍‌ଏସ୍) ଓ ଇ-ହସପିଟାଲ ସୁବିଧାକୁ 'ଆଧାର' ଭିତ୍ତିକ କରାଯାଇଛି। ଏହା ଫଳରେ ରୋଗୀଙ୍କୁ ଚିକିତ୍ସା ପାଇଁ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା ସଂକ୍ରାନ୍ତ ତଥ୍ୟ ଜାଣିବା ପାଇଁ ଘଣ୍ଟା ଘଣ୍ଟା ଧାଡ଼ିରେ ଅପେକ୍ଷା କରିବାକୁ ପଡୁନାହିଁ। ଦେଶର ୩୧୮ ହସ୍‌ପିଟାଲ ଏବେ ଏହି ବ୍ୟବସ୍ଥାରେ ସଂଯୁକ୍ତ। ଏଯାବତ ୫.୬କୋଟି ଇ-ହସ୍‌ପିଟାଲ ଟ୍ରାନଜାକ୍‌ସନ୍ ହୋଇଛି। ଜୀବନ ପ୍ରମାଣ ବ୍ୟବସ୍ଥାରେ ପେନ୍‌ସନ୍‌ଧାରୀଙ୍କ ଦୁଃଖ ଲାଘବ ହୋଇଛି ଏବଂ ସେମାନେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ ଘରେ ବସି କମ୍ପ୍ୟୁଟରରୁ ଜେନେରେଟ କରି ପଠାଇପାରୁଛନ୍ତି। ସେହିଭଳି ଆଧାର ବାୟୋମେଟ୍ରିକ ପ୍ରମାଣନ ବ୍ୟବସ୍ଥାର ଉପଯୋଗ କରି ଲୋକେ ବ୍ୟାଙ୍କ, ସିଏସ୍‌ସି କେନ୍ଦ୍ର ଓ ସରକାରୀ ଅଫିସରେ ଥିବା ନିଜର ବିଭିନ୍ନ କାର୍ଯ୍ୟ ଡିଜିଟାଲ ବ୍ୟବସ୍ଥାରେ ସହଜରେ କରିବାକୁ ସମର୍ଥ ହେଉଛନ୍ତି। ଡିଜିଟାଲ ବ୍ୟବସ୍ଥା ଯୋଗୁଁ ପେନ୍‌ସନ୍‌ଧାରୀଙ୍କୁ ସରକାରୀ ଦପ୍ତରରେ ଆଉ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡୁନାହିଁ। ଏଯାଏ ୧.୭୫ କୋଟିରୁ ଅଧିକ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ଜେନେରେଟ୍ ହୋଇଛି।

ଲୋକଙ୍କୁ ଡିଜିଟାଲ ଯାତ୍ରାରେ ସହାୟତା କରିବାକୁ ୟୁନିଫାଏଡ୍ ମୋବାଇଲ ଆପ୍ଲିକେସନ୍ ଫର ନ୍ୟୁ ଏଜ୍ ଗଭର୍ଣ୍ଣାନ୍ସ ବା 'ଉମଙ୍ଗ' କାର୍ଯ୍ୟକାରୀ ହୋଇଛି। ଏହାଦ୍ୱାରା ସମସ୍ତ ପ୍ରକାର ସରକାରୀ ସେବା ସମ୍ପର୍କରେ ଲୋକେ ନିମିଷକେ ସମସ୍ତ ତଥ୍ୟ ଜାଣିପାରୁଛନ୍ତି। ଏହା ଗୋଟିଏ ଏକକ ମୋବାଇଲ ଆପ୍ ଯାହା

ନୂଆ ଟେକ୍‌ନୋଲୋଜି ଦ୍ୱାରା ପରିଚାଳିତ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତ ଏକ ଅପାର ସମ୍ଭାବନାର କ୍ଷେତ୍ର ପାଲଟିଛି। ଏଥିରେ ଆଶା ଆକାଙ୍‌କ୍ଷା ଓ ମେଧାର ସମନ୍ୱୟ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଇ-ପ୍ରଶାସନ ଜରିଆରେ ଶାସନକୁ ସରକାର କୈନ୍ଦ୍ରୀକରୁ ନାଗରିକ କୈନ୍ଦ୍ରୀକ କରିବାକୁ ଯେଉଁ କେତେକ ଦେଶ ଟେକ୍‌ନୋଲୋଜି ଓ ଇନୋଭେସନର ସଫଳ ମିଶ୍ରଣ କରିଛନ୍ତି ସେଥିମଧ୍ୟରେ ଭାରତ ରହିଛି। ଇ-ସେବା ମାଧ୍ୟମରେ ନାଗରିକଙ୍କୁ ଶାସନରେ ସହଭାଗୀ କରିବା ପାଇଁ ଯେଉଁ ପରିବେଶ ଓ ପରିତନ୍ତ୍ରର ଆବଶ୍ୟକତା ରହିଛି ସେଥିପାଇଁ ସରକାର କ୍ଷେତ୍ର ପ୍ରସ୍ତୁତ କରିବା ସହିତ ନୀତି ପ୍ରସ୍ତୁତି ଓ ନିଷ୍ପତ୍ତି ଗ୍ରହଣରେ ଲୋକଙ୍କୁ ସାମିଲ କରିବାକୁ ସଶକ୍ତ ଓ ଯୋଗ୍ୟ କରିଛନ୍ତି। ୨୦୧୮ରେ ପ୍ରକାଶିତ ମିଳିତ ଜାତିସଂଘର ଇ-ଗଭର୍ଣ୍ଣାନ୍ସ ସୂଚୀରେ କୁହାଯାଇଛି ଯେ ଭାରତ ସଫଳତାର ସହ ଶାସନ ପ୍ରକ୍ରିୟାରେ ଆଇସିଟିର ଉପଯୋଗ କରି ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଅଗ୍ରଣୀ ରହିଛି।





# ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ୍ ସାକ୍ଷର ଅଭିଯାନ

## ପ୍ରତି ଘର ଇ-ସାକ୍ଷର

**ପିଏମ୍‌ଡିଜିଆଇଏସ୍‌ଏଚ୍‌ଏ**

୩୦୭ରୁ ଅଧିକ ସରକାରୀ ସେବା ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ। ଏହା ମାଧ୍ୟମରେ ୧୨୦୦ରୁ ଅଧିକ ଡିଜିଟାଲ ସେବା ଉପଲବ୍ଧ। ଏହା ଫଳରେ ଲୋକଙ୍କୁ ସହଜରେ ସରକାରୀ ସେବା ବାବଦରେ ତଥ୍ୟ ମିଳୁଛି ଓ ସେମାନେ ମଧ୍ୟ ସହଜରେ ସେବା ପାଉଛନ୍ତି। ୨୦୧୭ରେ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥା ଦ୍ୱାରା ୮.୪ ନିୟୁତରୁ ଅଧିକ ଲୋକ ଏହି ଆପ୍ ଏପର୍ଯ୍ୟନ୍ତ ଡାଉନଲୋଡ୍ କରିଛନ୍ତି।

ସରକାରୀ ସାମଗ୍ରୀ କ୍ରୟରେ ଭାରତ ନିଜ ଜିଡିପିର ଏକ ବଡ଼ ଭାଗ ବ୍ୟୟ କରିଥାଏ। ଏହି କ୍ରୟରେ ବିଶେଷ ଦୁର୍ନୀତି ହୁଏ ଓ ବିକେନ୍ଦ୍ରୀକରଣ ବ୍ୟବସ୍ଥାରେ କ୍ଷୁଦ୍ର ଉତ୍ପାଦକ ଓ ବିକ୍ରେତା ଅନେକ ସମୟରେ ଉପକୃତ ହୋଇପାରନ୍ତି ନାହିଁ। ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଇ-ଗଭର୍ଣ୍ଣମେଣ୍ଟ ମାର୍କେଟ ପ୍ଲେସ୍ (ସରକାରୀ ଇ-ହାଟ) ବା 'ଜେମ୍' ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଏହି ହାଟରେ ଉଭୟ ଦ୍ରବ୍ୟ ଓ ସେବା ଉପଲବ୍ଧ। ଏହି ବ୍ୟବସ୍ଥାରେ ବିକ୍ରେତା ସିଧାସଳଖ ସରକାରୀ ଅଧିକାରୀ ବା କ୍ରେତାଙ୍କ ନିକଟରେ ହାଜର ନ'ହୋଇ ଅନ୍‌ଲାଇନ୍ ବ୍ୟବସ୍ଥାରେ ସହଜ, ସୁବିଧାରେ ବିନା ଲାଞ୍ଚରେ ସାମଗ୍ରୀ ବିକ୍ରି କରିପାରୁଛି। ଏହା ଫଳରେ ସରକାରୀ କ୍ରୟ ବ୍ୟବସ୍ଥା ଅଧିକ ସ୍ୱଚ୍ଛ ଓ ନିର୍ମଳ ହେଉଛି। ଏହି ବ୍ୟବସ୍ଥାରେ ୫.୯୭ ଲକ୍ଷ ସାମଗ୍ରୀ ଓ ସେବା କ୍ରୟ କରାଯାଉଛି। ଏଥିରେ ୧.୫୫ ଲକ୍ଷ ବିକ୍ରେତା ଓ ସେବା ପ୍ରଦାନକାରୀ, ୨୯,୭୨୯ କ୍ରେତା ସଂଗଠନ ପଞ୍ଜୀକୃତ ହୋଇଛନ୍ତି। ଜେମ୍ ବ୍ୟବସ୍ଥାରେ ଅଧିକ କ୍ରେତା ବିକ୍ରେତା ସଂପୃକ୍ତ ହେବା ଘଟଣା ପ୍ରମାଣ କରୁଛି ଯେ ଏହା କ୍ରମଶଃ ଲୋକପ୍ରିୟ ହେଉଛି। ଲୋକଙ୍କୁ ଏକ ଶୋଭନୀୟ ଜୀବନଧାରଣ ମାନ ଯୋଗାଇବା ପାଇଁ କର୍ମନିଯୁକ୍ତି ଏକ ମୌଳିକ ଆବଶ୍ୟକତା। ଏହାକୁ ଦୃଷ୍ଟିରେ ରଖି ସରକାର ଇଲେକ୍‌ଟ୍ରୋନିକ୍ସ ମାନୁଫାକଚରିଙ୍ଗ, ବିପିଓ ପ୍ରମୋଶନ, ଆଇଟି-ଆଇଟିଇଏସ୍ କ୍ଷେତ୍ରରେ ଅଗ୍ରାଧିକାର ଭିତ୍ତିରେ କାମ କରୁଛନ୍ତି। ଭାରତୀୟ ଷ୍ଟାର୍ଟଅପ୍‌ଗୁଡ଼ିକ ଏ କ୍ଷେତ୍ରରେ ନିଜକୁ ଦକ୍ଷ ଓ ଯୋଗ୍ୟ କରି ନୂଆ ସୁଯୋଗ ସୁବିଧାର ଲାଭ ଉଠାଇବା ସ୍ଥିତିରେ ପହଞ୍ଚିଛନ୍ତି। ୨୦୧୮ରେ ୧୨୦୦ରୁ ଅଧିକ ଷ୍ଟାର୍ଟଅପ୍ ସୃଷ୍ଟି ହୋଇଛି। ସେଥିମଧ୍ୟରେ ଆଠଟି ୟୁନିକର୍ନ ରହିଛି। ଏବେ ଦେଶରେ ମୋଟ୍ ଷ୍ଟାର୍ଟଅପ୍ ସଂଖ୍ୟା ୭୨୦୦ରୁ ଅଧିକ। ମୋବାଇଲ ତିଆରି ପରିମାଣ ବହୁଗୁଣିତ ହୋଇଛି। ୨୦୧୪ରେ ମାତ୍ର ଦୁଇଟି ୟୁନିଟ୍ ମୋବାଇଲ ତିଆରି କରୁଥିବାବେଳେ ଏବେ ସେହି ସଂଖ୍ୟା ୧୨୭କୁ ବୃଦ୍ଧି ପାଇଛି। ଏହି ଉଦ୍ୟୋଗ ପ୍ରତ୍ୟେକ୍ଷ ଓ ପରୋକ୍ଷଭାବେ ୪.୫ଲକ୍ଷ ନିଯୁକ୍ତି

> ଡିଜିଟାଲ ପେମେଣ୍ଟ କାରବାରରେ ଭାରତ ଅଭିବୃଦ୍ଧି ବହୁଗୁଣିତ ହୋଇଛି। ୨୦୧୪ରେ ମାତ୍ର ୩୩୫ କୋଟି ଟଙ୍କାର ଡିଜିଟାଲ କାରବାର ହୋଇଥିବାବେଳେ ୨୦୧୭-୧୮ରେ ଏହା ୨୦୭୦.୯୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ପ୍ରୟାସ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଯୋଗୁଁ ସଫଳ ହୋଇଛି। ଏହା ଫଳରେ ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଫଳତା ଲାଭ କରିଛି। ଲୋକଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ସବ୍‌ସିଡି ବାବଦ ସରକାରୀ ଅର୍ଥ ଯାଉଛି। ଲୋକେ ତତ୍କାଳ ଓ ଧାର୍ଯ୍ୟ ପରିମାଣର ଅର୍ଥ ପାଉଛନ୍ତି। ଏ ପର୍ଯ୍ୟନ୍ତ ଦେଶରେ ୫.୦୬ ଲକ୍ଷ କୋଟି ଟଙ୍କାର ପ୍ରତ୍ୟେକ୍ଷ ଲାଭ ହସ୍ତାନ୍ତର କରାଯାଇଛି ଏବଂ ଏହାଦ୍ୱାରା କେନ୍ଦ୍ର ସରକାର ୯୦ହଜାର କୋଟି ଟଙ୍କା ସଞ୍ଚୟ କରିବାରେ ସଫଳ ହୋଇଛନ୍ତି। ଦେଶର ୪୩୪ ଯୋଜନା ଏବେ ଡିବିଟି ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇଛି।

## ସାଇବର ସ୍ୱଚ୍ଛତା କେନ୍ଦ୍ର

**ମିଶନ**
ଭାରତରେ ବଟ୍‌ନେଟ୍ ସଂକ୍ରମଣରୁ ରକ୍ଷା ପାଇଁ ସୁରକ୍ଷିତ ସାଇବର ସ୍ପେସ୍ ନିର୍ମାଣ କରିବା ଏବଂ ଅଧିକ ସଂକ୍ରମଣରୁ ବର୍ତ୍ତିବା ନିମନ୍ତେ ପ୍ରତିଷେଧକ ଭାବେ ଏଣ୍ଡ୍ ୟୁଜର୍‌କୁ ଏ ସମ୍ପର୍କରେ ସୂଚୀତ କରିବା, ସଂକ୍ରମଣ ସଫା କରିବା ସହ ସିଷ୍ଟମ୍‌କୁ ସୁରକ୍ଷିତ ରଖିବା।

**ଅପରେଟର୍**
ଭାରତୀୟ କମ୍ପ୍ୟୁଟର ଏର୍ମଜେନ୍ସି ରେସ୍ପନ୍ସ ଟିମ୍ (ସିଇଆର୍‌ଟି-ଇନ୍)

**ଲକ୍ଷ୍ୟ**
ଦେଶରେ ସୁରକ୍ଷିତ ସାଇବର, ଇକୋ ପ୍ରଣାଳୀ ନିର୍ମାଣ

ସୃଷ୍ଟି କରିଛି। ଦେଶର କ୍ଷୁଦ୍ରକ୍ଷୁଦ୍ର ସହରରେ ଏବେ ବିପିଓ ପହଞ୍ଚିଛି। ୨୦ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୦ ସହରରେ ବିପିଓ ପ୍ରତିଷ୍ଠା ହୋଇଛି। ଏହି ବିପିଓ ସବୁ ନିଯୁକ୍ତି ସୃଷ୍ଟି କରିବା ସହ ଆଇଟି ଉଦ୍ୟୋଗ ଓ ଯୁବଶକ୍ତିଙ୍କ ଉପକାରରେ ଲାଗୁଛି। ସେହିଭଳି ଦେଶର ୨୦ଟି ସ୍ଥାନରେ ନୂଆ ଇଲେକଟ୍ରୋନିକ ମାନୁଫାକଚରିଙ୍ଗ କ୍ଲଷ୍ଟର ଓ ୨୩ଟି ସିଏଫ୍‌ସି ଖୋଲାଯାଇଛି। ଏଥିରେ ୬.୫ଲକ୍ଷ ନିଯୁକ୍ତି ସୃଷ୍ଟି ହେବ।

ଡିଜିଟାଲ ଯାତ୍ରା ଓ ଡିଜିଟାଲ ଅର୍ଥନୀତି ପାଇଁ ଆବଶ୍ୟକ ଦକ୍ଷ ଓ ତାଲିମପ୍ରାପ୍ତ ଲୋକଶକ୍ତି ଲୋଡ଼ା। ତାହାକୁ ଦୃଷ୍ଟିରେ ରଖି ଆବଶ୍ୟକ ଦକ୍ଷ ଲୋକଶକ୍ତି ସୃଷ୍ଟି କରାଯାଉଛି। ଏ କ୍ଷେତ୍ରରେ ଡିଜିଟାଲ ସାକ୍ଷରତାର ଗୁରୁତ୍ୱ ଅଧିକ। ତେଣୁ ତାହାକୁ ପ୍ରୋତ୍ସାହିତ କରାଯାଉଛି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ସାକ୍ଷରତା ଅଭିଯାନ ମାଧ୍ୟମରେ ୬ କୋଟି ଲୋକଙ୍କୁ ଡିଜିଟାଲ ସାକ୍ଷର କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ପ୍ରକ୍ରିୟାରେ ୧.୨୩କୋଟିରୁ ଅଧିକ ଲୋକଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରାଯାଇଛି।

ଡିଜିଟାଲ ଅର୍ଥନୀତିର ସ୍ଥାୟିତ୍ୱ ଉପଯୁକ୍ତ ନିରାପତ୍ତା ବ୍ୟବସ୍ଥା ଓ ସ୍ଥିତିସ୍ଥାପକତା ଉପରେ ନିର୍ଭର କରେ। ସେଥିପାଇଁ ସାଇବର ସ୍ୱଚ୍ଛତା କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ର ସାଇବର ଠକେଇ ଜନିତ ଆର୍ଥିକ କ୍ଷତି, ଡାଟା ଚୋରି ଓ ଅନ୍ୟାନ୍ୟ ସମ୍ଭାବ୍ୟ ଠକେଇ ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛି।

ସୂଚନା ପ୍ରଯୁକ୍ତି ଏବେ ଜୀବନ ବିଭିନ୍ନ କ୍ଷେତ୍ରକୁ ସଂପ୍ରସାରିତ ହୋଇଛି। ଏହା ଯୋଗୁଁ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଘଟୁଛି। ଏହାଦ୍ୱାରା ଲୋକଙ୍କୁ ସେବା ଯୋଗାଣରେ ବ୍ୟାପକ ଉନ୍ନତି ଘଟିବ ଏବଂ ବ୍ୟବସ୍ଥା ନିର୍ମଳ ତଥା ଅତ୍ୟନ୍ତ ସୁସଂହତ ହୋଇପାରିବ। ଏହି କ୍ଷେତ୍ରର ଗୁରୁତ୍ୱ ଓ ପରିସରକୁ ଦୃଷ୍ଟିରେ ରଖି ସରକାର ୨୦ଟି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ମଧ୍ୟ ନୂଆ ନୂଆ କ୍ଷେତ୍ରରେ ଷ୍ଟାର୍ଟଅପ୍ ନିର୍ମାଣରେ ସହାୟକ ହେବ।

ଦେଶ ଏବେ ଡିଜିଟାଲ ଇଣ୍ଡିଆର ଏକ ନିର୍ଣ୍ଣୟାତ୍ମକ ବିନ୍ଦୁରେ ପହଞ୍ଚିଛି। ଫଳରେ ଅର୍ଥନୀତି ଓ ସାମାଜିକ କ୍ଷେତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସୂଚନା ଓ ସେବା ପାଇଁ ଡିଜିଟାଲ ଟେକ୍‌ନୋଲୋଜିର ସର୍ବାଧିକ ଉପଯୋଗ ଅପରିହାର୍ଯ୍ୟ ହୋଇଛି। ଏହାକୁ ଭିତ୍ତି କରି ୨୦୨୫ ସୁଦ୍ଧା ଭାରତର ଡିଜିଟାଲ ଅର୍ଥନୀତି ପରିମାଣ ଏକ ଟ୍ରିଲିୟନ ଡଲାରରେ ପହଞ୍ଚିବା ସହ ଦେଶରେ ୫୫ ରୁ ୬୦ ନିୟୁତ ନିଯୁକ୍ତି ସୃଷ୍ଟି ହୋଇପାରିବ। ଏହି ଏକ ଟ୍ରିଲିୟନ ଡଲାର ଅର୍ଥନୀତି ମଧ୍ୟରୁ ୩୧୦ରୁ୫୦୦ ବିଲିୟନ ଡଲାର କେବଳ କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଡିଜିଟାଲ ପ୍ରୟୋଗ ଯୋଗୁଁ ମିଳିବ। ଏସବୁ ପ୍ରୟାସ ଆର୍ଥିକ ଦୃଷ୍ଟିରୁ ନ୍ୟୁ ଇଣ୍ଡିଆ ଆଡ଼କୁ କେବଳ ଆମକୁ ଅଗ୍ରସର କରାଇବ ନାହିଁ; ଏହା ମଧ୍ୟ ସାମାଜିକ ସ୍ତରରେ ଏକ ବିରାଟ ପରିବର୍ତ୍ତନ ଆଣିବ। ଏହା ମଧ୍ୟ ଦେଶର ଡିଜିଟାଲ ବିଭାଜନର ପରିସମାପ୍ତି ଘଟାଇ ଲୋକଙ୍କୁ ସଶକ୍ତ ଓ ସମର୍ଥ କରି ଏକ ସମାବେଶୀ ସମାଜ ଗଠନରେ ସହାୟକ ହେବ।

ଲେଖିକା ହେଉଛନ୍ତି ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟର ଆର୍ଥିକ ପରାମର୍ଶଦାତା।
**Email id- s.chaudhary@nic.in**

# ଇଲେକ୍ଟ୍ରୋନିକ୍ ଉତ୍ପାଦନ: ଭାରତରେ ଏହାର ସୁଯୋଗ ଓ ଭବିଷ୍ୟତ

ପଙ୍କଜ ମହିନ୍ଦ୍ରୁ

ଇଲେକ୍ଟ୍ରୋନିକ୍ ଶିଳ୍ପ ହେଉଛି ସମଗ୍ର ବିଶ୍ୱରେ ସବୁଠୁ ବୃହତ୍ତମ ତଥା ଦ୍ରୁତତମ ଅଭିବୃଦ୍ଧି ଲାଭ କରୁଥିବା ଶିଳ୍ପ। ଅର୍ଥନୀତିର ପ୍ରାୟ ସବୁ କ୍ଷେତ୍ରରେ ଏହାର ପ୍ରୟୋଗ କ୍ରମେ କ୍ରମେ ବୃଦ୍ଧି ପାଉଛି। ଭାରତରେ ଇଲେକ୍ଟ୍ରୋନିକ୍ ହାର୍ଡ୍‌ୱେର୍ ଉତ୍ପାଦର ଚାହିଦା ଦ୍ରୁତ ଗତିରେ ବଢ଼ି ଚାଲିଛି ଯାହା ମୁଖ୍ୟତଃ ଅନ୍ୟାନ୍ୟ ଉପଭୋକ୍ତା ଇଲେକ୍ଟ୍ରୋନିକ୍ ଦ୍ରବ୍ୟଗୁଡ଼ିକ ମଧ୍ୟରେ ମୋବାଇଲ ହ୍ୟାଣ୍ଡସେଟ୍ ଏବଂ ସ୍ମାର୍ଟଫୋନ୍, ଆଇଟି (ସୂଚନା ଓ ପ୍ରଯୁକ୍ତିବିଦ୍ୟା)ର ବର୍ଦ୍ଧିତ ଚାହିଦା ଇତ୍ୟାଦି ଦ୍ୱାରା ଅନୁପ୍ରେରିତ। ଇଲେକ୍ଟ୍ରୋନିକ୍ ଉତ୍ପାଦ ସମ୍ପର୍କିତ ଘରୋଇ ବଜାର ଚାହିଦାର ଅଧିକାଂଶ ଆମଦାନୀ ଜରିଆରେ ବିଶେଷକରି ଚୀନ୍‌ରୁ ଆମଦାନୀ କରାଯାଉଥିବା ଦ୍ରବ୍ୟଗୁଡ଼ିକ ଦ୍ୱାରା ପୂରଣ କରାଯାଉଥିଲା। ତେବେ ବିଗତ ୩- ୪ ବର୍ଷ ଭିତରେ ମୋବାଇଲ ହ୍ୟାଣ୍ଡସେଟ୍ ଏବଂ ଏହାର ଆନୁଷଙ୍ଗିକ ଉପକରଣଗୁଡ଼ିକର ଉତ୍ପାଦନ ସମ୍ପର୍କିତ କାର୍ଯ୍ୟକଳାପର ପାରିବେଶିକ ବ୍ୟବସ୍ଥା ଦ୍ରୁତଗତିରେ ବୃଦ୍ଧି ପାଇ ଚାଲିଛି। କହିବା ବାହୁଲ୍ୟ, ଭାରତ ସରକାର 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଡିଜିଟାଲ ଇଣ୍ଡିଆ' ଭଳି ତାଙ୍କର ଛାମୁଆ କାର୍ଯ୍ୟକ୍ରମଗୁଡ଼ିକ ଅଧୀନରେ ସାରା ଦେଶରେ ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟର ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି।

ବିଗତ ୩- ୪ ବର୍ଷ ଭିତରେ ସାରା ଦେଶରେ ୧୨୦ରୁ ଅଧିକ ନୂଆ ୟୁନିଟ୍ ସ୍ଥାପିତ ହେବା ସହିତ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ୪.୫ ଲକ୍ଷ କର୍ମନିଯୁକ୍ତି ସୃଷ୍ଟି ହୋଇଛି। ଭାରତ ସରକାରଙ୍କ ଛାମୁଆ କାର୍ଯ୍ୟକ୍ରମ 'ମେକ୍ ଇନ୍ ଇଣ୍ଡିଆ' ଅଧୀନରେ ମୋବାଇଲ ହ୍ୟାଣ୍ଡସେଟ୍ ଏବଂ ଏହାର ଆନୁଷଙ୍ଗିକ ଉପକରଣ ଉତ୍ପାଦନ କରିବାର ପାରିବେଶିକ ବ୍ୟବସ୍ଥା ନିଃସନ୍ଦେହରେ ଶ୍ରେଷ୍ଠ ଉତ୍ପାଦ ବର୍ଗ ଭାବରେ ପରିଗଣିତ ହେଉଛି।

୨୦୧୭- ୧୮ ବର୍ଷରେ ଭାରତ ହାରାହାରି ୨୨୫ ମିଲିଅନ୍ ହ୍ୟାଣ୍ଡସେଟ୍ ଉତ୍ପାଦନ କରି ମୋବାଇଲ ହ୍ୟାଣ୍ଡସେଟ୍ ଉତ୍ପାଦନ ମାନଚିତ୍ରରେ ଭିଏତ୍‌ନାମ୍‌କୁ ଅତିକ୍ରମ କରିବା ସହିତ ଚୀନ୍ ପରେ ଦ୍ୱିତୀୟ ବୃହତ୍ତମ ଉତ୍ପାଦନକାରୀ ରାଷ୍ଟ୍ର ହୋଇ ପାରିଛି। ଏହାକୁ ଉପରୋକ୍ତ ଉଦ୍ୟୋଗ କ୍ଷେତ୍ରରେ ଏକ ବଡ଼ ଧରଣର ସଫଳତା ଭାବରେ ବିଚାର କରାଯାଉଛି ଏବଂ ୨୦୧୪- ୧୫ରେ ନୋକିଆ ପ୍ଲାଣ୍ଟ ବନ୍ଦ ହୋଇଯିବା ପରେ ହ୍ୟାଣ୍ଡସେଟ୍ ଉତ୍ପାଦନ ମାତ୍ର ୧୮୯୦୦ କୋଟି ଟଙ୍କା ମୂଲ୍ୟବିଶିଷ୍ଟ ୫୮ ମିଲିଅନ୍ ୟୁନିଟ୍ ଭିତରେ ସୀମିତ ରହିବା ସତ୍ତ୍ୱେ ସରକାର






ଏହାକୁ ପ୍ରୋତ୍ସାହନ ଯୋଗାଉଛନ୍ତି ।

ସେବେଠାରୁ ହ୍ୟାଣ୍ଡସେଟ୍ ଉତ୍ପାଦନ ସଂଖ୍ୟା ବର୍ଷ ପରେ ବର୍ଷ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି ଏବଂ ସେହି ଅନୁସାରେ ଆମଦାନୀ କରାଯାଉଥିବା ହ୍ୟାଣ୍ଡସେଟ୍ ଯାହା ୨୦୧୭- ୧୮ ସୁଦ୍ଧା ଯଥାକ୍ରମେ ୬୦ ମିଲିଅନ୍ (୨୧୫ ମିଲିଅନ୍- ୨୦୧୪) ଏବଂ ୩୦୦୦୦ କୋଟି (୫୮୫୫୦ କୋଟି ଟଙ୍କା) ପରିମାଣ ଏବଂ ମୂଲ୍ୟରେ ପହଞ୍ଚିଛି । ସରକାରଙ୍କର ଛାମୁଆ କାର୍ଯ୍ୟକ୍ରମ 'ମେକ୍ ଇନ୍ ଇଣ୍ଡିଆ' ଅଧୀନରେ ଏହା ଏକ ଅଭୂତପୂର୍ବ ସଫଳତାର କାହାଣୀ ।

ମୋବାଇଲ ହ୍ୟାଣ୍ଡସେଟ୍ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବା ପରେ ଭାରତ ସରକାର ଫେଜଡ୍ ମ୍ୟାନ୍ୟୁଫାକ୍ଚରିଂ ପ୍ରୋଗ୍ରାମ୍ (ପର୍ଯ୍ୟାୟଭିତ୍ତିକ ଉତ୍ପାଦନ କାର୍ଯ୍ୟକ୍ରମ- ପିଏମ୍ପି) ଅଧୀନରେ ବିଜ୍ଞପ୍ତି ପ୍ରକାଶ କରି ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟ ଆରମ୍ଭ କରିବା ସହିତ କାର୍ଯ୍ୟାନ୍ୱୟନ କରିବା ଉଭାରୁ ମୋବାଇଲ ହ୍ୟାଣ୍ଡସେଟ୍ ସମ୍ପର୍କିତ ଯନ୍ତ୍ରାଂଶ ବା ଉପକରଣଗୁଡ଼ିକର ସ୍ୱଦେଶୀକରଣର କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇଛି । ପିଏମ୍ପିକୁ କାର୍ଯ୍ୟାନ୍ୱୟନ କରିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି, ମୂଲ୍ୟ ସଂଯୋଗୀକରଣ ଏବଂ ଉଲ୍ଲେଖନୀୟ କର୍ମନିଯୁକ୍ତି ସୃଷ୍ଟି କରିବା ଉପରେ ଅଧିକ ଧ୍ୟାନ ଦେଇ ଦେଶରେ ଆନୁଷଙ୍ଗିକ ଉପକରଣଗୁଡ଼ିକର ଉତ୍ପାଦନ ପାରିବେଶିକ ବ୍ୟବସ୍ଥାକୁ ପ୍ରସାରିତ ଓ ଗଭୀର କରିବା ।

### ପିଏମ୍ପିର ପ୍ରଭାବ ଓ ସାମର୍ଥ୍ୟ

ଉପରୋକ୍ତ ଚାର୍ଟ ଉପକରଣ ଅନୁସାରେ ବିଗତ ତିନି ଚାରିବର୍ଷ ଭିତରେ ବିଭିନ୍ନ ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ନୂଆ କାରଖାନାଗୁଡ଼ିକ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରୁଛି । ଆଇସିଇଏର ଆକଳନ ଅନୁସାରେ ମୋବାଇଲର ଆନୁଷଙ୍ଗିକ ଉପକରଣ ଉତ୍ପାଦନ କ୍ଷେତ୍ରରେ ୧୪୦୦ କାରଖାନା ପ୍ରତିଷ୍ଠା ଦ୍ୱାରା କେବଳ ପିଏମ୍ପି ୪୭ ଲକ୍ଷ କର୍ମନିଯୁକ୍ତି ସୃଷ୍ଟି କରିବାର ସାମର୍ଥ୍ୟ ବହନ କରୁଛି ।

ବିଗତ ୩- ୪ବର୍ଷ ମଧ୍ୟରେ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଅଧୀନରେ ଭାରତ ସରକାରଙ୍କ ବଳିଷ୍ଠ ନୀତି ଦ୍ୱାରା ଦେଶରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନକୁ ପ୍ରୋତ୍ସାହନ ଯୋଗାଇବା ପାଇଁ ବିଶେଷକରି ମୋବାଇଲ ହ୍ୟାଣ୍ଡସେଟ୍ ଏବଂ ଏହାର ଆନୁଷଙ୍ଗିକ ଉପକରଣ ଉତ୍ପାଦନ ସମ୍ବନ୍ଧିତ ପାରିବେଶିକ ବ୍ୟବସ୍ଥା ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରି ନିଆଯାଇଥିବା କେତେଗୁଡ଼ିଏ ପ୍ରମୁଖ ନୀତିଗତ ନିଷ୍ପତ୍ତି ନିମ୍ନମତେ-

- ଘରୋଇ ହ୍ୟାଣ୍ଡସେଟ୍ ଉତ୍ପାଦନକୁ ପ୍ରୋତ୍ସାହିତ କରାଯିବା ନିମନ୍ତେ ୨୦୧୫ ବଜେଟ୍ ଅନୁସାରେ ଆମଦାନୀ କରାଯାଉଥିବା ହ୍ୟାଣ୍ଡସେଟ୍ ଏବଂ ଘରୋଇ ହ୍ୟାଣ୍ଡସେଟ୍ ମଧ୍ୟରେ ଉଲ୍ଲେଖନୀୟ ପାର୍ଥକ୍ୟବିଶିଷ୍ଟ ଶୁଳ୍କ ଧାର୍ଯ୍ୟ କରାଯିବା ପଦ୍ଧତିର ଅନୁସରଣ କରାଯାଇଛି । ଜିଏସ୍ଟି ଲାଗୁ କରାଯିବା ପରେ ଅନୁକୂଳ ବିସିଡି ଲାଗୁ କରାଯିବା ମାଧ୍ୟମ ଦେଇ ଏହି ଶୁଳ୍କଜନିତ ଲାଭକୁ ମଧ୍ୟ ଘରୋଇ ଉତ୍ପାଦନକର୍ତ୍ତାମାନଙ୍କୁ ଉପଲବ୍ଧ କରାଯାଉଛି
- ହ୍ୟାଣ୍ଡସେଟ୍ଗୁଡ଼ିକର ଆନୁଷଙ୍ଗିକ ଉପକରଣଗୁଡ଼ିକର ସ୍ୱଦେଶୀକରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିବା ଏବଂ ଫେଜଡ୍




| State | UP | Haryana | Delhi | Tamil Nadu | Telangana | U'khand | AP | HP | M'rashtra | Others | Total |
|---|---|---|---|---|---|---|---|---|---|---|---|
| No. of Factories | 52 | 11 | 7 | 7 | 7 | 7 | 6 | 6 | 6 | 11 | 120 |

ମ୍ୟାନ୍ୟୁଫାକ୍ଚରିଂ କାର୍ଯ୍ୟକ୍ରମ (ପିଏମ୍‌ପି) ଅଧୀନରେ ପରବର୍ତ୍ତୀ ପର୍ଯ୍ୟାୟଭିତ୍ତିକ କାର୍ଯ୍ୟାନ୍ୱୟନ

● ଏମ୍- ଏସ୍‌ଆଇପିଏସ୍ ଅଧୀନରେ ପୁଞ୍ଜିନିବେଶର ପ୍ରୟୋଗକୁ ସମ୍ପ୍ରସାରିତ କରିବା ନିମନ୍ତେ ଆବେଦନ କରିବାର ଶେଷ ତାରିଖକୁ ୩୧ ଡିସେମ୍ବର ୨୦୧୮ ପର୍ଯ୍ୟନ୍ତ ଘୁଞ୍ଚାଇ ଦେବା

● ଇଲେକ୍ଟ୍ରୋନିକ୍ସ ୨୦୧୮ ସମ୍ବନ୍ଧିତ ରାଷ୍ଟ୍ରୀୟ ନୀତି ଚିଠା ବା ଡ୍ରାଫ୍ଟ ନ୍ୟାସନାଲ ପଲିସି ଏବେ ବିଚାରବିମର୍ଶ ସ୍ତରରେ ରହିଛି

● ଚୀନ୍, ତାଇୱାନ୍, ଜାପାନ୍, ଯୁକ୍ତରାଷ୍ଟ୍ର ଆମେରିକା, କୋରିଆ, ଜର୍ମାନୀ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଦେଶମାନଙ୍କ ସହିତ ପ୍ରଭାବଶାଳୀ ଢଙ୍ଗରେ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସହିତ ବ୍ୟବସାୟିକ କାରବାର ଆରମ୍ଭ କରିବାର କାର୍ଯ୍ୟକୁ ମିଳିତ ଭାବରେ ଭାରତ ସରକାର (ଏମ୍‌ଇଆଇଟିୱାଇ, ଡିଆଇପିପି ଇତ୍ୟାଦି) ଏବଂ ଆଇସିଇଏ (ଇଣ୍ଡିଆ ସେଲ୍ୟୁଲାର ଆଣ୍ଡ୍ ଇଲେକ୍ଟ୍ରୋନିକ୍ସ ଆସୋସିଏସନ୍) ଭଳି ପ୍ରମୁଖ ଶିଳ୍ପ ସଂଘମାନେ ହାତକୁ ନେଇଛନ୍ତି

● ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଉତ୍ତରପ୍ରଦେଶ, ହରିୟାନା ଇତ୍ୟାଦି ଭଳି ବିଭିନ୍ନ ରାଜ୍ୟ ସରକାରମାନଙ୍କ ଦ୍ୱାରା ପୁଞ୍ଜିନିବେଶ ଅନୁକୂଳ ନୀତି ଗୃହୀତ ହୋଇଛି

● 'ଭାରତରେ ମୋବାଇଲ ହ୍ୟାଣ୍ଡସେଟ୍ ଏବଂ ଏହାର ଆନୁଷଙ୍ଗିକ ଉପକରଣ ପ୍ରସ୍ତୁତିର ପାରିବେଶିକ ବ୍ୟବସ୍ଥାର ପୁନଃପ୍ରତିଷ୍ଠା ତଥା ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିବା ନିମନ୍ତେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି (ଏମ୍‌ଇଆଇଟିୱାଇ) ମନ୍ତ୍ରଣାଳୟ ଦ୍ୱାରା ଫାଷ୍ଟ ଟ୍ରାକ୍ ଟ୍ରାକ୍ ଫୋର୍ସ (ଏଫ୍‌ଟିଟିଏଫ୍) ପ୍ରତିଷ୍ଠା କରାଯାଇଛି।

ଇଣ୍ଡିଆ ସେଲ୍ୟୁଲାର ଆଣ୍ଡ୍ ଇଲେକ୍ଟ୍ରୋନିକ୍ସ ଆସୋସିଏସନ୍ (ଆଇସିଇଏ) (ସମଗ୍ର ଇଲେକ୍ଟ୍ରୋନିକ୍ ଉଦ୍ୟୋଗର ପ୍ରତିନିଧିତ୍ୱ କରୁଥିବା ଶୀର୍ଷସ୍ଥାନୀୟ

> ବିଗତ ୩- ୪ ବର୍ଷ ଭିତରେ ସାରା ଦେଶରେ ୧୨୦ରୁ ଅଧିକ ନୂଆ ୟୁନିଟ୍ ସ୍ଥାପିତ ହେବା ସହିତ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ୪.୫ ଲକ୍ଷ କର୍ମନିଯୁକ୍ତି ସୃଷ୍ଟି ହୋଇଛି। ଭାରତ ସରକାରଙ୍କ ଛାମୁଆ କାର୍ଯ୍ୟକ୍ରମ 'ମେକ୍ ଇନ୍ ଇଣ୍ଡିଆ' ଅଧୀନରେ ମୋବାଇଲ ହ୍ୟାଣ୍ଡସେଟ୍ ଏବଂ ଏହାର ଆନୁଷଙ୍ଗିକ ଉପକରଣ ଉତ୍ପାଦନ କରିବାର ପାରିବେଶିକ ବ୍ୟବସ୍ଥା ନିଃସନ୍ଦେହରେ ଶ୍ରେଷ୍ଠ ଉତ୍ପାଦ ବର୍ଗ ଭାବରେ ପରିଗଣିତ ହେଉଛି।

ଅନୁଷ୍ଠାନ) ଦ୍ୱାରା ସ୍ଥିରୀକୃତ ଭବିଷ୍ୟତର ଲକ୍ଷ୍ୟ ଯାହା ନିକଟରେ ପ୍ରକାଶିତ ରିପୋର୍ଟ 'ମୋବାଇଲ ହ୍ୟାଣ୍ଡସେଟ୍ ଏବଂ ଉପକରଣ ଉତ୍ପାଦନ କ୍ଷେତ୍ରରେ ଭାରତକୁ ବିଶ୍ୱ ସ୍ତରରେ ପ୍ରମୁଖ କେନ୍ଦ୍ରରେ ପରିଣତ କରିବା'ରେ ଅଧିକ ବିସ୍ତାରିତ କରାଯାଇଛି, ଯେଉଁ କାର୍ଯ୍ୟ ଆଇସିଇଏ ଏବଂ ମ୍ୟାକ୍ କିନ୍‌ସେ ମିଳିତ ଭାବରେ ହାତକୁ ନେଇଛନ୍ତି, ତାହା ସ୍ପଷ୍ଟ ଭାବରେ ଏକ ବଡ଼ ଧରଣର ସୁଯୋଗ / ସାମର୍ଥ୍ୟ ସମ୍ବନ୍ଧରେ ଉଲ୍ଲେଖ କରେ ଯାହାକୁ ଭାରତ ଉପଯୋଗ କରି ଆସନ୍ତା ଦଶବର୍ଷ ଭିତରେ ମୋବାଇଲ ହ୍ୟାଣ୍ଡସେଟ୍ ପାରିବେଶିକ ବ୍ୟବସ୍ଥା ଏବଂ ସାମଗ୍ରିକ ଭାବରେ ଇଲେକ୍ଟ୍ରୋନିକ୍ସର ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ ହୋଇ ପାରିବ। ଲକ୍ଷ୍ୟଗୁଡ଼ିକ ନିମ୍ନମତେ -

ଭାରତ- ୨୦୨୭ ସୁଦ୍ଧା ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ର

ମୋବାଇଲ ହ୍ୟାଣ୍ଡସେଟ୍ ପାରିବେଶିକ- ବ୍ୟବସ୍ଥା

ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ପାରିବେଶିକ ବ୍ୟବସ୍ଥା ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯିବା ନିତାନ୍ତ ଆବଶ୍ୟକ ଏବଂ ଏହି କ୍ଷେତ୍ରକୁ ଏକ ଅଗ୍ରାଧିକାର କ୍ଷେତ୍ରରେ ପରିଣତ କରିବା ନିମନ୍ତେ ସରକାର ସବୁ ପ୍ରକାରର ସମ୍ଭାବ୍ୟ ପଦକ୍ଷେପ ହାତକୁ ନେବା ଉଚିତ। ଉଲ୍ଲେଖନୀୟ କର୍ମନିଯୁକ୍ତି ସୃଷ୍ଟି, ନାଗରିକମାନଙ୍କର ସାମାଜିକ- ଅର୍ଥନୀତିକ ପରିଚୟରେ ପରିବର୍ତ୍ତନ ଆଣିବା, ଅର୍ଥନୀତିକୁ ଉନ୍ନତ କରିବାରେ ଅବଦାନ ରଖିବା, ମୂଲ୍ୟ ସଂଯୋଗୀକରଣ, ବୈଦେଶିକ ମୁଦ୍ରା ସଞ୍ଚୟ ଇତ୍ୟାଦି ଦୃଷ୍ଟିରୁ ଏହି ଉଦ୍ୟୋଗରେ ପର୍ଯ୍ୟାପ୍ତ ସୁଯୋଗ ରହି ଥିବାରୁ ରପ୍ତାନୀ କାରବାର ଉପରେ ଧ୍ୟାନ କେନ୍ଦ୍ରିତ କରି ଭବିଷ୍ୟତରେ ଲାଗୁ ହେବାକୁ ଥିବା ସବୁ ପ୍ରକାରର ନିୟାମକ ଢାଞ୍ଚା/ ପ୍ରୋତ୍ସାହନମୂଳକ ନୀତିଗୁଡ଼ିକୁ ଅନୁକୂଳ ଭାବରେ ପ୍ରସ୍ତୁତ କରା ଯିବାର ଆବଶ୍ୟକତା ରହିଛି।

ଏହା ସ୍ପଷ୍ଟ ଭାବରେ ପ୍ରମାଣିତ ଯେ କୌଣସି ବିଶାଳ ଉତ୍ପାଦନ ପାରିବେଶିକ ବ୍ୟବସ୍ଥା ସେ ପର୍ଯ୍ୟନ୍ତ ପ୍ରତିଷ୍ଠିତ ହୋଇପାରି ନାହିଁ ଯେ ପର୍ଯ୍ୟନ୍ତ ତା'ର ଲକ୍ଷ୍ୟ ସମ୍ପୂର୍ଣ୍ଣ ଭାବରେ ଘରୋଇ ବଜାର ହେବା ଅପେକ୍ଷା ରପ୍ତାନୀ ଭିତ୍ତିକ ହେବା ଉପରେ କେନ୍ଦ୍ରିତ ନ ହୋଇଛି। ନିଃସନ୍ଦେହରେ ଘରୋଇ ବଜାର ଅପେକ୍ଷା ବିଶ୍ୱ ବଜାରରେ ସମ୍ଭାବନା ଯଥେଷ୍ଟ ଅଧିକ।

ମୋବାଇଲ ହ୍ୟାଣ୍ଡସେଟ୍ ଉତ୍ପାଦନ ପାରିବେଶିକ ବ୍ୟବସ୍ଥା କ୍ଷେତ୍ରରେ ସଫଳତା ହାସଲ ହୋଇ ଚାଲିଛି। ସମଗ୍ର ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ସମାନ ପ୍ରକାରର ସଫଳତାର କାହାଣୀର ପୁନରାବୃତ୍ତି କରିବାକୁ ଭାରତ ସରକାର ଆଗ୍ରହ ଦେଖାଇବା ସଙ୍ଗେ ସଙ୍ଗେ ମେଡିକାଲ (ଡାକ୍ତରୀ) ଇଲେକ୍ଟ୍ରୋନିକ୍ସ, ଅଟୋମୋଟିଭ୍ (ସ୍ୱୟଂଚାଳିତ ଯାନବାହନ) ଇଲେକ୍ଟ୍ରୋନିକ୍ସ, ଡିଫେନ୍ସ (ପ୍ରତିରକ୍ଷା) ଇଲେକ୍ଟ୍ରୋନିକ୍ସ, କଞ୍ଜ୍ୟୁମର (ଉପଭୋକ୍ତା) ଇଲେକ୍ଟ୍ରୋନିକ୍ସ, ଉଦୀୟମାନ ବା ନବ ବିକଶିତ ବୈଷୟିକ ଜ୍ଞାନକୌଶଳ ଯଥା ଆଇଓଟି, ସେନ୍‌ସର୍ ଇତ୍ୟାଦି, କୃଷି ଇଲେକ୍ଟ୍ରୋନିକ୍ସ ଇତ୍ୟାଦିର ଉତ୍ପାଦନ ପାରିବେଶିକ ବ୍ୟବସ୍ଥାର ବିକାଶ କରିବା ଉପରେ ବିଶେଷ ଧ୍ୟାନ ଦେବାକୁ ଉଦ୍ୟମ କରୁଛନ୍ତି।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ସେଲ୍ୟୁଲାର୍ ଏବଂ ଇଲେକ୍ଟ୍ରୋନିକ୍ସ ଆସୋସିଏସନ୍‌ର ଅଧକ୍ଷ।**

**Email id- bijesh@icea.org.in**

# ଭାରତୀୟ ଭାଷା ସମୂହ ପାଇଁ ବୈଷୟିକ କ୍ଷେତ୍ର : ସ୍ଥିତି ଓ ଭବିଷ୍ୟତ

ରାଜୀବ ସଙ୍ଗଲ

ଭାଷା ପ୍ରଯୁକ୍ତି (ଟେକ୍‌ନୋଲୋଜି) ଏବେ ଏକ ପୋଖତ ସ୍ତରରେ ପହଞ୍ଚିଛି। ଏହା ଇଂରାଜୀ ଓ ଅନ୍ୟ ଭାଷାର ବ୍ୟବହାରକାରୀଙ୍କ ଉପରେ ବିଶ୍ୱଭରି ବଡ଼ ଧରଣର ପ୍ରଭାବ ପକାଉଛି। ଭାରତୀୟ ଭାଷା ଟେକ୍‌ନୋଲୋଜି ମଧ୍ୟ ଏକ ଉନ୍ନତ ସ୍ତରରେ ପହଞ୍ଚିଛି। ଭାରତୀୟ ଭାଷା ଟେକ୍‌ନୋଲୋଜି ଲୋକଙ୍କୁ ନିଜ ମାତୃଭାଷାରେ ଇପ୍‌ସିତ ଜିନିଷ ପଢ଼ିବା ଜାଣିବାରେ ସହାୟକ ହେବା ସ୍ଥିତିରେ ପହଞ୍ଚିଲାଣି। ଉଦାହରଣ ସ୍ୱରୂପ ଇଂରାଜୀ କିମ୍ବା ଅନ୍ୟ ଭାଷାରେ ଲିଖିତ ବିଷୟବସ୍ତୁ ଏବେ ଅନ୍ୟାନ୍ୟ ଭାରତୀୟ ଭାଷାକୁ ଆପଣା ଛାଏଁ ଅନୁଦିତ ହୋଇପାରୁଛି। ଆହୁରି ମଧ୍ୟ ଟେକ୍ସଟ-ଟୁ-ସ୍ପିଚ୍ ସିଷ୍ଟମ ଜରିଆରେ କମ୍ପ୍ୟୁଟର ନିରକ୍ଷର ଓ ନେତ୍ରହୀନଙ୍କୁ ସୂଚନା ପଢ଼ି ଶୁଣାଇ ଦେଇପାରୁଛି। ଟେଲିଫୋନିକ ସ୍ପିଚ୍ ଇଣ୍ଟରଫେସ୍ ମାଧ୍ୟମରେ ଅତି ରିମୋଟ ଡାଟାକୁ ଆକ୍‌ସେସ୍ କରିବା ସମ୍ଭବ ହେଉଛି। ଇଣ୍ଟରନେଟ୍‌ରେ ସଫିଷ୍ଟିକେଟେଡ୍ ସର୍ଚ୍ଚ ବ୍ୟବସ୍ଥା, ଡିଜିଟାଲି ସ୍କାନ୍‌ଡ ବହି ଓ ଅନ୍ୟାନ୍ୟ ଉପକରଣ ଉପଲବ୍ଧ ହେବା ଫଳରେ ପାଠକ ଏହାକୁ ସହଜରେ ପଢ଼ିପାରୁଛନ୍ତି।

ଟେକ୍‌ନୋଲୋଜି ଏରିଆ : ତଳେ ଭାରତୀୟ ଭାଷା ଟେକ୍‌ନୋଲୋଜି ଏରିଆ ଏବଂ ସେସବୁର କେତେକ ଉଦାହରଣ ପ୍ରଦାନ କରାଯାଇଛି।

୧) ଲୋକାଲାଇଜେସନ ବା ସ୍ଥାନୀୟତା : ଏହି ବ୍ୟବସ୍ଥାରେ ସମସ୍ତ ଇଲେକଟ୍ରୋନିକ୍ସ ଡିଭାଇସ୍‌ରେ ଭାରତୀୟ ଭାଷା ସହାୟତା ପ୍ରଦାନ ବ୍ୟବସ୍ଥା ରହୁଛି। ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ମାନକ ପାଳନ କରାଯାଉଛି।

୨) ଭାରତୀୟ ଭାଷାରେ ଇ-କଣ୍ଟେଣ୍ଟ୍ : ଭାରତୀୟ ଭାଷାରେ ଇଲେକ୍‌ଟ୍ରୋନିକ କଣ୍ଟେଣ୍ଟ ବ୍ୟବସ୍ଥା ରହିଛି ଏବଂ ଏଥିରେ ବିଷୟବସ୍ତୁ; ବାର୍ତ୍ତା ବା ସୂଚନା ମୂଳଲେଖା ଭାଷାରେ କିମ୍ବା ଅନୁବାଦ କରାଯାଇ ଅନ୍ୟ ଭାଷାରେ ପାଠକ / ବ୍ୟବହାରକାରୀଙ୍କ ନିକଟକୁ ପଠାଯାଇପାରୁଛି ?

୩) ଅଟୋମେଟିକ୍ ମେସିନ୍ ଟ୍ରାନ୍ସଲେସନ୍ : ଏହି ବ୍ୟବସ୍ଥାରେ ଲେଖା ବା ବିଷୟବସ୍ତୁ ମେସିନ୍‌ଦ୍ୱାରା ଆପଣା ଛାଏଁ ଅନୁଦିତ ହୋଇପାରୁଛି। ଇଂରାଜୀରୁ ଅନ୍ୟ ଭାରତୀୟ ଭାଷାକୁ କିମ୍ବା ଅନ୍ୟ ଭାରତୀୟ ଭାଷାରୁ ଇଂରାଜୀକୁ ଏହି ଅନୁବାଦର ସୁବିଧା ରହିଛି। ଭାରତୀୟ ଭାଷାଗୁଡ଼ିକ ମଧ୍ୟରେ ଗୋଟିଏରୁ ଅନ୍ୟ ଭାଷାକୁ ଅନୁବାଦ କରିବା ବ୍ୟବସ୍ଥା ଓ ସୁବିଧା ମଧ୍ୟ ଏବେ ଉପଲବ୍ଧ।

୪) କ୍ରସ ଲାଙ୍ଗୁଏଜ ଆକ୍ସେସ୍ ଟୁ କଣ୍ଟେଣ୍ଟ : ଏହି ବ୍ୟବସ୍ଥାରେ ବିଷୟବସ୍ତୁ ବା କଣ୍ଟେଣ୍ଟକୁ ଇଂରାଜୀ ଓ ଅନ୍ୟାନ୍ୟ ସବୁ ଭାରତୀୟ ଭାଷାରେ ବ୍ୟବହାରକାରୀଙ୍କ ନିକଟରେ ପହଞ୍ଚାଇ ଦିଆଯାଉଛି। ଏହାକୁ ସଂକ୍ଷେପରେ କ୍ରସ୍ ଲିଙ୍ଗୁଆଲ୍ ସର୍ଚ୍ଚ କୁହାଯାଉଛି।

୫) ସ୍ପିଚ୍ ପ୍ରୋସେସିଂ : ଏଥିରେ ଦୁଇପ୍ରକାର ବ୍ୟବସ୍ଥା ରହିଛି ଯଥା- ଟେକ୍ସଟ୍-ଟୁ-ସ୍ପିଚ୍ (ଟିଟିଏସ୍) ଓ ସ୍ପିଚ୍-ଟୁ-ଟେକ୍ସଟ (ଏଏସ୍‌ଆର)

- ଟେକ୍ସଟ-ଟୁ-ସ୍ପିଚ୍ ବ୍ୟବସ୍ଥାରେ ମେସିନ୍, ବିଷୟବସ୍ତୁକୁ ଏକ ନିର୍ଦ୍ଦିଷ୍ଟ ଭାଷାରେ ପଢ଼ିବା।
- ସ୍ପିଚ୍-ଟୁ-ଟେକ୍ସଟ୍ ବ୍ୟବସ୍ଥାରେ ଟେଲିଫୋନ ଦ୍ୱାରା କମ୍ପ୍ୟୁଟର ସହିତ କଥାବାର୍ତ୍ତା କରିବା।

**୧୧ ଭାରତୀୟ ଭାଷାରେ ବିଷୟସୂଚୀ ଉପଲବ୍ଧ**



୬) ଅପ୍ଟିକାଲ କ୍ୟାରେକ୍ଟର ରେକଗ୍ନିସନ୍ (ଓସିଆର୍) - ଏହା ଦୁଇ ପ୍ରକାରର

- ଓସିଆର ମାଧ୍ୟମରେ ପୃଷ୍ଠାରେ ଥିବା ସ୍କାନ୍ ଛବିକୁ ଟେକ୍ସଟ୍ ବା ବିଷୟବସ୍ତୁରେ ପରିଣତ କରିବା ଏବଂ

- ଓଏଚ୍‌ଡବ୍ଲୁଆର୍ ବା ଅନ୍‌ଲାଇନ୍ ହସ୍ତାକ୍ଷରକୁ ଚିହ୍ନଟ କରିବା ଏବଂ ଏଥିରେ ଷ୍ଟାଇଲସ୍ ଭିତ୍ତିକ ଇନ୍‌ପୁଟ୍‌କୁ ମୋବାଇଲକୁ ପଠାଇବା।



**ଟେକ୍‌ନୋଲୋଜି କ୍ଷେତ୍ରର ସ୍ଥିତି ଓ ଭବିଷ୍ୟତ:**

ଉପର ବର୍ଣ୍ଣିତ ଟେକ୍‌ନୋଲୋଜି ସବୁ କିପରି କାର୍ଯ୍ୟ କରେ ତାହା ନିମ୍ନରେ କୁହାଯାଇଛି।

- ଟେକ୍‌ନୋଲୋଜି କ୍ଷେତ୍ର ବା ଏରିଆର ଅର୍ଥ ହେଲା ଏହା କ'ଣ ଏବଂ ଏହାଦ୍ୱାରା କ'ଣ କରାଯାଇପାରିବ।

- ଭାରତୀୟ ଭାଷା ସମୂହର ବର୍ତ୍ତମାନର ଟେକ୍‌ନୋଲୋଜି ସ୍ଥିତି

-ଭାରତୀୟ ଭାଷା ସମୂହ ପାଇଁ ଭବିଷ୍ୟତରେ କ'ଣ କରାଯାଇପାରିବ।

**ଲୋକାଲାଇଜେସନ୍ ବା ସ୍ଥାନୀୟକରଣ:** ଏ କ୍ଷେତ୍ରରେ ଲୋକାଲାଇଜେସନ୍‌ରେ ଅର୍ଥ ଇଲେକଟ୍ରୋନିକ୍ ଡିଭାଇସ୍‌କୁ ନିର୍ଦ୍ଧାରିତ ମାନକ ସହ ଭାରତୀୟ ଭାଷା ବ୍ୟବହାର ଉପଯୋଗୀ କରିବା। ଉଦାହରଣ ସ୍ୱରୂପ ଯଦି ଜଣେ ଗୋଟିଏ ଫୋନ୍ କିଣେ ସେଥିରେ ଇଂରାଜୀ ଓ ହିନ୍ଦି ସହ ସ୍ଥାନୀୟ ଅଞ୍ଚଳର ପ୍ରଚଳିତ ପ୍ରମୁଖ ଭାଷାର ସଫ୍ଟୱେୟାର ତିଆରି ସମୟରୁ ଥିବ ଯାହା ଡିସ୍‌ପ୍ଲେ ଓ କିବୋର୍ଡରେ ପ୍ରଦର୍ଶିତ ହେଉଥିବ। ଆହୁରି ମଧ୍ୟ ଏହି ମୋବାଇଲ ଫୋନ୍‌ରେ ଗ୍ରାହକର ଇଚ୍ଛାମୁତାବକ ଯେକୌଣସି ଗୋଟିଏ ଭାରତୀୟ ଭାଷା ବ୍ୟବହାର କରିବାର ବୈଷୟିକ କୌଶଳ ଓ ବ୍ୟବସ୍ଥା ରହିଥିବ।

ଏ କ୍ଷେତ୍ରରେ ମାନକ ବା ଷ୍ଟାଣ୍ଡାର୍ଡର ବ୍ୟବହାର ବିଶେଷ ଗୁରୁତ୍ୱ ରଖେ, କାରଣ ମାନକ ଠିକ୍ ନ ରହିଲେ ମୋବାଇଲ ବା ଇଲେକ୍‌ଟ୍ରୋନିକ୍ସ ଡିଭାଇସ୍‌ରେ ସୃଷ୍ଟି ହେଉଥିବା ଡାଟାକୁ ଦେଖିବା, ଏଡିଟ୍ ଓ ପ୍ରୋସେସ୍ କରିବାରେ ଅସୁବିଧା ହେବ ନାହିଁ। ଏହି ଡାଟାକୁ ସହଜରେ ଅନ୍ୟ ଡିଭାଇସ୍‌କୁ ପ୍ରେରଣ କରିହେବ। ଉଦାହରଣ ସ୍ୱରୂପ ମୁଁ ଯଦି ମୋ ଫୋନ୍‌ରୁ ଏକ ମ୍ୟାସେଜ୍ ଅନ୍ୟଜଣକ ଫୋନକୁ ପଠାଏ ତାହା ସେଠାରେ ଅବିକଳ ପ୍ରଦର୍ଶିତ ହେବା ଆବଶ୍ୟକ। ଯଦି ମାନକ ବା ଷ୍ଟାଣ୍ଡାର୍ଡ ସମାନ ନ ଥିବ ଏହା ହେବ ନାହିଁ। ତେଣୁ ୟୁନିକୋଡ୍ ବ୍ୟବସ୍ଥା ଏ କ୍ଷେତ୍ରରେ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏହା ହେଲେ ବ୍ୟବହାରକାରୀଙ୍କୁ ନୂଆ ଉପାୟ ଶିଖିବାର ଆବଶ୍ୟକତା ପଡ଼ିବନାହିଁ।

**ଭାରତୀୟ ଭାଷାରେ ଇ-କଣ୍ଟେଣ୍ଟ ସୃଷ୍ଟି:** ଭାରତୀୟ ଭାଷାରେ ଇ-କଣ୍ଟେଣ୍ଟ ତିଆରି କରିବା ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଅବଶ୍ୟ ଇ-କଣ୍ଟେଣ୍ଟ ବହିର ବିକଳ୍ପ ନୁହେଁ। ଏହା ସତ୍ତ୍ୱେ ଯୁବବର୍ଗ ବହି ପରିବର୍ତ୍ତେ ଏବେ ଇଣ୍ଟରନେଟ୍‌ରୁ ମିଳୁଥିବା କଣ୍ଟେଣ୍ଟ ବା ବିଷୟବସ୍ତୁ ଉପରେ ଅଧିକ ନିର୍ଭର କରୁଛନ୍ତି।

୨୦୦୦ ମସିହା ବେଳକୁ ଦେଖାଗଲା ଯେ ଜର୍ମାନୀର ଯୁବ ସମାଜ ଜର୍ମାନୀ ଭାଷାର କଣ୍ଟେଣ୍ଟ ପରିବର୍ତ୍ତେ ଇଂରାଜୀ ଭାଷାର କଣ୍ଟେଣ୍ଟକୁ ଅଧିକ ଆକ୍‌ସେସ୍ କରୁଛନ୍ତି। ଏହାର କାରଣ ଅନୁଧ୍ୟାନ କରିବାରୁ ଜଣାପଡ଼ିଲା ଯେ ଜର୍ମାନୀ ଭାଷାରେ ଯଥେଷ୍ଟ ଇ-କଣ୍ଟେଣ୍ଟ ମିଳୁ ନ ଥିବାରୁ ସେ ଦେଶର ଯୁବସମାଜ ଇଂରାଜୀ ଇ-କଣ୍ଟେଣ୍ଟ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ଏହାପରେ ଜର୍ମାନୀ ସରକାର ନିଜସ୍ୱ ଭାଷାର ଇ-କଣ୍ଟେଣ୍ଟ ବଢ଼ାଇବା ଉପରେ ଗୁରୁତ୍ୱ ଦେଲେ। ଏହା ଅଧିକ ଉପଲବ୍ଧ ହେବାରୁ ଦେଶର ଯୁବସମାଜ ଇଂରାଜୀ ପରିବର୍ତ୍ତେ ଏବେ ଜର୍ମାନ-ଇ-କଣ୍ଟେଣ୍ଟ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଭାରତରେ ବହୁ ଲୋକ ଅଛନ୍ତି ଯେଉଁମାନେ ନିଜର ମାତୃଭାଷା ଜାଣିଥିଲେ ମଧ୍ୟ ଇଂରାଜୀ ଜାଣନ୍ତି ନାହିଁ। ତେଣୁ ସବୁ ଭାରତୀୟ ଭାଷାରେ ପ୍ରଚୁର ପରିମାଣର ଇ-କଣ୍ଟେଣ୍ଟ ସୃଷ୍ଟିର ଆବଶ୍ୟକତା ରହିଛି।

ଇଂରାଜୀ କଣ୍ଟେଣ୍ଟର ଅନୁବାଦ କରି ଅଳ୍ପ ଦିନ ମଧ୍ୟରେ ଇଣ୍ଟରଆକ୍ଟିଂ ଲାଙ୍ଗୁଏଜ୍ (ଆଇଏଲ୍)ରେ ଇ-କଣ୍ଟେଣ୍ଟ ଖୁବ୍ ଶୀଘ୍ର ପ୍ରସ୍ତୁତ କରାଯାଇପାରିବ। ତେବେ ଦୀର୍ଘ ମିଆଦୀ ଆବଶ୍ୟକତା ପୂରଣ କରିବା ପାଇଁ ଭାରତୀୟ ଭାଷାରେ ମୌଳିକ ଇ-କଣ୍ଟେଣ୍ଟ ସୃଷ୍ଟିର ବିଶେଷ ଆବଶ୍ୟକତା ରହିଛି। ବିଭିନ୍ନ ଭାରତୀୟ ଭାଷାରେ ଲିଖିତ ବିଷୟବସ୍ତୁର ଅନୁବାଦ କରି ଭାରତୀୟ ଭାଷାର ଇ-କଣ୍ଟେଣ୍ଟ ସୃଷ୍ଟି କରାଯାଇପାରେ। ଇଣ୍ଟରଆକ୍ଟିଂ ଲାଙ୍ଗୁଏଜ୍‌ରେ ଅନୁବାଦ ଫଳରେ କଣ୍ଟେଣ୍ଟର ପ୍ରକୃତ ଅର୍ଥ ବୁଝାଇବା ସହଜ ହେବ ଏବଂ ଭାରତୀୟ ପ୍ରେକ୍ଷାପଟରେ ଏହା ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇପାରେ।

**ଅଟୋମେଟିକ୍ ମେସିନ୍ ଟ୍ରାନ୍ସଲେସନ୍ (ସ୍ୱୟଂକ୍ରିୟ ଯାନ୍ତ୍ରିକ ଅନୁବାଦ) :**

ସ୍ୱୟଂକ୍ରିୟ ଯାନ୍ତ୍ରିକ ଅନୁବାଦ ବା ମେସିନ୍ ଟ୍ରାନ୍ସଲେସନ ଦ୍ୱାରା ଏକ ଟେକ୍ସଟର ଅନୁବାଦ ଅନ୍ୟ ଭାଷାରେ ତତ୍କାଳ କରାଯାଇପାରେ। ତେବେ ଏହି ଅନୁବାଦର ମାନ ରକ୍ଷା ପାଇଁ ଦୁଇ ଭାଷା ମଧ୍ୟରେ ଥିବା ବ୍ୟବଧାନ, ସମ୍ପର୍କ, ବ୍ୟବହୃତ ଟେକ୍‌ନୋଲୋଜି ଉପରେ ନିର୍ଭର କରେ।

ଇଂରାଜୀ ଟେକ୍ସଟ୍‌ରୁ ଭାରତୀୟ ଭାଷାରେ

ଅନୁବାଦ ମାନ ଦୃଷ୍ଟିରୁ ନିକୃଷ୍ଟ। ଏହାର କାରଣ ହେଲା ଭାଷାତତ୍ତ୍ୱ ଦୃଷ୍ଟିରୁ ଇଂରାଜୀ ଭାରତୀୟ ଭାଷା ସମୂହର ନିକଟତର ନୁହେଁ। ଅପରପକ୍ଷରେ ଭାରତୀୟ ଭାଷାରୁ ଭାରତୀୟ ଭାଷାକୁ ମେସିନ୍ ଅନୁବାଦର ମାନ ତୁଳନାତ୍ମକ ଭାବେ ଯଥେଷ୍ଟ ଉନ୍ନତ। ଏହା ଦେଖାଯାଉଛି ଯେ ସ୍ୱୟଂକ୍ରିୟ ଅନୁବାଦରେ ଭାବ ପ୍ରକାଶ ମୋଟାମୋଟି ସମାନ ରହୁଥିଲେ ମଧ୍ୟ ପଠନ କ୍ଷେତ୍ରରେ ଯେଉଁ ସାବଲୀଳତା ଓ ଆକର୍ଷଣ ରହିବା କଥା ତାହା ରହୁନାହିଁ। ତେଣୁ ଏହି ସମସ୍ୟାର ଦୂରୀକରଣ ପାଇଁ ଉଭୟ ମଣିଷ ଓ ଯନ୍ତ୍ରର ଯୁଗଳବନ୍ଦୀ ଆବଶ୍ୟକ। ମଣିଷଦ୍ୱାରା ଉତ୍ତମ ଅନୁବାଦ ସମ୍ଭବ। ଅନୁବାଦର ଆବଶ୍ୟକ ସଂଶୋଧନ, ସମ୍ପାଦନ କରି ବିଷୟବସ୍ତୁକୁ ପାଠକଙ୍କ ପାଇଁ ନେଟ୍‌ରେ ଛାଡ଼ିଲେ ଏହା ନିଶ୍ଚିତ ଉଚ୍ଚକୋଟିର ହେବ।

ଭାରତୀୟ ଭାଷା ପାଇଁ ମେସିନ୍ ଟ୍ରାନ୍ସଲେସନ୍ ବ୍ୟବସ୍ଥା ଉପଲବ୍ଧ ଏବଂ ଏହା ମାଧ୍ୟମରେ ଅନୁବାଦିତ ଉତ୍ତମ ବିଷୟବସ୍ତୁ (ଟେକ୍ସଟ) ମିଳୁଛି। ୟୁରୋପୀୟ ଭାଷା ସମୂହର ଅନୁବାଦ ସହ ଏହାକୁ ତୁଳନା କରାଯାଇପାରେ। ତେବେ ଏହି ଅନୁଦିତ ଟେକ୍ସଟକୁ ଭାରତର ଉଭୟ ସାଧାରଣ ପାଠକ ଓ ପ୍ରକାଶକଙ୍କ ପାଇଁ ଉପଲବ୍ଧ କରାଯିବାର ଆବଶ୍ୟକତା ରହିଛି। ଭାଷା ମେଳ ବା ଲାଙ୍ଗୁଏଜ ପେୟାରିଂ ପାଇଁ ଉଦ୍ଦିଷ୍ଟ




୨୦୦୦ ମସିହା ବେଳକୁ ଦେଖାଗଲା ଯେ ଜର୍ମାନୀର ଯୁବ ସମାଜ ଜର୍ମାନୀ ଭାଷାର କଣ୍ଟେଣ୍ଟ ପରିବର୍ତ୍ତେ ଇଂରାଜୀ ଭାଷାର କଣ୍ଟେଣ୍ଟକୁ ଅଧିକ ଆକ୍‌ସେସ୍ କରୁଛନ୍ତି। ଏହାର କାରଣ ଅନୁଧ୍ୟାନ କରିବାରୁ ଜଣାପଡ଼ିଲା ଯେ ଜର୍ମାନୀ ଭାଷାରେ ଯଥେଷ୍ଟ ଇ-କଣ୍ଟେଣ୍ଟ ମିଳୁ ନ ଥିବାରୁ ସେ ଦେଶର ଯୁବସମାଜ ଇଂରାଜୀ ଇ-କଣ୍ଟେଣ୍ଟ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ଏହାପରେ ଜର୍ମାନୀ ସରକାର ନିଜସ୍ୱ ଭାଷାର ଇ-କଣ୍ଟେଣ୍ଟ ବଢ଼ାଇବା ଉପରେ ଗୁରୁତ୍ୱ ଦେଲେ। ଏହା ଅଧିକ ଉପଲବ୍ଧ ହେବାରୁ ଦେଶର ଯୁବସମାଜ ଇଂରାଜୀ ପରିବର୍ତ୍ତେ ଏବେ ଜର୍ମାନ-ଇ-କଣ୍ଟେଣ୍ଟ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଭାରତରେ ବହୁ ଲୋକ ଅଛନ୍ତି ଯେଉଁମାନେ ନିଜର ମାତୃଭାଷା ଜାଣିଥିଲେ ମଧ୍ୟ ଇଂରାଜୀ ଜାଣନ୍ତି ନାହିଁ। ତେଣୁ ସବୁ ଭାରତୀୟ ଭାଷାରେ ପ୍ରଚୁର ପରିମାଣର ଇ-କଣ୍ଟେଣ୍ଟ ସୃଷ୍ଟିର ଆବଶ୍ୟକତା ରହିଛି।

ବ୍ୟବସ୍ଥା ଭାରତରେ ଏବେ ପ୍ରସ୍ତୁତ। ବର୍ଷକ ମଧ୍ୟରେ ଏହା ବ୍ୟବହୃତ ହେବ ବୋଲି ଆଶା କରାଯାଏ।

ପ୍ରାୟ ୧୨ଟି ଭାରତୀୟ ଭାଷା ପାଇଁ ଏବେ ମେସିନ୍ ଟ୍ରାନ୍ସଲେସନ୍ ବ୍ୟବସ୍ଥା ଉପଲବ୍ଧ। ଅନୁସୂଚିତ ୨୨ଟି ଭାରତୀୟ ଭାଷାରେ ଏହି ସୁବିଧା ଉପଲବ୍ଧ ହେବାର ଆବଶ୍ୟକତା ରହିଛି। ଏଥିପାଇଁ ଆବଶ୍ୟକ ହେଉଥିବା ଟେକ୍‌ନୋଲୋଜି ଫ୍ରେମ୍‌ୱାର୍କ ସମ୍ପୂର୍ଣ୍ଣ ବିକଶିତ। ଏହା ସହିତ ନୂଆ ଭାଷା ମେଳ (ଲାଙ୍ଗୁଏଜ୍ ପେୟାର) ସଂଯୋଗର ଆବଶ୍ୟକତା ରହିଛି। ଏହି ଲାଙ୍ଗୁଏଜ୍ ପେୟାର ପ୍ରସ୍ତୁତି ଦ୍ରୁତ ଗତିରେ ଆଗେଇ ଚାଲିଛି। ଦୁଇବର୍ଷ ମଧ୍ୟରେ ଏହି କାମଟି ଶେଷ ହେବ ବୋଲି ଆଶା କରାଯାଏ।

**କଣ୍ଟେଣ୍ଟ ସହ କ୍ରସ୍ ଲାଙ୍ଗୁଏଜ୍ ଆକ୍‌ସେସ୍ :** ଭାରତୀୟ ଭାଷାରେ ଇ-କଣ୍ଟେଣ୍ଟ ସଂଖ୍ୟା ବଢୁଥିବାରୁ ବ୍ୟବହାରକାରୀଙ୍କୁ ଭବିଷ୍ୟତରେ ଇଣ୍ଟରନେଟ୍‌ରେ ଉପଯୁକ୍ତ କଣ୍ଟେଣ୍ଟ ଠାବ କରିବାକୁ ଯଥେଷ୍ଟ 'ସର୍ଚ୍ଚ' କରିବାକୁ ପଡ଼ିପାରେ। ସେଥିପାଇଁ ସେ ଗୋଟିଏ ଭାଷାରୁ ଅନ୍ୟ ଭାଷାର କଣ୍ଟେଣ୍ଟ ଅବଶ୍ୟ ସର୍ଚ୍ଚ କରିବ। ତେଣୁ ଉତ୍କୃଷ୍ଟ ବିଷୟବସ୍ତୁ (କଣ୍ଟେଣ୍ଟ) ସୃଷ୍ଟିର ବିଶେଷ ଆବଶ୍ୟକତା ରହିଛି। ଏଥିପାଇଁ ପ୍ରାୟ ଛ'ଟି ଭାରତୀୟ ଭାଷାରେ ଇଣ୍ଟରପ୍ରିଟିଙ୍ଗ ଲାଙ୍ଗୁଏଜ୍ ଟେକ୍‌ନୋଲୋଜି ଏବେ ପ୍ରସ୍ତୁତ। ତେବେ ଏ କ୍ଷେତ୍ରରେ ବିଷୟବସ୍ତୁର ଭାଷା ସୂଚୀ (ଇଣ୍ଡେକ୍ସ) ପ୍ରସ୍ତୁତ କରିବା ଏବେ ଜରୁରୀ। ଏଥିରେ ଅଧିକରୁ ଅଧିକ ଭାଷାକୁ ଯୋଡ଼ିବାର ଆବଶ୍ୟକତା ମଧ୍ୟ ରହିଛି।

ସ୍ପିଚ୍ ପ୍ରସେସିଂ : ଆଗରୁ କୁହାଯାଇଛି ଯେ ଏହି ଟେକ୍‌ନୋଲୋଜିର ଦୁଇଟି ଭାଗ ରହିଛି। ଗୋଟିଏ ହେଲା ଟେକ୍ସଟ-ଟୁ-ସ୍ପିଚ୍ (ଟିଟିଏସ୍) ଓ ଅନ୍ୟଟି ସ୍ପିଚ୍-ଟୁ-ଟେକ୍ସଟ (ଏଏସ୍‌ଆଇ ସିଷ୍ଟମ)। ପ୍ରଥମ ବ୍ୟବସ୍ଥାରେ ଟେକ୍‌ନୋଲୋଜି କମ୍ପ୍ୟୁଟରକୁ ଟେକ୍ସଟ ଫାଇଲରେ ଥିବା ବିଷୟବସ୍ତୁକୁ ଇଣ୍ଟରପ୍ରିଟିଭ ଲାଙ୍ଗୁଏଜରେ ପଢ଼ି ଶୁଣାଇବାରେ ସକ୍ଷମ କରେ। ଅନ୍ୟ ଟେକ୍‌ନୋଲୋଜି ମାଧ୍ୟମରେ କମ୍ପ୍ୟୁଟର କଥିତ ଭାଷାକୁ ଶୁଣି ଏହାକୁ ଏକ ଟେକ୍ସଟ ଫାଇଲ୍‌ରେ ପରିଣତ କରିଥାଏ। ନେତ୍ରହୀନ ଓ ନିରକ୍ଷର ଲୋକଙ୍କ ପାଇଁ ଟେକ୍ସଟ-ଟୁ-ସ୍ପିଚ୍ (ଟିଟିଏସ୍) ବିଶେଷ ଉପଯୋଗୀ। ଏହା ଏକ ବିକଶିତ ଓ ବିଶ୍ୱସ୍ତ ଟେକ୍‌ନୋଲୋଜି ଏବଂ ବିଭିନ୍ନ ଭାଷାରେ ଉପଲବ୍ଧ।

ଏଏସ୍‌ଆର ବା ଅଟୋମେଟିକ୍ ସ୍ପିଚ୍ ରେକଗ୍‌ନିସନ ବ୍ୟବସ୍ଥାଟି ସେଇଠି ଗୁରୁତ୍ୱପୂର୍ଣ୍ଣ ଯେଉଁଠି କମ୍ପ୍ୟୁଟରକୁ ଏକ ଲାଙ୍ଗୁଏଜ୍‌ର କଥିତ କମାଣ୍ଡକୁ ବୁଝିବାକୁ ହୋଇଥାଏ। ବ୍ୟବହାରକାରୀର ଅନୁରୋଧ କ୍ରମେ ଏହା କାର୍ଯ୍ୟ କରେ। ଉଦାହରଣ ସ୍ୱରୂପ ଜଣେ ବ୍ୟବହାରକାରୀ ଟେଲିଫୋନ୍‌ରେ କିଛି ତଥ୍ୟ ଜାଣିବାକୁ ଚାହୁଁଛି। ତେଣୁ ସଂପୃକ୍ତ କମ୍ପ୍ୟୁଟର ସେହି ବ୍ୟକ୍ତିର କଥିତ କମାଣ୍ଡକୁ ବୁଝି ତଦନୁସାରେ ସୂଚନା ଦେବ।

ଏଏସ୍ଆର ସିଷ୍ଟମ ଏବେ ପ୍ରାୟ ଛ'ଟି ଆଇଏଲ୍ ଭାଷାରେ ଉପଲବ୍ଧ। ହେଲେ ଏହା ଏଯାଏ ସମ୍ପୂର୍ଣ୍ଣ ବିକଶିତ ଅବସ୍ଥାରେ ପହଞ୍ଚିନାହିଁ। ଏହା ଉପରେ ଅଧିକ ଗବେଷଣା କରି ବ୍ୟବସ୍ଥାଟିକୁ ସମ୍ପୂର୍ଣ୍ଣ ବିଶ୍ୱସନୀୟ କରିବାକୁ ହେବ।

**ଅପ୍ଟିକାଲ କ୍ୟାରେକ୍ଟର ରେକଗ୍ନିସନ (ଓସିଆର୍):**

ଏହି ଟେକ୍ନୋଲୋଜିରେ ଦୁଇଟି ବିଭାଗ ରହିଛି। ସେଥିରୁ ଗୋଟିଏ ହେଲା ଅପ୍ଟିକାଲ କ୍ୟାରେକ୍ଟର ରେକଗ୍ନିସନ (ଓସିଆର୍) ଓ ଅନ୍ୟଟି ହେଲା ଅନ୍‌ଲାଇନ୍ ହ୍ୟାଣ୍ଡରାଇଟିଂ ରେକଗ୍ନିସନ (ଓଏଚ୍‌ଡବ୍ଲ୍ୟୁଆର୍)। ଓସିଆର୍ ବ୍ୟବସ୍ଥାରେ ଏକ ଛାପା ପୁସ୍ତକକୁ ଟେକ୍ସଟ ଫର୍ମରେ ପରିବର୍ତ୍ତନ କରାଯାଏ। ହାଡ୍ କପିରେ ଯେତେବେଳେ ଏକ ମୁଦ୍ରିତ ପୁସ୍ତକକୁ ସ୍କାନ୍ କରାଯାଏ ତାହାର ସ୍କାନ୍‌ଡ ଇମେଜ ସର୍ଚ୍ଚ, ମେସିନ୍ ଟ୍ରାନ୍ସଲେସନ୍, ସ୍ପିଚ୍ ପ୍ରସେସିଂ ଆଦି ପାଇଁ ବ୍ୟବହାର କରିହୁଏ ନାହିଁ। ଓସିଆର ଏକ ପୃଷ୍ଠାର ସ୍କାନ୍‌ଡ ଇମେଜ୍ ଦେଇ ତାହା କ୍ୟାରେକ୍ଟରକୁ ରେକଗ୍ନାଇଜ କରେ ଓ ଏହାକୁ ଟେକ୍ସଟ୍ ଫର୍ମରେ ପରିଣତ କରିଥାଏ। ପ୍ରାୟ ୧୨ଟି ଭାରତୀୟ ଭାଷାରେ ଏହି ଟେକନୋଲୋଜି ଉପଲବ୍ଧ। ଏହାକୁ ଏକ ଉତ୍ପାଦ (ପ୍ରଡକ୍ଟ)ରେ ପରିଣତ କରି ଭାରତ ସରକାରଙ୍କ ଆଇଟି ମନ୍ତ୍ରଣାଳୟ ଓ ଡିଜିଟାଲ ଲାଇବ୍ରେରୀଗୁଡ଼ିକୁ ପ୍ରଦାନ କରିବାର ଆବଶ୍ୟକତା ରହିଛି।

ମୋବାଇଲର ଷ୍ଟାଇଲସ୍ ଭିତ୍ତିକ ଇନ୍‌ପୁଟ ପାଇଁ ଓଏଚ୍‌ଡବ୍ଲ୍ୟୁଆର୍ ଗୁରୁତ୍ୱପୂର୍ଣ୍ଣ। ଏବେ ମୋବାଇଲ ବ୍ୟବହାର ଓ ପ୍ରସାର ବଢୁଥିବାରୁ କି-ବୋର୍ଡ ଅପେକ୍ଷା ଷ୍ଟାଇଲସ୍‌ଭିତ୍ତିକ ଇନ୍‌ପୁଟର ଗୁରୁତ୍ୱ ବଢ଼ିବା ସ୍ୱାଭାବିକ। ଓସିଆର୍ ଏବଂ ଓଏଚ୍‌ଡବ୍ଲ୍ୟୁଆର୍ ପାଇଁ ଦରକାର ହେଉଥିବା ଟେକ୍‌ନୋଲୋଜିରେ ଯଥେଷ୍ଟ ଉନ୍ନତି ଆସିଛି। ହେଲେ ଏହାକୁ ବ୍ୟବହାର କରି ସାମଗ୍ରୀ ବା ପ୍ରଡକ୍ଟ ତିଆରି ନ'କଲେ ଏ କ୍ଷେତ୍ରରେ ପ୍ରଗତି କରିହେବନାହିଁ। ତେଣୁ ଓସିଆର୍‌କୁ ପ୍ରଥମେ କାର୍ଯ୍ୟରେ ଲଗାଇବା ଉଚିତ୍।

## ଜାତୀୟ ସ୍କଲାରସିପ୍ ପୋର୍ଟାଲ୍

**ଗତ ୩ ବର୍ଷରେ ୫୨୯୫ କୋଟି ଟଙ୍କାର ବୃତ୍ତି ପ୍ରଦାନ**




**ଉପସଂହାର:**

ଭାରତୀୟ ଭାଷା ସମୂହ ପାଇଁ ଲାଙ୍ଗୁଏଜ୍ ଟେକ୍ନୋଲୋଜିର ବ୍ୟବହାର ଓ ପ୍ରସାର ନିମନ୍ତେ ଏବେ ସମୟ ବେଶ୍ ଅନୁକୂଳ। ଏବେ ସ୍ମାର୍ଟ ଫୋନ୍ ବ୍ୟବହାରକାରୀଙ୍କ ସଂଖ୍ୟା ବହୁ ଅଧିକ। ଯେଉଁମାନେ ଇଂରାଜୀ ଜାଣନ୍ତି ନାହିଁ ସେମାନେ ନିଜ ମାତୃଭାଷାରେ ସୂଚନା ଓ ଡାଟା ପାଇବାକୁ ଆଗ୍ରହୀ। ମାତ୍ର ଭାରତୀୟ ଭାଷାରେ ଯଥେଷ୍ଟ କଣ୍ଟେଣ୍ଟ ନ ଥିବାରୁ ସେମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏହି ଅଭାବକୁ ପ୍ରଥମେ ଦୂର କରିବାକୁ ପଡ଼ିବ।

ଏ କ୍ଷେତ୍ରରେ ଅନେକ କିଛି କରିବାର ଅଛି। କେନ୍ଦ୍ର ସରକାରଙ୍କ ସବୁ ୱେବ୍‌ସାଇଟକୁ ୨୨ଟି ଭାରତୀୟ ଭାଷାରେ ଅନୁବାଦ କରିବା ପାଇଁ ତୁରନ୍ତ ଭାରତୀୟ ଭାଷା ଟେକ୍ନୋଲୋଜିର ଉପଯୋଗ କରାଯିବା ଆବଶ୍ୟକ। ଏହା ଚାହିଦା ସୃଷ୍ଟି କରିବ। ଏହା ମଧ୍ୟ ଶିକ୍ଷାନୁଷ୍ଠାନ, ଗବେଷକ, ଷ୍ଟାର୍ଟଅପ୍ ଓ ଟେକ୍ନୋଲୋଜି ବିକଶିତ କରୁଥିବା ବର୍ଗଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରି ସେମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରବାରେ ସହାୟକ ହେବ। ଏହାଦ୍ୱାରା ଏମ୍‌ଟି ଟେକ୍ନୋଲୋଜିର ପ୍ରସାର ଏବଂ ବ୍ୟବହାର ବଢ଼ିବ। ଏହାଦ୍ୱାରା ମଧ୍ୟ କଣ୍ଟେଣ୍ଟକୁ ଅଧିକ ପଠନଉପଯୋଗୀ କରିବା ପାଇଁ ହ୍ୟୁମାନ ଏଡିଟର (ସମ୍ପାଦକ)ମାନଙ୍କ ଆବଶ୍ୟକତା ରହିବ। ସେହିଭଳି ସ୍ପିଚ୍ ପ୍ରସେସିଂରେ ଏମ୍‌ଟି ଜ୍ଞାନକୌଶଳ ଉପଯୋଗ କରି କଥିତ ଭାଷାର ଅନୁବାଦ କରିହେବ। ଭାରତୀୟ ଜାତୀୟ ଡିଜିଟାଲ ଲାଇବ୍ରେରୀ ଭାରତୀୟ ଭାଷାର ସ୍କାନ୍‌ଡ ଇମେଜର ଇଣ୍ଡେକ୍ସିଂ କାର୍ଯ୍ୟରେ ଓସିଆର୍ ସେବା ଉପଯୋଗ କରିବା ଆବଶ୍ୟକ। ଏହାଦ୍ୱାରା ଭାରତୀୟ ଭାଷାର କଣ୍ଟେଣ୍ଟର ସର୍ଚ୍ଚିଂ ସହଜସାଧ୍ୟ ହେବ।

ଲେଖକ ହେଉଛନ୍ତି ହାଇଦ୍ରାବାଦର ଜଣେ ଆଇଆଇଆଇଟି ପ୍ରଫେସର।

**Email id- sangal@iiit.ac.in**

# ଡିଜିଟାଲ ଇଣ୍ଡିଆ: ପୂର୍ଣ୍ଣ ସ୍ୱରାଜର ପ୍ରାଣକେନ୍ଦ୍ର

ଡକ୍ଟର ଲଳିତେଶ କାତ୍ରାଗଡ୍ଡା

ମହାତ୍ମା ଗାନ୍ଧୀ ଏବଂ ଭଗତ୍ ସିଂହଙ୍କ ଭଳି ଦେଶର ପ୍ରାଣ ପ୍ରତିଷ୍ଠାତାମାନଙ୍କ ସ୍ୱାଧୀନତା ସଂଗ୍ରାମ ପଛର ଉଦ୍ଦେଶ୍ୟ ଥିଲା ଜାତୀୟ, ସାଂଗଠନିକ ଏବଂ ବ୍ୟକ୍ତିଗତ ସ୍ତରରେ ସ୍ୱାଧୀନତା ଏବଂ ପ୍ରକୃତ ସଶକ୍ତିକରଣ ହାସଲ କରିବା। କାରଣ ଏହାର ଅଭାବ ଯୋଗୁଁ ପ୍ରତି ସ୍ତରରେ ସୃଷ୍ଟି ହୋଇଥିଲା ଉତ୍କଟ ଦାରିଦ୍ର୍ୟ, ଯନ୍ତ୍ରଣା ଓ ନିର୍ଯ୍ୟାତନା। ଅଧିକାଂଶ ଭାରତୀୟ ବ୍ରିଟିଶ ଶାସକଙ୍କ ଦ୍ୱାରା ଅତ୍ୟାଚାରିତ ହେଉଥିଲେ। ତେଣୁ ଗାନ୍ଧିଜୀ ବୁଝିପାରିଥିଲେ ଯେ ପରିପୂର୍ଣ୍ଣ ଶାସନ ବ୍ୟବସ୍ଥା ଅପେକ୍ଷା ପରିପୂର୍ଣ୍ଣ ସ୍ୱାଧୀନତାର ଗୁରୁତ୍ୱ ଅଧିକ।

"ମୋ ମତରେ ସ୍ୱରାଜ ସଂକ୍ରାନ୍ତ ଏକମାତ୍ର ତାଲିମ ହେଉଛି ନିଜକୁ ସମଗ୍ର ବିଶ୍ୱକୁ ମଧ୍ୟ ପ୍ରତିରୋଧକ କରିପାରିବା। ଏଥିରେ ଏକାଧିକ ତ୍ରୁଟି ରହିଥାଇପାରେ ତଥାପି ସ୍ୱାଧୀନତାର ସହ ମୁକ୍ତ ଜୀବନ ଜୀଇଁପାରିବା। ଉତ୍ତମ ଶାସନ କେବେବି ସ୍ୱ-ଶାସନର ବିକଳ୍ପ ନୁହେଁ।"- ମହାତ୍ମା ଗାନ୍ଧୀ, ସେପ୍ଟେମ୍ବର, ୧୯୨୦

ସୌଭାଗ୍ୟର କଥା, ଏକାଧିକ ଦଳ ଓ ପ୍ରଶାସନ ନିର୍ବିଶେଷରେ ଭାରତ ଏ କଥା ବୁଝିବାକୁ ସମର୍ଥ ହୋଇଛି। ଦଶନ୍ଧି ଧରି ମୌଳିକ ଅଧିକାର ପ୍ରତିଷ୍ଠିତ ହୋଇଛି। ପ୍ରତିଟି ବ୍ୟକ୍ତିକୁ ସଶକ୍ତ କରିବା ଲାଗି ବ୍ୟବସ୍ଥା ରହିଛି। ସମତୁଲ ପୁଷ୍ଟିସାଧନ, ସ୍ୱାସ୍ଥ୍ୟ, ଶିକ୍ଷା, ଆଇନ ଶୃଙ୍ଖଳା କ୍ଷେତ୍ରରେ ସମାନତା ଏବଂ କୃଷି, ବାଣିଜ୍ୟ ଓ ମନରେଗା ଜରିଆରେ ଜୀବନ ଜୀବିକାର ଅଧିକାର ସୁନିଶ୍ଚିତ କରାଯାଉଛି। ଯଦିଓ ଆମେ ବୃହତ୍ତର କ୍ଷେତ୍ରରେ ଏନେଇ ସଫଳତା ହାସଲ କରିପାରିଛେ; ତଥାପି ଦୁର୍ଭାଗ୍ୟ ଏହି ଯେ ଏବେ ବି ଶହ ଶହ ନିୟୁତ ଲୋକ ଦାରିଦ୍ର୍ୟ ଓ ନିର୍ଯ୍ୟାତନାରେ ଛଟପଟ।

ଡିଜିଟାଲ ଇଣ୍ଡିଆ ସମସ୍ତଙ୍କୁ ସମାନ ଭାବରେ ସୂଚନା ପ୍ରଦାନ କରୁଛି। ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ପୂର୍ଣ୍ଣ ସ୍ୱରାଜର ଚୂଡ଼ାନ୍ତ ଅନୁଭବ ଦେଇଛି। ୟୁନିଭରସାଲ ବ୍ରଡ୍ ବ୍ୟାଣ୍ଡ, ଶତ ପ୍ରତିଶତ ଡିଜିଟାଲ ସେବା ଏବଂ ଓପନ୍ ଏପିଆଇ ଭଳି ତିନିଟି ମୂଳ ବିନ୍ଦୁ ଉପରେ କାର୍ଯ୍ୟ କରୁଛି ଡିଜିଟାଲ ଇଣ୍ଡିଆ।

ଗାନ୍ଧିଜୀ ଅନୁଭବ କରିଥିଲେ ଯେ ହିଂସାର ଭୟଙ୍କର ରୂପ ହେଉଛି ଦାରିଦ୍ର୍ୟ। ଭାରତକୁ ଜାଣିବା ଓ ବିକାଶ କ୍ଷେତ୍ରରେ ଟେକ୍ନୋଲୋଜିର ଭୂମିକାକୁ ବୁଝିବାକୁ ମୁଁ ମୋର ଜୀବନରେ ଅନେକ ଚେଷ୍ଟା କରିଛି। ମୁଖ୍ୟ ଯେଉଁ ଗୋଟିଏ ସତ୍ୟକୁ ବୁଝିଛି ତା'ହେଲା- ଦାରିଦ୍ର୍ୟର କାରଣ କ୍ୱଚିତ୍ ସମ୍ବଳ ଓ ସାମର୍ଥ୍ୟର ଅଭାବ ହୋଇଥାଏ। ପ୍ରକୃତ ପକ୍ଷେ ଦାରିଦ୍ର୍ୟ ହେଉଛି ସୂଚନା ଏବଂ ଜ୍ଞାନର ଅସମାନ ବିତରଣଜନିତ ଏକ ପ୍ରକାରର ଅତ୍ୟାଚାର। ଏକକ ସତ୍ୟ ହେଉଛି ଯେ ଦାରିଦ୍ର୍ୟ ଏକ ସୂଚନା ଆଧାରିତ ସମସ୍ୟା। ଏହି ସମସ୍ୟା ଯୋଗୁଁ ଜନସାଧାରଣଙ୍କ ଅକ୍ଳାନ୍ତ ପରିଶ୍ରମ, ନିର୍ବାଚିତ ଜନପ୍ରତିନିଧିଙ୍କ ମଙ୍ଗଳ କାମନା ଏବଂ ଅଧିକାଂଶ ପ୍ରଶାସନିକ ଅଧିକାରୀଙ୍କ ଶତତ ପ୍ରୟାସ ସତ୍ତ୍ୱେ ଆମେ ଏକ ଦେଶ ଭାବରେ ଏପର୍ଯ୍ୟନ୍ତ ଦାରିଦ୍ର୍ୟକୁ ହଟାଇବାରେ ସକ୍ଷମ ହୋଇପାରିନାହୁଁ।



ସ୍ଥୂଳ ଅର୍ଥନୈତିକ ଦୃଷ୍ଟିରୁ ଦେଖିଲେ ଏଭଳି କେତେକ ତଥ୍ୟ ଚିନ୍ତାଜନକ ବୋଲି କହିହେବ। ଭାରତର ସିଇସି, ୨୦୧୫ର ତଥ୍ୟ କହୁଛି ଯେ ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ) ଦରିଦ୍ରତମ ତଥା ସର୍ବାଧିକ ହିତାଧିକାରୀଙ୍କ ନିକଟରେ ଖାଉଟି ସାମଗ୍ରୀ ଓ ଅନ୍ୟାନ୍ୟ ସରକାରୀ ସେବା ପହଞ୍ଚାଇବାର ଏକ ବୃହତ୍ ନେଟୱାର୍କ ଭାବେ ସଫଳତାର ସହ କାର୍ଯ୍ୟ କରୁଛି। ଏଭଳି ଯୋଗାଣ ବ୍ୟବସ୍ଥା ସତ୍ତ୍ୱେ ବି ୨୫ରୁ ୫୦ ପ୍ରତିଶତ ଗରିବଙ୍କ ପାଖରେ ଖାଦ୍ୟଶସ୍ୟ ପହଞ୍ଚିପାରୁନି। ସେହିଭଳି ରିହାତି ମୂଲ୍ୟରେ ସାର, ବିଜୁଳି ଏବଂ ପାନୀୟଜଳ ଯୋଗାଣ କଥା ନ କହିଲେ ଭଲ।

ଏହାର କାରଣ ଅତି ସ୍ପଷ୍ଟ। ଭାରତ ଭଳି ଏକ ବୃହତ୍ ଭୂଖଣ୍ଡରେ କୌଣସି ଯୋଜନାର ସଠିକ୍ ରୂପାୟନ ଲାଗି ଲୋଡ଼ା ଆବଶ୍ୟକୀୟ ବ୍ୟବସ୍ଥା ଓ ସ୍ତରୀକୃତ ପଦ୍ଧତି ଏବଂ ସର୍ବୋପରି ରୂପାୟନରେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ନିଷ୍ଠା ଓ କାର୍ଯ୍ୟଦକ୍ଷତା। ଏହି ଶୃଙ୍ଖଳାରେ ସଂଶ୍ଲିଷ୍ଟ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରର ପ୍ରତ୍ୟେକ ବ୍ୟକ୍ତିଙ୍କ ଉତ୍ତରଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପାଖାପାଖି ୧୦ରୁ ୧୫ଟି ସ୍ତର ଦେଇ ପିଡିଏସ ବ୍ୟବସ୍ଥା କାର୍ଯ୍ୟ କରିଥାଏ। ଏଥିରୁ ଗୋଟିଏ କିମ୍ବା ଦୁଇଟି ସ୍ତରରେ ଯଦି ମନ୍ଦ ଉଦ୍ଦେଶ୍ୟ ରୁହେ କିମ୍ବା ଦୁର୍ନୀତିଗ୍ରସ୍ତ ବ୍ୟକ୍ତିବିଶେଷ ରହିଥାନ୍ତି, ତେବେ ସଂପୂର୍ଣ୍ଣ ବ୍ୟବସ୍ଥାଟିରେ ଗ୍ରହଣ ଲାଗିଯାଏ।

## ଭାରତ ନେଟ୍
## ଗ୍ରାମୀଣ ଓ ଦୂରନ୍ତ କ୍ଷେତ୍ର ଉପଯୋଗୀ ସେତୁ




ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପଥଭ୍ରଷ୍ଟ ହେବା ସହ ଭୁଶୁଡ଼ି ପଡେ। ସଂପୂର୍ଣ୍ଣ ଶୃଙ୍ଖଳାଟି ବିଗିଡ଼ି ଯାଏ ଏବଂ ଦୁର୍ନୀତିଗ୍ରସ୍ତ ହୋଇପଡ଼େ। ଫଳରେ ଗୋଟିଏ ରାଷ୍ଟ୍ର, ଏହାର ନୀତିକାରଙ୍କର ଉପରୁ ସାଧାରଣ ଜନତାର ଆସ୍ଥା ତୁଟିଯାଏ। ଏହା କେବଳ ନୀତି ପ୍ରଣୟନକାରୀଙ୍କ ବିଶ୍ୱାସ ହରାଇ ନଥାଏ; ବରଂ ଆମ ସାମାଜିକ କାର୍ଯ୍ୟକ୍ରମ, ପ୍ରକଳ୍ପ ଭିତ୍ତିଭୂମି, ନିର୍ମାଣ ଏବଂ ବିଶ୍ୱସ୍ତରୀୟ ଆମ ବ୍ୟାବସାୟିକ ପ୍ରତିଦ୍ୱନ୍ଦ୍ୱିତାକୁ ମଧ୍ୟ ହାନି ପହଞ୍ଚାଇଥାଏ।

ସ୍ୱାଧୀନତା ପରଠାରୁ ବିଶ୍ୱସ୍ତରୀୟ ବ୍ୟବସାୟ କ୍ଷେତ୍ରରେ ଭାରତର ଅଂଶ ଅତ୍ୟନ୍ତ ନଗଣ୍ୟ ରହିଛି। ବୈଶ୍ୱିକ ରପ୍ତାନୀର ମାତ୍ର ୨ ପ୍ରତିଶତ ସାମଗ୍ରୀ ଆମେ ରପ୍ତାନୀ କରୁଛୁ। ବିଶ୍ୱର ମୋଟ ଘରୋଇ ଉତ୍ପାଦନ(ଜିଡିପି)କୁ ଭାରତର ଅଂଶ ସ୍ୱାଧୀନତା ସମୟରେ ଯାହା ୪ ପ୍ରତିଶତ ଥିଲା ତାହା ୩.୧ ପ୍ରତିଶତକୁ ଖସିଆସିଛି।

ତେବେ ଏହି ଧାରାକୁ ଆମେ ବଦଳାଇପାରିବା। ଭାରତର ଯେଉଁ ବିଶାଳ ଶକ୍ତି ଓ ସାମର୍ଥ୍ୟ ରହିଛି ସେଥିରେ ସ୍ୱଚ୍ଛତା ଅଣାଯାଇପାରିଲେ ଅବସ୍ଥା ସଂପୂର୍ଣ୍ଣ ଓଲଟାଯାଇପାରିବ। କାର୍ଯ୍ୟାନ୍ୱୟନର କ୍ଷିପ୍ରତା ଓ ରୂପାୟନ ଦକ୍ଷତା ସହ ଜାତୀୟ ସ୍ତରରେ ବାଟମାରଣା ରୋକିପାରିଲେ ଏହା ସମ୍ଭବ ହୋଇପାରିବ। ସମାନ୍ତରାଳ ଭାବେ ଆମକୁ ଆମ ବ୍ୟବସ୍ଥା ପ୍ରତି ଅତୁଟ ବିଶ୍ୱାସ ବଜାୟ ରଖିବା ସହ ଆତ୍ମବିଶ୍ୱାସକୁ ଦୃଢ଼ୀଭୂତ କରିବାକୁ ପଡିବ। ବିଶ୍ୱସ୍ତରୀୟ ନେତୃତ୍ୱ ଭାବେ ଭାରତକୁ ଠିଆ କରିବା ଲାଗି ବ୍ୟବସ୍ଥା ସହ ଜଡିତ ବ୍ୟକ୍ତିବିଶେଷ, ବୃତ୍ତିଧାରୀ, ଉଦ୍ୟୋଗୀ ଏବଂ ଅଧିକାରୀମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେବାକୁ ହେବ। ଅନ୍ତର୍ଜାତୀୟ ଧାରାରେ ଯେଭଳି ସେମାନେ ଅନୁରୂପ ଗତିରେ ବ୍ୟବସାୟ ଓ ବାଣିଜ୍ୟ କରିପାରିବେ।

ଏଭଳି ପରିବେଶ ସୃଷ୍ଟି ଲାଗି ଡିଜିଟାଲ ଇଣ୍ଡିଆର ତିନିଟି କ୍ଷେତ୍ରରେ ଏହା କରାଯାଇପାରିବ। ସମସ୍ୟା ହେଉଛି ଡିଜିଟାଲ ଇଣ୍ଡିଆ ଅବ୍ୟବସ୍ଥିତ ଢଙ୍ଗରେ ଅଥବା ଅଲଗା ଅଲଗା ଆଭିମୁଖ୍ୟ ଗ୍ରହଣକରି କରାଯାଇପାରିବନି। ଯଦି ଆମେ

୧୬୦ ନିୟୁତ ଉଦ୍ୟୋଗୀ ଯଦି ଇଣ୍ଟରନେଟ୍‌ରେ ଯୋଡି ହୋଇପାରନ୍ତେ, ତେବେ ଏହା ଏକ ବଡ଼ ସଫଳତା କୁହାଯାଇପାରନ୍ତା। ଏହାର ପ୍ରଭାବ ଆମେରିକାର ଶିଳ୍ପ ବିପ୍ଳବସମ ମନେହୁଅନ୍ତା। ଆମେ ବୈଶ୍ୱିକ ରପ୍ତାନୀ କ୍ଷେତ୍ରରେ ମାତ୍ର ଦୁଇରୁ ତିନି ଦଶନ୍ଧି ଭିତରେ ନଗଣ୍ୟ ୨ ପ୍ରତିଶତରୁ ବୃହତ୍ ୨୦ ପ୍ରତିଶତ ରପ୍ତାନୀ ଆଡ଼କୁ ଲମ୍ଫ ମାରନ୍ତେ। ତେଣୁ ଆମ ଉଦ୍ୟୋଗଗୁଡିକ ସେଥିପାଇଁ ସଠିକ୍ ରୂପେ ପ୍ରସ୍ତୁତ ନିଜକୁ କରିବାକୁ ପଡିବ। ବ୍ରଡ୍‌ବ୍ୟାଣ୍ଡ ଯୋଗାଣକୁ ସୁନିଶ୍ଚିତ କରିବା ସହ ସମସ୍ତ ସରକାରୀ ସେବା କିଭଳି ଡିଜିଟାଇଜେସନ୍ ଯଥା ଓପନ୍ ଏପିଆଇ ଜରିଆରେ ପ୍ରତିଟି ଭାରତୀୟଙ୍କ ନିକଟରେ ପହଞ୍ଚିପାରିବ ସେଥିପାଇଁ ବ୍ୟବସ୍ଥା କରିବାକୁ ହେବ। ଦେଶର ଧନୀକ ଗୋଷ୍ଠୀ ଦାରିଦ୍ର୍ୟ ହଟାଇବାକୁ ଚାହାନ୍ତିନି। ଅନ୍ତତଃପକ୍ଷେ ଦେଶର ସାଧାରଣ ଜନତା ସେମାନଙ୍କ ଉନ୍ନତି ଲାଗି ପ୍ରଯତ୍ନଶୀଳ ରହିଥାନ୍ତି। ଯଦି ଆମେ ସେମାନଙ୍କ ଲାଗି ଏହି ସୁଯୋଗ ଓ ସୁବିଧା ସବୁ ଉପଲବ୍ଧ କରାଇବା ତେବେ ଏହା ସମ୍ଭବପର ହୋଇପାରିବ। ଡିଜିଟାଲ ଇଣ୍ଡିଆ ଯେ ପୂର୍ଣ୍ଣ ସ୍ୱରାଜର ପ୍ରାଣକେନ୍ଦ୍ର ଏହା ନିଃସନ୍ଦେହରେ ସଫଳ ହେବ।

ସବୁକିଛି ଡିଜିଟାଲିକରଣ କରିବାରେ ବିଫଳ ହେବା କିମ୍ବା ପ୍ରତ୍ୟେକ ବ୍ୟକ୍ତି ନିକଟରେ ପହଞ୍ଚାଇବାକୁ ସୁନିଶ୍ଚିତ କରିବାରେ ସଫଳ ନହେବା, ତାହେଲେ ସମସ୍ୟା ଅଧିକ ଜଟିଳ ହୋଇପଡ଼ିବ। ବ୍ୟବସ୍ଥାରେ ଅନେକ ଗୁଡିଏ ଘାଇ ସୃଷ୍ଟିହେବ। ତେଣୁ ଡିଜିଟାଲ ଇଣ୍ଡିଆକୁ ସଫଳ କରିବା ଲାଗି ଏକ 'ୟୁନିଭରସାଲ ଆଫଡେବୁଲ ବ୍ରଡ୍‌ବ୍ରାଣ୍ଡ' ବ୍ୟବସ୍ଥା ସହ ପ୍ରତ୍ୟେକ ବ୍ୟକ୍ତିକୁ ୧୦ରୁ ୫୦ ଏମବିପିଏସ୍ ସ୍ପିଡ୍‌ର ଇଣ୍ଟରନେଟ୍ ଯୋଗାଇବାକୁ ପଡିବ। ୧.୩ ଶହ କୋଟି ଜନତାଙ୍କୁ ଏନେଇ ସଶକ୍ତ କରିବାକୁ ହେବ। ପ୍ରତ୍ୟେକ ସେବାକୁ ଡିଜିଟାଲ୍ ମାଧ୍ୟମରେ ପ୍ରଦାନ କରାଯିବ ଦ୍ୱାରା ସଂଘର୍ଷଣ ହ୍ରାସ ହେବାସହ ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା ଓ ବିଶ୍ୱାସ ଆସିପାରିଥାଏ। ସମସ୍ତ ସରକାରୀ ସେବା ଯେଉଁଳି ପୋର୍ଟାଲ କିମ୍ବା ସ୍ୱତନ୍ତ୍ର ଆପ୍ଲିକେସନ୍ (ଓପନ୍ ଏପିଆଇ) ଜରିଆରେ ସର୍ବସାଧାରଣଙ୍କ ଲାଗି ସହଜ ଉପଲବ୍ଧ ହେବ ତାହାକୁ ସୁନିଶ୍ଚିତ କରିବାକୁ ହେବ। ଆଧାର, ଜିଏସ୍‌ଟିଏନ୍, ଇ-ସାଇନ୍, ୟୁପିଆଇ ଭଳି ଏକାଧିକ ଡିଜିଟାଲ ପ୍ଲାଟ୍‌ଫର୍ମ ରହିଛି ଯାହାକି ସରକାରୀ ଯୋଜନାକୁ ସଠିକ୍ ରୂପାୟନ କରିବାର ଉତ୍ତମ ମାଧ୍ୟମ ପାଲଟିଛି। ଆଜି ଆନ୍ତର୍ଜାତୀୟ ଅର୍ଥନୈତିକ ଟେକ୍ନୋଲୋଜି ବିପ୍ଳବ କ୍ଷେତ୍ରରେ ଡିଜିଟାଲ ଇଣ୍ଡିଆର 'ଓପନ୍ ଏପିଆଇ' ଭାରତର ସ୍ଥିତିକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି।

ଯେତେବେଳେ ପ୍ରତ୍ୟେକ ନାଗରିକ, ଉଦ୍ୟୋଗପତି, କୃଷକ, ସମସ୍ତ ସଂଗଠନ ଶାସନ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ, ଡିଜିଟାଲିକରଣ ମାଧ୍ୟମରେ ଏବଂ ନିରନ୍ତର ଭାବେ ପାଇପାରିବେ ସେତେବେଳେ ଭାରତ 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜିନେସ୍ (ବ୍ୟବସାୟ ଅନୁକୂଳ) ତାଲିକାରେ ଏକ ବୃହତ୍ ଲମ୍ଫଦାନ କରିପାରିବ। ସଂପ୍ରତି ଇଜ୍ ଅଫ୍ ଡୁଇଙ୍ଗ୍ ବିଜିନେସ୍‌ରେ ଭାରତର ସ୍ଥିତି ୭୭ ରହିଥିବାବେଳେ ଏହା ଶ୍ରେଷ୍ଠ ୨୦ ତମ ସ୍ଥାନରେ ପହଞ୍ଚିପାରିବ। ଯେଉଁଠି ଭାରତ ସାମଗ୍ରିକ ନୁହଁ, ବରଂ ମୁଣ୍ଡପିଛା ମାପଦଣ୍ଡରେ ମଧ ଶ୍ରେଷ୍ଠ ୧୦ ଅର୍ଥନୈତିକ ଶକ୍ତି ଭାବେ ନିଜ ପ୍ରତିଶ୍ରୁତି ରକ୍ଷା କରିପାରିବ।

ସମ୍ପ୍ରତି ବ୍ୟବସ୍ଥାଗତ ସମସ୍ୟାରୁ ଉଠି ଯଦି ଆମେ ଦେଶର ଅସଲ ସାମର୍ଥ୍ୟକୁ ଅନୁଧାନ କରିବା ବୁଝିହେବ ଏହା କେତେ ଦିଗନ୍ତ ବିସ୍ତାରୀ। ଅପରିସୀମ ଉତ୍ପାଦନଶୀଳତା ଆଡ଼କୁ ଆମେ ମୁହାଁଇଛେ। କୃତ୍ରିମ ବୌଦ୍ଧିକତା (ଆର୍ଟିଫିସିଆଲ ଇଣ୍ଟେଲିଜେଣ୍ଟ) ଓ ରୋବୋଟିକ୍ସ ଏ କ୍ଷେତ୍ରରେ ବ୍ୟାପକ ଶକ୍ତି ତଥା ଇନ୍ଧନ ଭରିଛି। ଅର୍ଥନୀତି ଏବେ ସମ୍ବଳ-ପୁଞ୍ଜି ଓ ଶ୍ରମ ସୀମୀବଦ୍ଧତାରୁ ଉଠି ସମ୍ବଳ-ପୁଞ୍ଜି ଓ ନୂଆ ନୂଆ ଉଦ୍ଭାବନ ସାମର୍ଥ୍ୟ ଆଡ଼କୁ ମୁହାଁଇଛି। ସମସ୍ତ ସଫଳ ବୃହତ୍ ଉଦ୍ୟୋଗ ଏବେ ସମ୍ବଳ ଓ ଉଦ୍ଭାବନ କିମ୍ବା ଉଭୟ କ୍ଷେତ୍ରରେ ସ୍ୱୟଂସଂପନ୍ନ ହୋଇପାରିବ। ବାକିସବୁ ଉଭେଇ ଯିବ।

ପ୍ରତିଟି ବୈଶ୍ୱିକ ଅର୍ଥନୀତି ଅଭିବୃଦ୍ଧି କ୍ଷେତ୍ରରେ ନିଯୁକ୍ତି ହ୍ରାସ ଭଳି ସାମାଜିକ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ଅର୍ଥନୈତିକ ଅଭିବୃଦ୍ଧି ସହିତ ସମାନୁପାତରେ ନିଯୁକ୍ତି (ପେ-ରୋଲ୍ ଭିତ୍ତିକ) ବା ଚାକିରି ସୃଷ୍ଟି ହୋଇପାରି ନଥାଏ। ଭାରତ କ୍ଷେତ୍ରରେ ମଧ ଅନୁରୂପ ଅନ୍ତରୀଣ ନିଯୁକ୍ତି ସମସ୍ୟା ସୃଷ୍ଟି ହୋଇଛି। ବିଶ୍ୱ ବ୍ୟାଙ୍କ ଆକଳନ ଅନୁଯାୟୀ, ଭାରତ ମଧ ଅନୁରୂପ ବ୍ୟବସ୍ଥାରେ ପାଖାପାଖି ୬୯ ପ୍ରତିଶତ ଆନୁଷ୍ଠାନିକ ଚାକିରି ହରାଇବ।

ଭାରତ ପାଇଁ ନୂତନ ଅର୍ଥନୀତିରେ ଅଭିବୃଦ୍ଧିର ଦୁଇଟି ଉତ୍ସ ରହିଛି। ପ୍ରାଥମିକ ଉତ୍ସଟି ହେଉଛି ଭାରତରେ ଭାରତୀୟଙ୍କର ଥିବା ନବପ୍ରବର୍ତ୍ତନ ଉଦ୍ୟୋଗ; ଯାହାକି ଭାରତ ସରକାରଙ୍କ ରାଜସ୍ୱ ସୃଷ୍ଟିର ପ୍ରାଥମିକ ଉତ୍ସ ହେବ ଯାହା ସାମାଜିକ କାର୍ଯ୍ୟକ୍ରମ ଓ ପ୍ରତିରକ୍ଷା କ୍ଷେତ୍ରର ଖର୍ଚ୍ଚ ତୁଲାଇଥାଏ। ତେବେ ଏଥିରେ ପ୍ରତିବନ୍ଧକ ହେଉଛି ସହଜରେ ବ୍ୟବସାୟ କରିବାଜନିତ ବିଭିନ୍ନ ଅସୁବିଧା। ଏସବୁ ପ୍ରତିବନ୍ଧକ ଡିଜିଟାଲ ଇଣ୍ଡିଆର ପ୍ରୟୋଗ ଫଳରେ ଶୂନ୍ୟ ପ୍ରତିବନ୍ଧକ ପରିବେଶ ସୃଷ୍ଟିହେବ। ଏଭଳି ଉଦ୍ୟୋଗ ଗୁଡିକରେ ଶ୍ରେଷ୍ଠ, ଉତ୍ତମ ତଥା ଉଜ୍ଜ୍ୱଳ ପ୍ରତିଭାଧାରୀ ହିଁ ତିଷ୍ଠିପାରିବେ। ଏଭଳି କୁଶଳୀ ଶ୍ରମଶକ୍ତିଙ୍କୁ ଭାରତୀୟ ଉଚ୍ଚଶିକ୍ଷା ପ୍ରସ୍ତୁତ କରୁଛି। ଏସବୁ ଉଦ୍ୟୋଗର କ୍ଷମତା ଆଉ ଶହେ କୋଟି ଡଲାର ଭିତରେ ସୀମିତ ନ ରହି ଏହା ୧୦ ହଜାର କୋଟି ଡଲାରକୁ ଏକାକୀ ଛୁଇଁପାରିବ। ଏଭଳି ଏକକ ଉଦ୍ୟୋଗଗୁଡ଼ିକ ଏପରିକି ୨୦ରୁ ୩୦ ପ୍ରତିଶତ ବାର୍ଷିକ ଅଭିବୃଦ୍ଧି ହାସଲ କରିପାରିବେ। ବୃହତ୍ ଉଦ୍ୟୋଗଗୁଡିକ ତଦନୁଯାୟୀ ନିଜ ନିଜକୁ ତ୍ୱରାନ୍ୱିତ କରିବେ ଓ ପ୍ରଗତିମୁହାଁ ହେବେ। ଆଜିର ଦିନରେ ତଥା ସାଂପ୍ରତିକ ପରିବେଶରେ ଭାରତରେ ଆଗରୁ



ହୁଏତ ଏଭଳି ଏକକ ବୃହତ୍ ଶିଳ୍ପ ବା ଉଦ୍ୟୋଗ ନାହିଁ। ଯେତେବେଳେ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଓ ରୋବୋଟିକ୍ସ କଥା କୁହାଯାଉଛି, ସେତେବେଳେ ଭାରତର ଆର୍ଥିକ ଶକ୍ତି ଦୁର୍ବଳ ହୋଇଯିବା ଆଶଙ୍କା ବି ରହୁଛି। ଏଭଳି ପରିସ୍ଥିତିରେ ବିଶ୍ୱର ବଡ଼ବଡ଼ ଏକକ ଉଦ୍ୟୋଗ ସମ୍ମୁଖରେ ଭାରତ ନିଜର ଡିଜିଟାଲ୍ ସାର୍ବଭୌମତ୍ୱ ଓ ଅର୍ଥନୈତିକ ଶକ୍ତି ହ୍ରାସ ଭଳି ବିପଦର ସମ୍ମୁଖୀନ ହେଉଛି। ଏମିତିରେ ବି ବର୍ତ୍ତମାନ ଇଲେକ୍ଟ୍ରୋନିକ୍ ଓ ସଫ୍ଟୱେର୍ ଉତ୍ପାଦ ଆଦି କ୍ଷେତ୍ରରେ ଭାରତର ଡିଜିଟାଲ୍ ନିଅଣ୍ଟ ପରିମାଣ ୭୦ ବିଲିଅନ୍ ଡଲାରରୁ ଊର୍ଦ୍ଧ୍ୱ ହୋଇସାରିଛି ଏବଂ ଏହା ସାମଗ୍ରିକ ଭାବରେ ବାର୍ଷିକ ୨୫ ପ୍ରତିଶତ ହିସାବରେ ବଢ଼ି ମଧ୍ୟ ଚାଲିଛି। ତେବେ ସବୁଠୁ ଭଲ ଖବର ହେଉଛି ଭାରତୀୟମାନେ ବେଶ୍ ସାମର୍ଥ୍ୟବାନ୍। ଏବେ ଭାରତୀୟମାନେ ଏକକ ବୈଶ୍ୱିକ ଉଦ୍ୟୋଗ ଚଳାଉଛନ୍ତି। ତେବେ ସେମାନଙ୍କୁ ନିଜ ଘର (ଭାରତ)ରେ ଅଧିକ ସୁଯୋଗ ଓ ସୁବିଧା ଦେବାର ଆବଶ୍ୟକତା ରହିଛି।



ତେବେ ଏହି ବୃହତ୍ ଏକକ ଉଦ୍ୟୋଗ ଗୁଡିକରେ ନିଯୁକ୍ତି ସୁଯୋଗ ଅତି ନଗଣ୍ୟ ଅର୍ଥାତ୍ ମାତ୍ର ୫ ପ୍ରତିଶତ। ତେଣୁ ଅବଶିଷ୍ଟ ୯୫ ପ୍ରତିଶତଙ୍କ ଲାଗି କିଭଳି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ତାହା ଏକ ପ୍ରଶ୍ନ। ଏହି ସମସ୍ୟାର ସମାଧାନ ରାସ୍ତା ଆମକୁ ବହୁ ଦଶନ୍ଧି ପୂର୍ବେ ଗାନ୍ଧିଜୀ ଦେଖାଇଛନ୍ତି। ଆଉ ତାହା ହେଉଛି ଗ୍ରାମୀଣ କ୍ଷୁଦ୍ର, ଅଣୁ ଓ ମଧ୍ୟମ ଶିଳ୍ପ। ଭାରତ କେବଳ ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ରାଷ୍ଟ୍ର ନୁହେଁ; ଏହା ୧୬୦ ନିୟୁତ କ୍ଷୁଦ୍ର ଓ ଅଣୁ ଉଦ୍ୟୋଗର ଏକ ଦେଶ, ଯାହାର ୮୦ ନିୟୁତ ହେଉଛନ୍ତି ପଞ୍ଜୀକୃତ ଉଦ୍ୟୋଗ। ପ୍ରତ୍ୟେକ ଅଣୁ ଉଦ୍ୟୋଗ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଭାବୀ। ଗ୍ରାମୀଣ ଅର୍ଥନୀତିକୁ ଆଗେଇ ନେବା ଓ ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ବିଶେଷକରି ଏହାକୁ ମହିଳାମାନେ ଚଳାଉଥିବାରୁ ସେମାନଙ୍କ ସାମାଜିକ ଓ ଆର୍ଥିକ ବିକାଶରେ ଏହା ସ୍ୱତନ୍ତ୍ର ଗୁରୁତ୍ୱବହନ କରୁଛି। ଯଦି ୟୁନିଭର୍ସାଲ ବ୍ରଡ୍‌ବ୍ୟାଣ୍ଡ ଓ ଓପନ୍ ଏପିଆଇ ମାଧ୍ୟମରେ ଡିଜିଟାଲ୍ ସେବା ଉପଲବ୍ଧତା କାର୍ଯ୍ୟକ୍ଷମ ହେବ, ତେବେ ଭାରତର ଅସଲ ଶକ୍ତି ପ୍ରକାଶିତ ହେବ। ଭାରତ କେବେ ବି ଏକ ଶ୍ରମିକମାନଙ୍କ କାରଖାନା ବା ଚାକିରିଆମାନଙ୍କ ଦେଶ ହୋଇ ରହିଯିବ ନାହିଁ। ୨୦୦୪ରେ ଏହି ଲେଖକ ଯେତେବେଳେ ଭାରତ ଫେରିଲା ଓ ଏକ ବଡ଼ ଖୁଚୁରା ବ୍ୟାବସାୟିକ ଦୋକାନକୁ ଯାଇଥିଲା ସେଠି ଜଣେ ଚେକ୍ ଆଉଟ୍ କିରାଣି ହିଁ କିଭଳି ମେସିନ୍ ପରିଚାଳନା କରୁଥିଲା ତାହାକୁ ଅନୁଭବ କରିଥିଲା। ଗ୍ରାହକଙ୍କୁ ସେବା ପ୍ରଦାନ କରିବାରେ ଅତ୍ୟନ୍ତ ଶିଥିଳ ଥିଲା ସେ। ଏପରିକି ଗ୍ରାହକଙ୍କ ପ୍ରତି ତା'ର ଅନିଚ୍ଛୁକ ତଥା ହତାଶାଭାବ ରହିଥିବା ଜାଣିବାକୁ ପାଇଥିଲା। ଅନ୍ୟ ରାଷ୍ଟ୍ରରେ କିନ୍ତୁ ଏଭଳି ମାନସିକତା ନାହିଁ। ସେଠି ଅନେକ ଫରକ୍। ଯିଏ ଯାହାର କାର୍ଯ୍ୟ ଅତ୍ୟନ୍ତ ନିଷ୍ଠା ଓ ଦକ୍ଷତାର ସହ କରନ୍ତି। ଆଉ ଗୋଟିଏ ଘଟଣା କହୁଛି। ସେହି ସପ୍ତାହରେ ଏକ ସ୍ଥାନୀୟ ମେଡିସିନ୍ ଷ୍ଟୋରକୁ ଯାଇ ଏକ ସିଲଭର କ୍ରିମ୍ ମାଗିଥିଲି। ଦୋକାନରେ ବସିଥିବା ମାଲିକଙ୍କର ୧୪ ବର୍ଷ ବୟସ୍କ ପୁଅର ଆଖିରେ ଉଜ୍ଜଳ ହସ ଦେଖିଲି। ଏହି କ୍ରିମ୍ ଶରୀରର କୌଣସି ଅଂଶ ପୋଡ଼ିଗଲେ ଲଗାନ୍ତି ବୋଲି କହି ୧୫ ସେକେଣ୍ଡ ଭିତରେ କ୍ରିମ୍‌କୁ ଥାକରୁ ବାହାର କରି ମୋତେ ଦେଇଥିଲା। ଆଉ ଏହାକୁ ଅଳ୍ପ ପୋଡିଥିବା କ୍ଷତରେ ବ୍ୟବହାର କରିବାକୁ ପରାମର୍ଶ ମୋତେ ଉତ୍ସାହିତ କରିଥିଲା। ଶହ ଶହ ଔଷଧର ଗୁଣ ଓ ବ୍ୟବହାର ସଂପର୍କରେ ତା'ର ବେଶ୍ ଧାରଣା ଥିବା ଜାଣିବାକୁ ମିଳିଥିଲା। ମୁଁ ଦୋକାନୀ ପିଲାଟିକୁ ନିରେଖି ଦେଖିଲି, ଆଉ ପଚାରିଲି ଏତେ ଉତ୍ପାଦ ସଂପର୍କରେ କିଭଳି ଜାଣୁଛ ଓ ମନେରଖୁଛ? ପିଲାଟିର ଉତ୍ତର ଥିଲା ଔଷଧ ଯୋଗାଣକାରୀ ବ୍ୟବସ୍ଥା ସଂପର୍କରେ ଡିଜିଟାଲ ଇଣ୍ଡିଆ ଜରିଆରେ ଜାଣୁଛି। ଏହାହିଁ ଆଧୁନିକ ଓ ନବଭାରତ। ବିଶେଷକରି ଡିଜିଟାଲ ଦକ୍ଷତା କେତେ ଦରକାର ତାହା ହୃଦ୍‌ବୋଧ କରିଥିଲି। ବିସ୍ମିତ ହୋଇଥିଲି ଓ ଅନୁଭବ କରିଥିଲି ତା'ର କାର୍ଯ୍ୟଶୈଳୀକୁ। ଏଭଳି ଭିନ୍ନତାପୂର୍ଣ୍ଣ ଚିନ୍ତାଧାରା ଓ ଶ୍ରମଶୈଳୀକୁ ନେଇ ଭାରତ ନିଶ୍ଚିତ ରୂପେ ଗର୍ବିତ ହେବ। ଯେତେବେଳେ ପ୍ରତିଟି ବ୍ୟକ୍ତି ତା'ର ନିଜ ଭାଗ୍ୟର ଶ୍ରୀବୃଦ୍ଧି ଲାଗି କାର୍ଯ୍ୟ କରିଥାଏ, ସେତେବେଳେ ବ୍ୟକ୍ତି ଓ ସାମଗ୍ରିକ ବିକାଶ ହୋଇଥାଏ।

ଏହି ୧୬୦ ନିୟୁତ କ୍ଷୁଦ୍ର ଓ ଅଣୁ ଉଦ୍ୟୋଗ ଗୁଡ଼ିକୁ ଯଦି ସଠିକ୍ ଭାବେ ସଶକ୍ତୀକରଣ କରାଯିବ ତାହେଲେ କେବଳ ସେମାନେ ସ୍ୱାବଲମ୍ବୀ ହେବେନି;

ବରଂ ଏହା ଦେଶର ଦୁଇ ପ୍ରମୁଖ ସମସ୍ୟା ଦୂର କରିପାରିବ। କୃଷିଭିତ୍ତିକ ଆୟକୁ ବହୁଗୁଣିତ କରିବ। କୃଷିକ୍ଷେତ୍ରରୁ ଉତ୍ପାଦିତ ପଦାର୍ଥରୁ ଆନୁସଙ୍ଗିକ ସାମଗ୍ରୀ ପ୍ରସ୍ତୁତ କରିବା ସହ କୃଷିଭିତ୍ତିକ ଅର୍ଥନୀତିକୁ ଅଧିକ ଦୃଢ କରିପାରିବ। କୃଷି କ୍ଷେତ୍ରରେ ଜିଡିଟାଲ ପ୍ରସଙ୍ଗକୁ ବୁଝିବା ଲାଗି ଆଳୁର ଉଦାହରଣ ନିଆଯାଇପାରେ। ଧରାଯାଉ ଆଳୁର ଖୁଚୁରା ଦର କିଲୋପ୍ରତି ୨୭ ଟଙ୍କା ବଜାରରେ ଥିବାବେଳେ ଆଜି ଦିନରେ କୃଷକ ଜଣକ ଏହାକୁ କିଲୋପ୍ରତି ୬ ଟଙ୍କା ବିକି ମାତ୍ର ଅଳ୍ପ କେଇଟଙ୍କାର ଫାଇଦା ପାଉଛି। ବାକି ଏକ ବୃହତ୍ ଲାଭ ଦଲାଲ ନେଇଯାଉଛି। ଯଦି ଆଳୁର ଦର ଡିଜିଟାଲ ସୂଚନା ଜରିଆରେ କୃଷକଟିର ନିକଟରେ ପହଞ୍ଚିପାରନ୍ତା ଓ ତାକୁ ବିକିବା ଲାଗି ଉନ୍ନତ ବଜାର ସୁଯୋଗ ରହନ୍ତା, ତେବେ ସେ ଏଥିରୁ ବେଶ୍ ମୁନାଫା ପାଇପାରନ୍ତା। କୃଷକଟି ଆଉ ତା'ର ଉତ୍ପାଦିତ ସାମଗ୍ରୀ ନେଇ ଚିନ୍ତିତ କିମ୍ବା ଅଭାବରେ ରହନ୍ତାନି। ଅନ୍ୟପକ୍ଷରେ ଯଦି ଚାଷୀ ଲାଗି ନିକଟସ୍ଥ ଅଞ୍ଚଳରେ ସ୍ଥାନୀୟ ବ୍ୟବସାୟୀଙ୍କ ସହଯୋଗରେ ଆଳୁ ଚିପ୍ସ ପ୍ରସ୍ତୁତ ପାଇଁ ସୁବିଧା ଥାଆନ୍ତା ଓ ସେ ଚିପ୍ସ ପ୍ୟାକେଟ୍ କରି ୧୦୦ ଟଙ୍କାରେ ବିକ୍ରି କରନ୍ତା ତେବେ ଉଭୟଙ୍କୁ ବେଶ୍ ଲାଭ ମିଳନ୍ତା। ଏଥିପାଇଁ ଡିଜିଟାଲ କମର୍ସ ପ୍ଲାଟ୍‌ଫର୍ମର ସହାୟତା ନିଆଯାଇପାରେ। ଡିଜିଟାଲ କାରବାର ମାଧମରେ କୃଷକମାନେ ନିୟନ୍ତ୍ରିତ ବଜାର ଓ ଏଥିସହ ଜଡିତ ଉଦ୍ୟୋଗ ଜରିଆରେ କୃଷିଜନିତ ଆୟକୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଗ୍ରାମୀଣ ଜୀବିକାର୍ଜନକୁ ଅଧିକ ଗତିଶୀଳ କରାପାରନ୍ତେ।

ସମାନ୍ତରାଳ ଭାବେ ୧୬୦ ନିୟୁତ କ୍ଷୁଦ୍ର ଉଦ୍ୟୋଗ ଅଭିବୃଦ୍ଧି ହାସଲ କରିପାରନ୍ତେ। ବୃହତ୍ ଭିତ୍ତିରେ ସେମାନେ ଦେଶର ଗ୍ରାମୀଣ କ୍ଷେତ୍ରରେ ନିଯୁକ୍ତି ତଥା ବେକାରି ସମସ୍ୟାର ସମାଧାନ କରିପାରନ୍ତେ। ଏହି ପ୍ରସଙ୍ଗରେ ଏକ ଉତ୍ସାହପ୍ରଦ ଲଘୁ ଘଟଣା କହୁଛି। କିଛିବର୍ଷ ତଳେ ସୂଚନା(ଇନ୍‌ଫରମେସନ୍)ର ଗୁରୁତ୍ୱ କେତେ ସେ ସଂପର୍କରେ ଗୁଗୁଲ୍ ଇଣ୍ଡିଆ ପ୍ରଡକ୍ଟର ମୁଖ୍ୟ ଭାବେ ଅନୁଧ୍ୟାନ କରିବା ପାଇଁ ମୁଁ କୋଲ୍‌କାତାର ଜଣେ ବଣିଆଙ୍କୁ ଭେଟିଲି। ଆଧୁନିକ ଡିଜାଇନ୍‌ରେ ପ୍ରସ୍ତୁତ ଅଳଙ୍କାର ଗଢଣ ଶୈଳୀ ସହ ପ୍ରତିଦ୍ୱନ୍ଦ୍ୱିତା କରି ନପାରି ସଂପୃକ୍ତ କାରିଗର ଜଣକ ସେତେବେଳେ ହତାଶ ହୋଇପଡିଥାନ୍ତି। ତାଙ୍କର ସେହି ପୁରାତନ ଶୈଳୀରେ ଗଢାଗହଣା ଚମକ ହରାଇଥାଏ। ଫଳରେ ବ୍ୟବସାୟ ବେଶ୍ କ୍ଷତିରେ ଚାଲିଥାଏ। ତେବେ ଏଥିରେ ପରିବର୍ତ୍ତନ ଆଣିବା ଲାଗି ବଣିଆଜଣକ ତାଙ୍କ ସଂପର୍କୀୟଙ୍କ ଘର ଦିଲ୍ଲୀକୁ ଯାଇଥିଲେ। ସେଠାରେ ଜଣେ କାଠ ମିସ୍ତ୍ରୀ (ବଢେଇ) କିଭଳି ଇଣ୍ଟରନେଟ୍ ଜରିଆରେ ନୂଆ ନୂଆ ଡିଜାଇନ୍ ପ୍ରସ୍ତୁତିର ତରିକା ଶିଖୁଛନ୍ତି ଓ ତାହାକୁ ନିଜ କ୍ଷେତ୍ରରେ ଆପଣାଉଛନ୍ତି ତାହା ଦେଖିବାକୁ ପାଇଲେ। କାଠର ବିଭିନ୍ନ ଆସବାବପତ୍ରକୁ କିଭଳି ଆକର୍ଷଣୀୟ ଡିଜାଇନ୍‌ର ରୂପ ଦେଇହେଉଛି ତାହା ବଢେଇଜଣକ ଇଣ୍ଟରନେଟ୍‌କୁ ଉପଯୋଗ କରି ଶିଖୁଥିବା ଜାଣିପାରିଲେ। ସେ କଲିକତା ଫେରି ଏହି କୌଶଳକୁ ନିଜ କ୍ଷେତ୍ରରେ ଲଗାଇଲେ। ବିଭିନ୍ନ ଡିଜାଇନ୍ ଇଣ୍ଟରନେଟ୍‌ରୁ ବାହାର କରି ଗ୍ରାହକଙ୍କ ଚାହିଦାନୁଯାୟୀ ଗହଣା ଗଢିବାକୁ ସକ୍ଷମ ହେଲେ। ତାଙ୍କର ବିଭିନ୍ନ ଡିଜାଇନ୍ ପ୍ରସ୍ତୁତି ଲାଗି ରହିଥିବା ଆଗ୍ରହ, ନିଷ୍ଠା, ଦକ୍ଷତା ଓ ସର୍ବୋପରି ଦୂରଦୃଷ୍ଟି ସଂପନ୍ନତା ତାଙ୍କୁ ଅଳ୍ପକିଛି ଦିନ ଭିତରେ ବେଶ୍ ଭଲ ସଫଳତା ଦେଲା। ତାଙ୍କ ଦୋକାନ କେବଳ ଭଲ ଚାଲିଲା ନାହିଁ; ବରଂ ଏତେ ଚାହିଦା ବଢିଲା ଯେ ତାଙ୍କୁ ଆଉ ୧୦ ଜଣ କାରିଗରଙ୍କୁ ଦୋକାନରେ ନିଯୁକ୍ତି ଦେବାକୁ ପଡିଲା। ନୂଆ ନୂଆ ଚିନ୍ତାଧାରା ଓ ଗ୍ରାହକଙ୍କ ଚାହିଦାକୁ ବିଚାରକୁ ନେଇ ସେ ଗଢୁଥିବା ଗହଣା କେବଳ ସ୍ଥାନୀୟ ସହର ନୁହେଁ; ଅନ୍ୟାନ୍ୟ ସହରକୁ ରପ୍ତାନୀ ମଧ୍ୟ କଲେ। ଏହାହିଁ ଡିଜିଟାଲ ଇଣ୍ଡିଆ ଜରିଆରେ ପରିବର୍ତ୍ତିତ ବ୍ୟବସାୟ। ଶାସନ କ୍ଷେତ୍ରରେ ଡିଜିଟାଲ ଇଣ୍ଡିଆ, ଅନ୍‌ଲାଇନ୍ ବିଜ୍ଞାପନ ଜରିଆରେ ବଜାର ସୃଷ୍ଟି, ଯୋଗାଣ ଶୃଙ୍ଖଳା (ଡିଜିଟାଲ ଲଜିଷ୍ଟିକ୍) ଓ ଇ-କମର୍ସ ଜରିଆରେ ବଣ୍ଟନ ବ୍ୟବସ୍ଥା ସବୁ ଡିଜିଟାଇଜେସନ୍ ଦ୍ୱାରା ସମ୍ଭବ ହୋଇଥିଲା। ଏହି ବଣିଆଜଣକ ତାହାର ଉତ୍ତମ ଉଦାହରଣ। ଆଧୁନିକ ଭାରତ କିଭଳି ବିକାଶ କରିପାରିବ ଏହାହିଁ ତା'ର ବାଟ।

୧୬୦ ନିୟୁତ ଉଦ୍ୟୋଗୀ ଯଦି ଇଣ୍ଟରନେଟ୍‌ରେ ଯୋଡି ହୋଇପାରନ୍ତେ, ତେବେ ଏହା ଏକ ବଡ଼ ସଫଳତା କୁହାଯାଇପାରନ୍ତା। ଏହାର ପ୍ରଭାବ ଆମେରିକାର ଶିଳ୍ପ ବିପ୍ଳବସମ ମନେହୁଅନ୍ତା। ଆମେ ବୈଶ୍ୱିକ ରପ୍ତାନୀ କ୍ଷେତ୍ରରେ ମାତ୍ର ଦୁଇରୁ ତିନି ଦଶନ୍ଧି ଭିତରେ ନଗଣ୍ୟ ୨ ପ୍ରତିଶତରୁ ବୃହତ୍ ୨୦ ପ୍ରତିଶତ ରପ୍ତାନୀ ଆଡ଼କୁ ଲମ୍ଫ ମାରନ୍ତେ। ତେଣୁ ଆମ ଉଦ୍ୟୋଗଗୁଡିକ ସେଥିପାଇଁ ସଠିକ୍ ରୂପେ ପ୍ରସ୍ତୁତ ନିଜକୁ କରିବାକୁ ପଡିବ। ବ୍ରଡ୍‌ବ୍ୟାଣ୍ଡ ଯୋଗାଣକୁ ସୁନିଶ୍ଚିତ କରିବା ସହ ସମସ୍ତ ସରକାରୀ ସେବା କିଭଳି ଡିଜିଟାଇଜେସନ୍ ଯଥା ଓପନ୍ ଏପିଆଇ ଜରିଆରେ ପ୍ରତିଟି ଭାରତୀୟଙ୍କ ନିକଟରେ ପହଞ୍ଚିପାରିବ ସେଥିପାଇଁ ବ୍ୟବସ୍ଥା କରିବାକୁ ହେବ। ଦେଶର ଧନୀକ ଗୋଷ୍ଠୀ ଦାରିଦ୍ର୍ୟ ହଟାଇବାକୁ ଚାହାନ୍ତିନି। ଅନ୍ତତଃପକ୍ଷେ ଦେଶର ସାଧାରଣ ଜନତା ସେମାନଙ୍କ ଉନ୍ନତି ଲାଗି ପ୍ରଯତ୍ନଶୀଳ ରହିଥାନ୍ତି। ଯଦି ଆମେ ସେମାନଙ୍କ ଲାଗି ଏହି ସୁଯୋଗ ଓ ସୁବିଧା ସବୁ ଉପଲବ୍ଧ କରାଇବା ତେବେ ଏହା ସମ୍ଭବପର ହୋଇପାରିବ। ଡିଜିଟାଲ ଇଣ୍ଡିଆ ଯେ ପୂର୍ଣ୍ଣ ସ୍ୱରାଜର ପ୍ରାଣକେନ୍ଦ୍ର ଏହା ନିଃସନ୍ଦେହରେ ସଫଳ ହେବ।

ଲେଖକ ହେଉଛନ୍ତି ଇଞ୍ଜିନିୟରିଂ ଇନ୍‌ଫର୍ମେସନ୍ ସିଷ୍ଟମ୍ 'ଇନ୍‌ଡିହୁଡ୍'ର ପ୍ରତିଷ୍ଠାତା ଏବଂ ଅବନ୍ତୀ ଫାଇନାନ୍ସର ମୁଖ୍ୟ ବୈଷୟିକ ସାମଗ୍ରୀ ପରାମର୍ଶଦାତା।

**Email id- lalitesh@gmail.com**



# ଭାରତରେ ଡିଜିଟାଲ ଲାଇବ୍ରେରୀ : ପରିବର୍ତ୍ତିତ ପ୍ରେକ୍ଷାପଟ

ଅଜିତ ମଣ୍ଡଳ

ଛାତ୍ରଛାତ୍ରୀ ଓ ଅନ୍ୟ ପାଠକଙ୍କୁ ପଠନ ସମ୍ବଳ ଯୋଗାଣରେ ଡିଜିଟାଲ ଲାଇବ୍ରେରୀ ଏକ ସଫଳ ମାଧ୍ୟମ। ସୂଚନା ପ୍ରଯୁକ୍ତିରେ ଦ୍ରୁତ ଉନ୍ନତି ଯୋଗୁଁ ପାଠାଗାରର ଭୂମିକାରେ ବୈପ୍ଲବିକ ପରିବର୍ତ୍ତନ ଆସିଛି। ପାଠାଗାର ସମୂହ ନିଜର ସୂଚନା ବ୍ୟବସ୍ଥା ଓ ସେବାକୁ ବଦଳାଇ ଏହାକୁ ଯୁଗ ଉପଯୋଗୀ କରିବା ସହ ପାଠକ ତଥା ବ୍ୟବହାରକାରୀଙ୍କ ସୂଚନା ଆବଶ୍ୟକତା ପୂରଣ କରୁଛନ୍ତି।

ଡିଜିଟାଲ ଟେକ୍ନୋଲୋଜି ଓ ଇଣ୍ଟରନେଟ୍ ସଂଯୋଗ ଫଳରେ ପାରମ୍ପରିକ ଲାଇବ୍ରେରୀ (ପାଠାଗାର)ରେ ଏକ ବଡ଼ ବିବର୍ତ୍ତନ ଘଟିଛି। ଏହି ପରିବର୍ତ୍ତନ ପଛରେ ଆଉ ଅନେକ କାରଣ ମଧ୍ୟ ରହିଛି। ସୂଚନାର ଚାହିଦା ବୃଦ୍ଧି, ମିଳୁଥିବା ସମ୍ବଳର ସୀମିତତା, ପାରମ୍ପରିକ ଲାଇବ୍ରେରୀରେ ତଥ୍ୟ ଖୋଜିବାର ଜଟିଳତା, ସ୍ୱଳ୍ପ ମୂଲ୍ୟରେ ନୂଆ ଜ୍ଞାନକୌଶଳର ଉପଲବ୍ଧତା, ପାରମ୍ପରିକ ପାଠାଗାର ପାଇଁ ଆବଶ୍ୟକ ହେଉଥିବା ସ୍ଥାନ ଏବଂ ନୂଆପିଢ଼ିର ପାଠକମାନଙ୍କ ପରିବର୍ତ୍ତିତ ରୁଚି ଆଦି ଏହି କାରଣଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏସବୁର ସମାଧାନ ଡିଜିଟାଲ ଟେକ୍ନୋଲୋଜି ଓ ଇଣ୍ଟରନେଟ ସଂଯୋଗ ବେଶ୍ ସଫଳତାର ସହ ସମ୍ପନ୍ନ କରିପାରିଛି। ଏହି ଦୁଇ ବ୍ୟବସ୍ଥାର ଉପଯୋଗ ଦ୍ୱାରା ଡିଜିଟାଲ ଲାଇବ୍ରେରୀ ସୃଷ୍ଟି ହୋଇଛି। ଭାରତରେ ଡିଜିଟାଲ ଲାଇବ୍ରେରୀ ପ୍ରତିଷ୍ଠା ସହ ଡିଜିଟାଇଜେସନ

କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ବିବିଧ ପ୍ରୟାସ ଆରମ୍ଭ କରାଯାଇଛି। ଏସବୁ କାର୍ଯ୍ୟକ୍ରମ ପାଇଁ ସରକାର ମୁଖ୍ୟତଃ ପାଣ୍ଠି ଯୋଗାଇ ଦେଉଛନ୍ତି।

**ଡିଜିଟାଲ ଲାଇବ୍ରେରୀର ପରିକଳ୍ପନା:**
ଭାରତରେ ଡିଜିଟାଇଜେସନ କ୍ଷେତ୍ରରେ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ପାରମ୍ପରିକ ପାଠାଗାର ପରିବର୍ତ୍ତେ ଡିଜିଟାଲ ଲାଇବ୍ରେରୀ ପ୍ରତିଷ୍ଠା ଅନ୍ୟତମ। ଏ ସମ୍ପର୍କରେ ଭାରତରେ ୧୯୯୦ ଦଶକରେ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା। ସୂଚନା ପ୍ରଯୁକ୍ତିର ପ୍ରସାର ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥଲା। ବିକଶିତ ଇଣ୍ଟରନେଟ ସେବା ସହିତ କେନ୍ଦ୍ର ସରକାରଙ୍କ ସାହାଯ୍ୟ ସହଯୋଗ ଯୋଗୁଁ ଏହା ସମ୍ଭବ ହୋଇଥିଲା। ତେବେ ପରିକଳ୍ପିତ ଡିଜିଟାଲ ଲାଇବ୍ରେରୀ ଗଠନ ଏଯାଏ ପୂର୍ଣ୍ଣାଙ୍ଗ ସ୍ଥିତିରେ ପହଞ୍ଚି ପାରିନାହିଁ। ଏହା ଏବେ ମଧ୍ୟ ଅର୍ଦ୍ଧ ମୁକୁଳିତ ଅବସ୍ଥାରେ ଅଛି।

ଡିଜିଟାଲ ଲାଇବ୍ରେରୀ ତଥ୍ୟ, ସୂଚନା ପାଇବାର ସୁଯୋଗ ଦିଏ ଓ ଜ୍ଞାନ ବୃଦ୍ଧିରେ ସହାୟକ ହୋଇଥାଏ। ଏହା ମଧ୍ୟ ସମୟ ଓ ଦୂରତ୍ୱର ପ୍ରତିବନ୍ଧକ ଦୂର କରେ। ଡିଜିଟାଲ ଲାଇବ୍ରେରୀ ଏକ ଲାଇବ୍ରେରୀ ଯେଉଁଠି ବହିପତ୍ର ଓ ତଥ୍ୟାବଳୀ ସବୁ ଛପା ପୁସ୍ତକ ଆକାରରେ ନ'ରହି ଡିଜିଟାଲ ରୂପରେ ଗଚ୍ଛିତ ହୋଇଥାଏ। କମ୍ପ୍ୟୁଟର ମାଧ୍ୟମରେ ଏହାକୁ ଦେଖିହୁଏ ଏବଂ ଆବଶ୍ୟକସ୍ଥଳେ ପାଠକ ଏହାର ପ୍ରତିଲିପି ପାଇପାରେ। ଏହି ତଥ୍ୟାବଳୀକୁ ଲାଇବ୍ରେରୀରେ କିମ୍ବା ଦୂର ସ୍ଥାନରେ ବସି ଆକ୍ସେସ୍ କରିହୁଏ ଏବଂ ଏଥିପାଇଁ ଇଣ୍ଟରନେଟ ସେବାର ଆବଶ୍ୟକତା ପଡ଼ିଥାଏ।

**ଲାଇବ୍ରେରୀ ଡିଜିଟାଇଜେସନ- କିଛି ପ୍ରୟାସ:**

- ଡିଜିଟାଲ ଲାଇବ୍ରେରୀ : ଏହି କାର୍ଯ୍ୟକ୍ରମ ଡିଜିଟାଲ ଲାଇବ୍ରେରୀ ଇନ୍ ଇଣ୍ଡିଆ (ଡିଏଲ୍ଆଇ) ନାମରେ ପରିଚିତ। ଏଥିରେ ଦେଶର ବିଭିନ୍ନ ଲାଇବ୍ରେରୀରେ ଥିବା ବିରଳ ପୁସ୍ତକକୁ ଡିଡିଟାଲ ରୂପରେ ସଂଗ୍ରହ କରାଯାଇ ସଂରକ୍ଷିତ କରାଯାଉଛି। ସେଇ ବହିକୁ ଡିଜିଟାଲ ରୂପରେ ସହଜରେ ପାଠକଙ୍କ ନିକଟରେ ପହଞ୍ଚାଇବାର ବ୍ୟବସ୍ଥା ହୋଇଛି। ଅନ୍‌ଲାଇନ୍‌ରେ ଆଗ୍ରହୀ ପାଠକ ଇଣ୍ଟରନେଟ ମାଧ୍ୟମରେ ଏହି ବହି ସବୁକୁ ପଢ଼ିବାକୁ ସକ୍ଷମ ହେଉଛନ୍ତି। ୨୦୦୦ ମସିହାରେ ଆରମ୍ଭ ହୋଇଥିବା ଡିଏଲ୍ଆଇ ପ୍ରୋଜେକ୍ଟରେ ସବୁ ଗୁରୁତ୍ୱପୂର୍ଣ୍ଣ ସାହିତ୍ୟିକ, କଳାତ୍ମକ, ବିଜ୍ଞାନଭିତ୍ତିକ ଓ ଅନ୍ୟାନ୍ୟ ପୁସ୍ତକଗୁଡ଼ିକୁ ସଂରକ୍ଷିତ କରାଯାଉଛି। ଏହାକୁ ଯେକୌଣସି ବ୍ୟକ୍ତିବିଶେଷ ନିଃଶୁଳ୍କ ଇଣ୍ଟରନେଟ୍ ମାଧ୍ୟମରେ ପଢ଼ି ନିଜର ମୌଳିକ ଆବଶ୍ୟକତା, ଜ୍ଞାନାର୍ଜନ, ଗବେଷଣା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରିପାରୁଛନ୍ତି। ଭବିଷ୍ୟତର ବଂଶଧରଙ୍କ ପାଇଁ ଏହା ମଧ୍ୟ ସୁରକ୍ଷିତ ରହୁଛି। ଏହି କାର୍ଯ୍ୟକ୍ରମର ଗୋଟିଏ ଅଂଶ ହେଲା ଡିଜିଟାଲ ଲାଇବ୍ରେରୀ। ଡିଜିଟାଲ ଲାଇବ୍ରେରୀରେ ବିଭିନ୍ନ ଭାରତୀୟ ଭାଷାରେ ଲିଖିତ ୧୦ଲକ୍ଷ ବଛାବଛା ବିରଳ ପୁସ୍ତକ ଡିଜିଟାଲ ରୂପରେ ସାଇତି ରଖିବାର ଲକ୍ଷ୍ୟ ରହିଛି। ଇଣ୍ଟରନେଟ୍‌ରେ ସର୍ଚ୍ଚ କରି ଏସବୁ ବହି ପଢ଼ିବାର ବ୍ୟବସ୍ଥା ହୋଇଛି। ପ୍ରଥମେ ଏହି ପ୍ରକଳ୍ପ ଭାରତ ସରକାରଙ୍କର ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତାଙ୍କ ଦପ୍ତର ଦ୍ୱାରା ପରିଚାଳିତ ହେଉଥିଲା। ଏବେ ଏହା କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟର ଇଲେକ୍‌ଟ୍ରୋନିକ୍ସ ଓ ଇନ୍‌ଫରମେସନ୍ ଟେକ୍‌ନୋଲୋଜି ବିଭାଗଦ୍ୱାରା କାର୍ଯ୍ୟକାରୀ ହେଉଛି। ଏବେ ଭାରତର ଡିଜିଟାଲ ଲାଇବ୍ରେରୀରେ ୫୫୦,୬୦୩ ଖଣ୍ଡ ପୁସ୍ତକ ଡିଜିଟାଲ ରୂପରେ ରହିଛି ଏବଂ ସେସବୁର ପୃଷ୍ଠା ସଂଖ୍ୟା ୧୯କୋଟି ୬୭ ଲକ୍ଷ ୭ ହଜାର ୮୨୩। ଏସବୁ ପିଡିଏଫ୍ ଫର୍ମାଟରେ ଉପଲବ୍ଧ ଏବଂ ଇଣ୍ଟରନେଟ୍‌ରେ ସହଜରେ ପଢ଼ିହେବ। ଏବାବଦ





ସମସ୍ତ ବ୍ୟୟ କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟର ଇଲେକ୍‌ଟ୍ରୋନିକ୍ସ ଓ ଇନ୍‌ଫର୍ମେସନ ଟେକ୍‌ନୋଲୋଜି ବିଭାଗ ବହନ କରୁଛି। ବାଙ୍ଗାଲୋରସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ଡିଏଲ୍‌ଆରର ପରିଚାରକ ରୂପେ କାର୍ଯ୍ୟ ତୁଲାଉଛି।

**ଇନ୍‌ଫରମେସନ ଆଣ୍ଡ୍ ଲାଇବ୍ରେରୀ ନେଟ୍‌ୱାର୍କ (ଇନଫ୍‌ଲାଇବନେଟ୍):** ଇନଫ୍‌ଲାଇବନେଟ୍ ଏକ ଆନ୍ତଃବିଶ୍ୱବିଦ୍ୟାଳୟ କେନ୍ଦ୍ର ଯାହା ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ (ୟୁଜିସି)ର ଏକ ସ୍ୱୟଂଶାସିତ କେନ୍ଦ୍ର। ୧୯୯୧ରେ ୟୁଜିସି ଏହି ବୃହତ୍ ଜାତୀୟ କାର୍ଯ୍ୟକ୍ରମ ହାତକୁ ନେଇଥିଲା। ଏହାର ସଦର କାର୍ଯ୍ୟାଳୟ ଅହମଦାବାଦର ଗୁଜରାଟ ବିଶ୍ୱବିଦ୍ୟାଳୟ ପରିସରରେ ରହିଛି। ୧୯୯୬ରୁ ଏହା ସ୍ୱାଧୀନ ଭାବେ କାର୍ଯ୍ୟକରୁଛି। ଇନ୍‌ଫଲାଇବନେଟ୍ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଲାଇବ୍ରେରୀର ଆଧୁନିକୀକରଣ କାର୍ଯ୍ୟ କରିବା ସହ ଦେଶବ୍ୟାପୀ ଏକ ହାଇସ୍ପୀଡ୍ ଡାଟା ନେଟ୍‌ୱାର୍କ ବ୍ୟବହାର କରି ସବୁ ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ ଓ ସୂଚନାକେନ୍ଦ୍ରକୁ ସଂଯୁକ୍ତ କରୁଛି। ଏହା ମଧ୍ୟ ଶିକ୍ଷାବିତ୍ ଓ ଗବେଷକ ମଧ୍ୟରେ ଯୋଗସୂତ୍ରର ଏକ ସହଜ ମାଧ୍ୟମ ହୋଇଛି।

**ଶୋଧଗଙ୍ଗା:** ଶୋଧଗଙ୍ଗା ଗବେଷଣାତ୍ମକ ସନ୍ଦର୍ଭଗୁଡ଼ିକର ସଂରକ୍ଷଣ ଏବଂ ଆଦାନପ୍ରଦାନ ପାଇଁ ଉଦ୍ଦିଷ୍ଟ ଏକ ପ୍ରକଳ୍ପ। ୨୦୦୯ ଜୁନ୍ ୧ରେ ୟୁଜିସି ଏକ ନିୟମ ପ୍ରବର୍ତ୍ତନ କରି ସବୁ ଗବେଷକଙ୍କ ନିମନ୍ତେ ନିଜର ଥେସିସ୍ ବା ସନ୍ଦର୍ଭଗୁଡ଼ିକର ଏକ ଡିଜିଟାଲ / ଇଲେକ୍‌ଟ୍ରୋନିକ ଭର୍ସନ ଦାଖଲ କରିବାକୁ ବାଧ୍ୟତାମୂଳକ କରିଛନ୍ତି। ଏହା ଫଳରେ ସନ୍ଦର୍ଭ ଉପସ୍ଥାପନ ସମୟରେ ସଂପୃକ୍ତ ବିଶ୍ୱବିଦ୍ୟାଳୟକୁ ଏହାର ଏକ ସିଡି ବା ଇ-ଭର୍ସନ ଦେବାକୁ ହେଉଛି। ଏହା ଫଳରେ ସେଇ ଗବେଷଣାଲବ୍ଧ ତଥ୍ୟାବଳି ଇଣ୍ଟରନେଟ୍‌ରେ ଶୋଧଗଙ୍ଗା ମାଧ୍ୟମରେ ଉପଲବ୍ଧ ହେଉଛି।

**ଶୋଧ ଗଙ୍ଗୋତ୍ରି :** ଏହି ପ୍ରକଳ୍ପଟି ଭାରତୀୟ ଗବେଷଣାର ସ୍ଥିତି ସମ୍ପର୍କରେ ଜାଣିବାକୁ ଉଦ୍ଦିଷ୍ଟ। ଶୋଧଗଙ୍ଗା କାର୍ଯ୍ୟକୁ ଅଧିକ ବ୍ୟାପକ କରିବାକୁ ଏହା ଏକ ସହାୟକ ପ୍ରକଳ୍ପ। ଏଥିରେ ଗବେଷଣାର ବିଷୟବସ୍ତୁ, ଏହାର ସଂକ୍ଷେପ ରୂପ, ଗବେଷଣା କରୁଥିବା ଗବେଷକ, ଦିଗ୍‌ଦର୍ଶକଙ୍କ ସମ୍ପର୍କରେ ତଥ୍ୟ ଉଲ୍ଲେଖ ସହ ଇଲେକ୍‌ଟ୍ରୋନିକ୍ ଭର୍ସନରେ ତଥ୍ୟ ଉପଲବ୍ଧର ବ୍ୟବସ୍ଥାର କରାଯାଇଛି। ଏଥିରୁ ଗବେଷଣାର କ୍ଷେତ୍ର, ପରିସର, ଗବେଷଣାର ଶୈଳୀ ଓ ଦିଗ ଆଦି ବିଷୟରେ ସୂଚନା ମିଳିପାରୁଛି।

**ନେସ୍‌ନାଲ ଲାଇବ୍ରେରୀ ଆଣ୍ଡ ଇନ୍‌ଫରମେସନ୍ ସର୍ଭିସେସ୍ ଇନ୍‌ଫ୍ରାଷ୍ଟ୍ରକଚର ଫର୍ ସ୍କଲାରଲୀ କଣ୍ଟେଣ୍ଟ (ଏନ୍-ଲିଷ୍ଟ) :** ଏହା ମୁଖ୍ୟତଃ ବିଦ୍ୱତ୍ ବା ପାଣ୍ଡିତ୍ୟପୂର୍ଣ୍ଣ ତଥ୍ୟାବଳୀ ସଂଗ୍ରହ ଏବଂ ଏହାର ଆଦାନପ୍ରଦାନ ପାଇଁ ଏକ ପ୍ରକଳ୍ପ ଯାହା ୟୁଜିସି-ଇନ୍‌ଫୋନେଟ୍, ଇନ୍‌ଫିଲାଇବନେଟ୍ କେନ୍ଦ୍ର ଓ ଦିଲ୍ଲୀ ଆଏଆଏଟିର ଇଣ୍ଡେଏସ୍‌ଟ- ଏଆଇସିଟିଇ କନ୍‌ସୋଟିୟମ୍ ଦ୍ୱାରା ପରିଚାଳିତ। ଏହା ଇଲେକଟ୍ରୋନିକ ରିସୋର୍ସେସର ପରିଚାଳନା ପାଇଁ ବିଭିନ୍ନ ବ୍ୟବହାରକାରୀ ସଂସ୍ଥାଙ୍କଠାରୁ ଦେୟ ସଂଗ୍ରହ କରିଥାଏ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ସେମାନଙ୍କର ଆବଶ୍ୟକତା ଓ ବରାଦ ଅନୁସାରେ ଇ-ରିସୋର୍ସେସ୍ ଅର୍ଥ ବଦଳରେ ଯୋଗାଇଦେଇଥାଏ।

**ଇ-ଶୋଧସିନ୍ଧୁ:** ଏକ ବିଶେଷଜ୍ଞ କମିଟିର ସୁପାରିସ ଅନୁସାରେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଇ-ଶୋଧସିନ୍ଧୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି। ଏଥିରେ ୟୁଜିସି-ଇନ୍‌ଫୋନେଟ୍, ଡିଜିଟାଲ ଲାଇବ୍ରେରୀ କନ୍‌ସୋସିୟମ୍, ଏନ୍‌ଲିଷ୍ଟ ଓ ଇଣ୍ଡସେଟ୍-ଏଆଇସିଟିଇ କନ୍‌ସୋଟିୟମକୁ ମିଶାଇ ଦିଆଯାଇଛି। ଏହା ୧୫ହଜାର କୋଟି ଲୋକଙ୍କୁ କଣ୍ଟେଣ୍ଟ ଓ ଆର୍କାଇଭାଲ୍ ବିଷୟବସ୍ତୁ ସମ୍ପର୍କରେ ତଥ୍ୟ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି। ଏଥିରେ ଗବେଷକ, ଦିଗ୍‌ଦର୍ଶକ, ପ୍ରତିଷ୍ଠିତ ଶିକ୍ଷାବିତ୍‌ଙ୍କ କୃତି ସହିତ ପ୍ରକାଶକମାନଙ୍କୁ ମଧ୍ୟ ସାମିଲ କରାଯାଇଛି। କେନ୍ଦ୍ରୀୟ

ସହାୟତାରେ ଚାଲୁଥିବା ବୈଷୟିକ ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଆଦି ଏହାର ପରିସରଭୁକ୍ତ। ୟୁଜିସି-ଇନ୍‌ଫୋନେଟ୍ ଡିଜିଟାଲ ଲାଇବ୍ରେରୀ କନ୍‌ସୋର୍ଟିୟମ ଏବେ ଇ-ଶୋଧସିନ୍ଧୁ କନ୍‌ସୋର୍ଟିୟମ୍ ସହିତ ମିଶିଯାଇଛି।




**ନେସ୍‌ନାଲ ଡିଜିଟାଲ ଲାଇବ୍ରେରୀ (ଏନ୍‌ଡିଏଲ୍):**
ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଏହାର ସୂଚନା-ପ୍ରଯୁକ୍ତି ମାଧ୍ୟମ ଜାତୀୟ ଶିକ୍ଷା ମିଶନ (ଏନ୍‌ଏସ୍‌ଇଆଇସିଟି) ଜରିଆରେ ନେସ୍‌ନାଲ ଡିଜିଟାଲ ଲାଇବ୍ରେରୀ (ଏନ୍‌ଡିଏଲ୍)ର ପରିଚାର, ସମନ୍ୱୟ ଓ ଏ ସଂକ୍ରାନ୍ତରେ ଜାତୀୟ ସମ୍ବଳ ସୃଷ୍ଟି ପାଇଁ ଖଡ଼ଗପୁରସ୍ଥିତ ଆଇଆଇଟିକୁ ଦାୟିତ୍ୱ ଦେଇଛି। ଏହାର ପ୍ରମୁଖ କାର୍ଯ୍ୟ ହେଲା ବିଭିନ୍ନ ଅନୁଷ୍ଠାନର ଉପଲବ୍ଧ ଡିଜିଟାଇଜଡ୍ ଓ ଡିଜିଟାଲ କଣ୍ଟେଣ୍ଟକୁ ଏକତ୍ର କରିବା। ଏହାଛଡ଼ା ପ୍ରାଥମିକଠାରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ଇ-ଲର୍ଣ୍ଣିଂ ବ୍ୟବସ୍ଥା ପାଇଁ ବିଭିନ୍ନ ବର୍ଗଙ୍କ ନିମନ୍ତେ ଏକକ (ସିଙ୍ଗଲ ଉଇଣ୍ଡୋ) ଆକ୍‌ସେସ୍ ବ୍ୟବସ୍ଥା ସୃଷ୍ଟି କରିବାକୁ ମଧ୍ୟ ଆଇଆଇଟି ଖଡ଼ଗପୁରକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସବୁ ଅନୁଷ୍ଠାନର ଉପଲବ୍ଧ ଡିଜିଟାଲ ରିପୋଜିଟରୀ (ଆଇଡିଆର୍), ଅନ୍ୟାନ୍ୟ ଡିଜିଟାଲ ଲାଇବ୍ରେରୀ ଏବଂ ଏନ୍‌ଏମ୍‌ଇଆଇସିଟି ପ୍ରକଳ୍ପରୁ ଏନ୍‌ଡିଏଲ୍ ମେଟାଡାଟା ଓ କଣ୍ଟେଣ୍ଟ ସଂଗ୍ରହ କରିବ। ଫଳରେ ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥାରେ ବ୍ୟବହାରକାରୀ ନିଜର ଇପ୍‌ସିତ ବିଷୟବସ୍ତୁକୁ ଆକ୍‌ସେସ୍ କରିବା ସହ ଆବଶ୍ୟକ ତଥ୍ୟ ପାଇପାରିବ।

ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଲା ସବୁ ବୟସର ଛାତ୍ରଛାତ୍ରୀ ଏବଂ ଗବେଷକଙ୍କ ପାଇଁ ଏକ ଜ୍ଞାନଭିତ୍ତି (ନଲେଜ୍ ବେସ୍) ସୃଷ୍ଟି କରିବା। ପ୍ରତ୍ୟେକ ଅନୁଷ୍ଠାନର ଆନୁଷ୍ଠାନିକ ଡିଜିଟାଲ ଭଣ୍ଡାର ବା ଇନ୍‌ଷ୍ଟିଚ୍ୟୁସନାଲ୍ ଡିଜିଟାଲ ରିପୋଜିଟରୀ ରହିଛି ଯାହା ଆଇଡିଆର୍ ନାମରେ ପରିଚିତ। ସବୁ ବିଶ୍ୱବିଦ୍ୟାଳୟରେ ନିଜ ବୌଦ୍ଧିକ ବିଷୟବସ୍ତୁ ଓ ପାଠ୍ୟକ୍ରମର ନିଜସ୍ୱ ଡିଜିଟାଲ ଆର୍କାଇଭ୍ ରହିଛି। ତେବେ ଏହାର ବ୍ୟବହାର ଓ ପହଞ୍ଚ କେବଳ ସେହି ଅନୁଷ୍ଠାନର ଶିକ୍ଷକ, ବିଦ୍ୟାର୍ଥୀ ଓ ଗବେଷକଙ୍କ ମଧ୍ୟରେ ସୀମିତ। ନେସ୍‌ନାଲ ଡିଜିଟାଲ ଲାଇବ୍ରେରୀ ବା ଏନ୍‌ଡିଏଲ୍ ଆଇଡିଆର୍ ଢାଞ୍ଚାରେ ପ୍ରସ୍ତୁତ। ତେବେ ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଆଇଡିଆର ସ୍ଥାନ ପାଇବ ଯାହାକୁ ଯେକୌଣସି ବିଦ୍ୟାର୍ଥୀ ବିନା ମୂଲ୍ୟରେ ସହଜରେ ଆକ୍‌ସେସ୍ କରିପାରିବେ।

**ଉପସଂହାର:**
ଛାତ୍ରଛାତ୍ରୀ ଓ ଅନ୍ୟ ବ୍ୟବହାରକରୀଙ୍କୁ ଶୈକ୍ଷିକ ସମ୍ବଳ ବାଣ୍ଟିବା ପାଇଁ ଡିଜିଟାଲ ଲାଇବ୍ରେରୀ ଏକ ସଫଳ ମାଧ୍ୟମ। ସୂଚନା ପ୍ରଯୁକ୍ତିର ଦ୍ରୁତ ଉନ୍ନତି ଲାଇବ୍ରେରୀଗୁଡ଼ିକର ଭୂମିକାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ନିଜର ସେବାରେ ଉନ୍ନତି ଆଣିବା ସହ ପାଠକଙ୍କୁ ସନ୍ତୁଷ୍ଟ କରିବା ପାଇଁ ଲାଇବ୍ରେରୀ ସମୂହ ବିଭିନ୍ନ କାର୍ଯ୍ୟଶୈଳୀରେ ନାନାବିଧ ପରିବର୍ତ୍ତନ ଏବଂ ଜ୍ଞାନକୌଶଳର ଉପଯୋଗ କରୁଛନ୍ତି। ଚଳିତ ଶତାବ୍ଦୀରେ ଭାରତରେ ଡିଜିଟାଲ ଲାଇବ୍ରେରୀର ଲୋକପ୍ରିୟତା ବିଶେଷ ବଢ଼ିବ। ଆଗକୁ ଛାପାଭିତ୍ତିକ ସୂଚନା ଅପେକ୍ଷା ଡିଜିଟାଲ ସୂଚନା ଅଧିକରୁ ଅଧିକ ଲୋକେ ଲୋଡ଼ିବାର ପର୍ଯ୍ୟାପ୍ତ ସମ୍ଭାବନା ଥିବାରୁ ଡିଜିଟାଲ ଲାଇବ୍ରେରୀର ପ୍ରସାର ବଢ଼ିବା ଏକ ପ୍ରକାର ନିଶ୍ଚିତ।

ଆମେ ଏମିତି ଏକ ସମୟ ଆଡ଼କୁ ଗତିକରୁଛୁ ଯେଉଁଠି ଛାପା ସୂଚନା ବଦଳରେ ଡିଜିଟାଲ ସୂଚନା ପ୍ରାଧାନ୍ୟ ବିସ୍ତାର କରିବ। ଭାରତରେ ୧,୨୪,୫୦୦ ମାଧ୍ୟମିକ ଓ ୧୧ଲକ୍ଷରୁ ଅଧିକ ପ୍ରାଥମିକ ବିଦ୍ୟାଳୟ ରହିଛି। ଭାରତୀୟ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ବିଶ୍ୱରେ ସର୍ବବୃହତ୍ ଏବଂ ଏଥିରେ ୭କୋଟିରୁ ଅଧିକ ଛାତ୍ରଛାତ୍ରୀ ପାଠପଢ଼ନ୍ତି। ଭାରତରେ ଏବେ ୬୫୯ ବିଶ୍ୱବିଦ୍ୟାଳୟ, ୩୩,୦୨୩ ମହାବିଦ୍ୟାଳୟ ଓ ୧୧,୩୫୬ ଅନ୍ୟାନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନ ରହିଛି। ଏଭଳି ପରିସ୍ଥିତିରେ ଭାରତରେ ପାରମ୍ପରିକ ପାଠାଗାରସମୂହର ଡିଜିଟାଇଜେସନ୍ ଅପରିହାର୍ଯ୍ୟ। ଦେଶରେ ଶିକ୍ଷାର ଗୁଣାତ୍ମକ ବିକାଶ ଓ ଗବେଷଣାର ମାନ ବୃଦ୍ଧି ପାଇଁ ଏହା ନିତାନ୍ତ ଆବଶ୍ୟକ।

ଲେଖକ କଲକାତାସ୍ଥିତ ସୁରେନ୍ଦ୍ରନାଥ ମହିଳା ମହାବିଦ୍ୟାଳୟର ଶିକ୍ଷାବିଭାଗର ଜଣେ ସହକାରୀ ପ୍ରଫେସର।
**E-mail id: mondalajit.edn@gmail.com**



ଫୋକସ୍

# ଡିଜିଟାଲ ଇଣ୍ଡିଆ ଏକ ଅପରିହାର୍ଯ୍ୟ ଆବଶ୍ୟକତା

ଆର୍ ଚନ୍ଦ୍ରଶେଖର

ଏକ ଡିଜିଟାଲ ଭବିଷ୍ୟତ ଆଡ଼କୁ ଭାରତର ଯାତ୍ରା ଏକ ଦଶନ୍ଧି ତଳେ ଆରମ୍ଭ ହୋଇଥିଲା। ଏବେ କିନ୍ତୁ ଏହି ପ୍ରକ୍ରିୟା ଅଭୂତପୂର୍ବ ଭାବେ ତ୍ୱରାନ୍ୱିତ ହୋଇଛି। ଏହି ତ୍ୱରାନ୍ୱୟନର କାରଣ ହେଲା ଡିଜିଟାଲ କ୍ଷେତ୍ରରୁ ଏବେ ପ୍ରଚୁର ଲାଭ ମିଳୁଛି ଓ ଏହା ଅସୀମିତ ସୁବିଧା ସୃଷ୍ଟି କରୁଛି। ଉଭୟ ଭାରତ ଓ ବିଶ୍ୱ ଏବେ ପ୍ରଗତିର ଏକ ନୂଆ ସଂଗମରେ ଉପନୀତ। ସେଠାରେ ଆର୍ଥିକ ଅଭିବୃଦ୍ଧି, ବୈଷୟିକ ବିକାଶର ସଂଯୋଗ ଓ ସୁସମନ୍ୱୟ ଘଟୁଛି। ଅତଏବ ଏହି ସୁଯୋଗର ସଦୁପଯୋଗ କରିପାରିଲେ ଭାରତ ତାହାର ଆର୍ଥିକ ବିକାଶ କ୍ଷେତ୍ରରେ ଉପଯୁକ୍ତ ଅଗ୍ରଗତି କରିବା ସହ ସମସ୍ତଙ୍କ ପାଇଁ ନୂଆ ସୁବିଧା ସୁଯୋଗ ସୃଷ୍ଟି କରିପାରିବ।

ଭାରତରେ ପୂର୍ବରୁ ସରକାର ଡିଜିଟାଇଜେସନ କ୍ଷେତ୍ରରେ ଯେଉଁସବୁ ପଦକ୍ଷେପ ନେଇଥିଲେ ତାହା ମୁଖ୍ୟତଃ ସରକାରୀ କାର୍ଯ୍ୟ ମଧ୍ୟରେ ସୀମିତ ଥିଲା। ସରକାରୀ ଦକ୍ଷତା ବୃଦ୍ଧି, ରେକର୍ଡପତ୍ର ସଂରକ୍ଷଣ, ଡାଟା ସଂରକ୍ଷଣ ଏବଂ ପ୍ରକ୍ରିୟାକରଣ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଓ ତଥ୍ୟ ଆଦାନପ୍ରଦାନ କ୍ଷେତ୍ରରେ ଡିଜିଟାଇଜେସନ ଏକ ପ୍ରକାର ସୀମିତ ରହିଥିଲା। ଅର୍ଥ (ତହବିଲ), ଟିକସ (ଆୟକର, ବ୍ୟାବସାୟିକ ଟିକସ, ଅବକାରୀ, ଉତ୍ପାଦନ) ଓ ପରିସଂଖ୍ୟାନ ବା ଷ୍ଟାଟିଷ୍ଟିକ୍ସ ଆଦି ବିଭାଗ ଡିଜିଟାଇଜେସନକୁ ମୁଖ୍ୟତଃ ବ୍ୟବହାର କରୁଥିଲେ। ପରବର୍ତ୍ତୀ କାଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଜିଟାଇଜେସନର ସହାୟତା ନେଇ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଉନ୍ନତି ଆଣିବାକୁ ଉଦ୍ୟମ କଲା। ଏହା ଦ୍ୱାରା ହିତାଧିକାରୀଙ୍କୁ ସହଜ ଓ ସୁବିଧାରେ ସରକାରୀ ଯୋଜନାର ସୁଫଳ ଯୋଗାଇବା ପ୍ରକ୍ରିୟା ଆରମ୍ଭ ହେଲା। ୧୯୭୬ରୁ ୧୯୯୬

ମଧ୍ୟରେ ନେଶନାଲ ଇନଫର୍ମେଟିକ୍ସ ସେଣ୍ଟର ବା ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍ଆଇସି) ମାଧ୍ୟମରେ ଏହି ଡିଜିଟାଇଜେସନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ଏହାର ସେବା ପରିସରକୁ ସଂପ୍ରସାରିତ କରିଥିଲା। ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ଏନ୍ଆଇସି ସହାୟତାରେ ସରକାରୀ ସେବା ପ୍ରଦାନ ବ୍ୟବସ୍ଥାର ବିକାଶ କରାଯାଇଛି। ଏହି ସବୁ କାର୍ଯ୍ୟକ୍ରମ ନାଗରିକ କୈନ୍ଦ୍ରିକ। ଏବେ ଦେଶର ସବୁ ରାଜ୍ୟ ଏନ୍ଆଇସି ସହ ସଂଯୁକ୍ତ ଏବଂ ତଥ୍ୟ ଓ ସେବା ଆଦାନ ପ୍ରଦାନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛି। ୧୯୯୭ରେ ଆନ୍ଧ୍ରରେ ପ୍ରଥମ କରି ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ନାଗରିକମାନଙ୍କୁ ସୂଚନା ଓ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଗଲା। ଏହାପରେ ପରେ ଜାତୀୟ ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ଜମିଜମା ରେକର୍ଡ ପତ୍ର ପରିବହନ, ଜମି ପଞ୍ଜିକରଣ, ସାଧାରଣ ବର୍ଣ୍ଟନ ବ୍ୟବସ୍ଥା, ସହରାଞ୍ଚଳ ସେବା  ସଂକ୍ରାନ୍ତ ତଥ୍ୟାବଳୀ ପ୍ରଦାନର ବ୍ୟବସ୍ଥା ଆରମ୍ଭ ହୋଇଛି। ଏବେ ଦେଶର ପ୍ରାୟ ସବୁ ରାଜ୍ୟର ଏହି ସେବା ଉପଲବ୍ଧ ହେଉଛି। ଇ-ପ୍ରଶାସନ ଓ ଡିଜିଟାଇଜେସନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାର ରାଜ୍ୟଗୁଡ଼ିକ ଓ ରାଜ୍ୟ-ରାଜ୍ୟ ନେଟ୍ୱାର୍କ ସୃଷ୍ଟି କରିବାକୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। କେତେକ ପ୍ରକଳ୍ପକୁ ମଧ୍ୟ ପିପିପି ମୋଡ୍‌ରେ କାର୍ଯ୍ୟକାରୀ କରାଯାଇଥିଲା। ଏହା ଫଳରେ ଟେକ୍ନୋଲୋଜି ଉଦ୍ୟୋଗ ସମୂହର ପ୍ରବେଶ ଓ ବିକାଶ ପାଇଁ ଭାରତୀୟ ସୁଯୋଗ ସୃଷ୍ଟି ହେବା ସହ ସାରା ଦେଶରେ ଏ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେଲା। ଇ-ଗଭର୍ଣ୍ଣାନ୍ସ ଓ ଡିଜିଟାଇଜେସନ କ୍ଷେତ୍ରରେ ଏହା ଏକ ନବଦିଗନ୍ତ ସୃଷ୍ଟି କରି ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ସହିତ ପୂର୍ଣ୍ଣାଙ୍ଗ ଇ-ଗଭର୍ଣ୍ଣାନ୍ସ ଯୋଜନାର ଆଧାରଶୀଳା ସ୍ଥାପନ ହୋଇଥିଲା। ୨୦୦୩ରେ କେନ୍ଦ୍ରସରକାର ଷ୍ଟେଟ୍‌ୱାଇଡ୍ ଏରିଆ ନେଟ୍ୱାର୍କ ବା ସ୍ୱାନ ପ୍ରକଳ୍ପକୁ ଅନୁମୋଦନ କରିବା ସହ ଜାତୀୟ ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟକ୍ରମର ରୂପରେଖକୁ ଚୂଡ଼ାନ୍ତ କରିଥିଲେ। ଏହା ପରେ ୨୦୦୬ରେ କମନ ସର୍ଭିସ ସେଣ୍ଟର ପ୍ରତିଷ୍ଠା କାର୍ଯ୍ୟକ୍ରମ କ୍ୟାବିନେଟ୍ ଅନୁମୋଦନ ଲାଭ କଲା। ଏହାପରେ ଦେଶରେ ଡିଜିଟାଇଜେସନ ଓ ଇ-ଗଭର୍ଣ୍ଣାନ୍ସ କ୍ଷେତ୍ରରେ ସ୍ଥିର ନିରନ୍ତର ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୦୪ରୁ୧୩ ମଧ୍ୟରେ ୟୁଆଇଡି ବା ଆଧାର, ପାସ୍‌ପୋର୍ଟ ସେବା, ଏମ୍‌ସି ୬୨୧ ଭଳି ଅଭିଳାଷୀ କାର୍ଯ୍ୟକ୍ରମ ମାନ ସରକାର ହାତକୁ ନେଇଥିଲେ।




ଟେଲିକମ୍ କ୍ଷେତ୍ରରେ ସମାନ୍ତରାଳ ବିକାଶ କାର୍ଯ୍ୟ ଅଭୂତପୂର୍ବ ବେଗରେ ଆରମ୍ଭ ହୋଇଥିଲା। ଦଶବର୍ଷରୁ ସାମାନ୍ୟ ଅଧିକ ସମୟ ମଧ୍ୟରେ ଭାରତର ଟେଲିଫୋନ୍ ଗ୍ରାହକଙ୍କ ସଂଖ୍ୟା ୧୦୦ ନିୟୁତରୁ ୧୦୦୦ନିୟୁତରେ ପହଞ୍ଚିଥିଲା। ବ୍ରଡ୍ ବ୍ୟାଣ୍ଡ କଭରେଜର ସଂପ୍ରସାରଣ ସହିତ ଜାତୀୟ ଅପ୍ଟିକାଲ ଫାଇବର ନେଟ୍ୱାର୍କ (ଏନ୍‌ଓଏଫ୍‌ଏନ୍) ଆରମ୍ଭ ହେଲା ଏବଂ ପରବର୍ତ୍ତୀ କାଳରେ ଏହା ଭାରତ ବ୍ରଡ୍‌ବ୍ୟାଣ୍ଡ ନାମରେ ନାମିତ ହେଲା। ସୋସାଲ ମିଡିଆର ବ୍ୟବହାର ବଢ଼ିବା ଫଳରେ ସ୍ମାର୍ଟ ଫୋନ୍‌ର ସଂଖ୍ୟା ଓ ପ୍ରସାର ବୃଦ୍ଧି ପାଇଲା। ଯୁବବର୍ଗ ବିଶେଷ ଭାବେ ଏହାର ବଡ଼ ଗ୍ରାହକ ଥିଲେ।






୨୦୧୪ ସାଧାରଣ ନିର୍ବାଚନରେ ପ୍ରଚାର ପାଇଁ ସୋସାଲ ମିଡିଆର ବ୍ୟବହାର ବ୍ୟାପକ ଭାବେ କରାଯାଇଥିଲା। ଆମେରିକାରେ ତତ୍‌କାଳୀନ ରାଷ୍ଟ୍ରପତି ପ୍ରାର୍ଥୀ ବରାକ ଓବାମା ସୋସାଲ ମିଡିଆର ଯେପରି ଉପଯୋଗ ନିର୍ବାଚନ ପ୍ରଚାରରେ କରିଥିଲେ ଭାରତରେ ଠିକ୍ ସେଇଭଳି କରାଗଲା। ୨୦୧୪ରେ ବର୍ତ୍ତମାନର ସରକାର କ୍ଷମତାକୁ ଆସିବା ପରେ ଡିଜିଟାଲ ଅର୍ଥନୀତିର ଗୁରୁତ୍ୱ ଉପଲବ୍ଧି କରିବା ସହ ଏହାର ପ୍ରଚଳନକୁ ବ୍ୟାପକ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ଏ କ୍ଷେତ୍ରରେ ସରକାର ଯେଉଁସବୁ ଚମତ୍କାର ପଦକ୍ଷେପମାନ ଗ୍ରହଣ କଲେ ତାହା ସମଗ୍ର ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା। ନିରନ୍ତର ଉଦ୍ୟମ ଫଳରେ ଆଧାର ପ୍ରକଳ୍ପ ଇପ୍‌ସିତ ସ୍ଥାନ ଓ ଦାୟିତ୍ୱ ପାଇଲା। ଜନଧନ, ଆଧାର ଓ ମୋବାଇଲ ଏହି ତିନିଟିର ସମ୍ମିଶ୍ରଣରେ 'ଜାମ୍' କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଲା। ଏହି ବ୍ୟବସ୍ଥାରେ ୨୦୦ ନିୟୁତରୁ ଅଧିକ ଲୋକଙ୍କୁ ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇପାରିଲା। ସେମାନେ ବ୍ୟାଙ୍କରେ ଖାତା ଖୋଲିବା ସହ ସରକାରୀ ସୁବିଧା ସୁଯୋଗ ଓ ରିଆତିର ଲାଭ ସିଧାସଳଖ ପାଇଲେ। ସେମାନଙ୍କ ଆର୍ଥିକ ଲାଭ ବାଟମାରଣା ନ'ହୋଇ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଗଲା। ଫଳରେ ପ୍ରତ୍ୟକ୍ଷ ଲାଭ ଯୋଗାଣ ବ୍ୟବସ୍ଥା (ଡିବିଟି) ସାକାର ହୋଇଛି। କମନ ସର୍ଭିସ୍ ସେଣ୍ଟର (ସିଏସ୍‌ସି) କାର୍ଯ୍ୟକ୍ରମ ଦେଶର ୨,୫୦,୦୦୦ ପଞ୍ଚାୟତକୁ ସଂପ୍ରସାରିତ ହୋଇଥିବାବେଳେ ଗ୍ରାମାଞ୍ଚଳରେ ପ୍ରାୟ ୧୦ ଲକ୍ଷ ଲୋକ କର୍ମନିଯୁକ୍ତି ପାଇଛନ୍ତି। ସମସ୍ତଙ୍କୁ ସମାନୁପାତିକ ଭାବେ ଆର୍ଥିକ ସୁବିଧାସୁଯୋଗ ଯୋଗାଣ ଓ କର୍ମନିଯୁକ୍ତି ସୃଷ୍ଟିରେ ଟେକ୍‌ନୋଲୋଜିକୁ କିପରି ବ୍ୟବହାର କରାଯାଇପାରେ ଏହା ତାହାର ପ୍ରମାଣ।

ବିଶ୍ୱରେ ଇତିମଧ୍ୟରେ ଟେକ୍‌ନୋଲୋଜିରେ ବ୍ୟାପକ ଉନ୍ନତି ଘଟିଛି ଏବଂ ଏହାଦ୍ୱାରା ଶସ୍ତାରେ ଶକ୍ତିଶାଳୀ ବିଘଟନକାରୀ ପ୍ରାଦ୍ୟୋଗିକ ଟେକ୍‌ନୋଲୋଜି ଉପଲବ୍ଧ ହେଉଛି। ବିଘଟନକାରୀ ବା ଡିସରପ୍‌ଟିଭ୍ ଟେକ୍‌ନୋଲୋଜିର ଅର୍ଥ ହେଲା ନୂଆ ଟେକ୍‌ନୋଲୋଜି ବା ଅଭିନବ ବ୍ୟବସ୍ଥା ଯାହା ପ୍ରଚଳିତ ବଜାର ଟେକ୍‌ନୋଲୋଜିକୁ ବ୍ୟାହତ ବିଘ୍ନିତ କରି ନିଜ ପାଇଁ ବଜାର ସୃଷ୍ଟି କରିଥାଏ। ସୋସାଲ ମିଡିଆ, ମୋବାଇଲ (ଡାଟା) ଆନାଲିଟିକ୍ସ, କ୍ଲାଉଡ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଆଇଓଟି ବା ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ ନେଟ୍‌ୱାର୍କ, ୩-ଡି ପ୍ରିଣ୍ଟିଂ ଆଦି ଏହି ଟେକ୍‌ନୋଲୋଜିର ଅଂଶବିଶେଷ। ଭାରତୀୟ ଆଇଟି ଉଦ୍ୟୋଗ ମଧ୍ୟ ଦିନକୁ ଦିନ ଅଧିକ ଶକ୍ତିଶାଳୀ ହେଉଛି। ଏହାର ମୋଟ୍ ମୂଲ୍ୟ ୧୫୦ ବିଲିୟନ ଡଲାରରୁ ଅଧିକରେ ପହଞ୍ଚି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଭାରତର ଏହି ପ୍ରଗତିକୁ ମଧ୍ୟ ଅନେକ ଈର୍ଷା କରୁଛନ୍ତି। ଗତ ପାଞ୍ଚବର୍ଷରେ ଦେଶରେ ଷ୍ଟାର୍ଟଅପ୍ କ୍ଷେତ୍ରରେ ସବୁଠୁ ବଡ଼ ସଫଳତା ମିଳିଛି। ଏହି ସମୟରେ ପ୍ରାୟ ୭୫୦୦ ଟେକ୍-ଷ୍ଟାର୍ଟଅପ୍ ଭାରତରେ ପ୍ରତିଷ୍ଠା କରାଯାଇଛି। ଏକଦା ପାଶ୍ଚାତ୍ୟ ଜ୍ଞାନକୌଶଳ ଓ ବୁଦ୍ଧି ବିଦ୍ୟାର କଳମି ଭାବେ ଭାରତରେ ଆରମ୍ଭ ହୋଇଥିବା ଇ-କମର୍ସ, ଟ୍ରାନ୍ସପୋଟେସନ, ଏଣ୍ଟରଟେନ୍‌ମେଣ୍ଟ ଏବଂ ହାଇପର ଲୋକାଲ ଲଜିଷ୍ଟିକ୍ସ ଓ ଡେଲିଭରୀ ଏବେ ଭାରତୀୟ ବୁଦ୍ଧି ବିଦ୍ୟା, ଜ୍ଞାନକୌଶଳ ଓ ଅଭିନବତାରେ ପରିପୂର୍ଣ୍ଣ ତଥା ସ୍ୱୟଂସମ୍ପୂର୍ଣ୍ଣ। ଏହା ଷ୍ଟାର୍ଟଅପ୍ ପାଇଁ ସୃଷ୍ଟି ଅନୁକୂଳ ପରିତନ୍ତ୍ରର ଫଳ। ସ୍ୱାସ୍ଥ୍ୟ ସେବା, କୃଷି, ଫିନ୍‌ଟେକ୍, ସାଇବର ସିକ୍ୟୁରିଟି, ଉର୍ଜା ଆଦି

ଇ-ପ୍ରଶାସନ ଓ ଡିଜିଟାଇଜେସନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାର ରାଜ୍ୟଓ୍ୱାରୀ ଓ ରାଜ୍ୟ-ରାଜ୍ୟ ନେଟ୍‌ୱାର୍କ ସୃଷ୍ଟି କରିବାକୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। କେତେକ ପ୍ରକଳ୍ପକୁ ମଧ୍ୟ ପିପିପି ମୋଡ୍‌ରେ କାର୍ଯ୍ୟକାରୀ କରାଯାଇଥିଲା। ଏହା ଫଳରେ ଟେକ୍‌ନୋଲୋଜି ଉଦ୍ୟୋଗ ସମୂହର ପ୍ରବେଶ ଓ ବିକାଶ ପାଇଁ ଭାରତୀୟ ସୁଯୋଗ ସୃଷ୍ଟି ହେବା ସହ ସାରା ଦେଶରେ ଏ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେଲା। ଇ-ଗଭର୍ଣ୍ଣାନ୍ସ ଓ ଡିଜିଟାଇଜେସନ କ୍ଷେତ୍ରରେ ଏହା ଏକ ନବଦିଗନ୍ତ ସୃଷ୍ଟି କରି ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ସହିତ ପୂର୍ଣ୍ଣାଙ୍ଗ ଇ-ଗଭର୍ଣ୍ଣାନ୍ସ ଯୋଜନାର ଆଧାରଶୀଳା ସ୍ଥାପନ ହୋଇଥିଲା। ୨୦୦୩ରେ କେନ୍ଦ୍ରସରକାର ଷ୍ଟେଟ୍‌ୱାଇଡ୍ ଏରିଆ ନେଟ୍‌ୱାର୍କ ବା ସ୍ୱାନ ପ୍ରକଳ୍ପକୁ ଅନୁମୋଦନ କରିବା ସହ ଜାତୀୟ ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟକ୍ରମର ରୂପରେଖକୁ ଚୂଡ଼ାନ୍ତ କରିଥିଲେ। ଏହା ପରେ ୨୦୦୬ରେ କମନ ସର୍ଭିସ ସେଣ୍ଟର ପ୍ରତିଷ୍ଠା କାର୍ଯ୍ୟକ୍ରମ କ୍ୟାବିନେଟ୍ ଅନୁମୋଦନ ଲାଭ କଲା। ଏହାପରେ ଦେଶରେ ଡିଜିଟାଇଜେସନ ଓ ଇ-ଗଭର୍ଣ୍ଣାନ୍ସ କ୍ଷେତ୍ରରେ ସ୍ଥିର ନିରନ୍ତର ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

କ୍ଷେତ୍ରରେ ଯେଉଁ ସମସ୍ୟା ଭାରତରେ ଦେଖାଦେଇଛି ତାହାକୁ ସମାଧାନ କରିବାରେ ଭାରତର ଅଭିନବତା ଓ ଷ୍ଟାର୍ଟଅପ୍ ସମୂହ ସମର୍ଥ। ବଡ଼ କଥା ହେଉଛି ଭାରତ ଏ କ୍ଷେତ୍ରରେ ଅଳ୍ପ ପୁଞ୍ଜିରେ ଉତ୍ତମ ତଥା ଅଭିନବ ଜ୍ଞାନକୌଶଳ ବାହାର କରି ସାରା ବିଶ୍ୱକୁ ସୁଲଭ ସେବା ଯୋଗାଇବାକୁ ସକ୍ଷମ ହୋଇଛି।

ଇ-କମର୍ସ, ଟ୍ରାନ୍ସପୋଟେସନ୍, ପେମେଣ୍ଟ ୱାଲେଟ୍ସ, ହୋଟେଲ / ଆକମଡେସନ / ସିନେମା ବୁକିଂ, ସ୍ଥାନୀୟ ଖାଦ୍ୟ ଓ ସେବା ଯୋଗାଣ ବ୍ୟବସ୍ଥା ଏବେ ମୋବାଇଲ ଆପ୍ ଜରିଆରେ ସମ୍ଭବ ହୋଇଛି। ସହରାଞ୍ଚଳର ଅଧିକାଂଶ ଲୋକ ଏହାର ସୁଯୋଗ ନେଉଛନ୍ତି। ଛୋଟ ଛୋଟ ସହରରେ ଏହା କ୍ରମଶଃ ଆଦୃତ ହେଉଛି। ଆଇବିଏମ୍ ୱାଟସନ୍ ଭଳି ଗ୍ଲୋବାଲ ପ୍ରୋଡକ୍ଟ ବିଶ୍ୱବ୍ୟାପୀ ମେଡିକାଲ ସେବା ସହିତ ଅନ୍ୟାନ୍ୟ ସେବା ସୁବିଧା ଯୋଗାଉଛନ୍ତି। ଭାରତ ଭିତରେ ପ୍ରାକ୍ଟୋ, ପୋର୍ଟି ଓ ଲାଇବ୍ରେଟ ଭଳି ଯେଉଁସବୁ ପ୍ରୋଡକ୍ଟ ସ୍ୱାସ୍ଥ୍ୟସେବା ଯୋଗାଣ କ୍ଷେତ୍ରରେ କାର୍ଯ୍ୟକରୁଛି ସେସବୁ ନିଜସ୍ୱ ଆପ୍ ମାଧ୍ୟମରେ ସ୍ୱଳ୍ପ ମୂଲ୍ୟରେ ଲୋକଙ୍କୁ ଚିକିତ୍ସା ସୁବିଧା ଓ ଡାକ୍ତରୀ ପରାମର୍ଶ ପହଞ୍ଚାଇବାରେ ସଫଳ ହେଉଛନ୍ତି। ବାଇଜୁ ଆପ୍ ମାଧ୍ୟମରେ ଉଚ୍ଚମାନର ଶୈକ୍ଷିକ ବିଷୟବସ୍ତୁ ବିଦ୍ୟାର୍ଥୀଙ୍କୁ ସୁଲଭ ମୂଲ୍ୟରେ ଯୋଗାଇଦିଆଯାଇଛି। କୃଷି କ୍ଷେତ୍ରରେ ଉତ୍ପାଦକ, ବ୍ୟବସାୟୀ ଓ ଖାଉଟିଙ୍କ ପାଇଁ ଏକାଧିକ ଆପ୍ ସେବା ଯୋଗାଉଛନ୍ତି। ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ସାମାଜିକ କ୍ଷେତ୍ରରେ ଲୋକଙ୍କୁ ବିଭିନ୍ନ ପ୍ରକାର ସେବା ଆପ୍ ମାଧ୍ୟମରେ ସୁବିଧାରେ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ମେଡିସିଆ ଟେକ୍ନୋଲୋଜି ସଲ୍ୟୁସନ୍ସ, ଅରଟ୍ଟ, ଧୀୟନ୍ତ ଓ ଡକ୍ସର ଏସବୁ ଆପ୍ ମଧ୍ୟରେ ଅନ୍ୟତମ। କୃଷି ହବ୍ ଆପ୍ ମାଧ୍ୟମରେ ୧୭ଟି ରାଜ୍ୟର ଚାଷୀଙ୍କୁ ଆଠଟି ଭାଷାରେ ଚାଷବାସ ଓ ଉତ୍ପାଦିତ ସାମଗ୍ରୀ ବିକ୍ରିବଟା ସମ୍ପର୍କରେ ତଥ୍ୟ ଯୋଗାଇ ଦିଆଯାଉଛି। ଡିପ୍ ମାଇଣ୍ଡ୍ ଆପ୍ ମେଡିକାଲ ରେକର୍ଡ୍ସ ଓ ଚକ୍ଷୁ ଚିକିତ୍ସା ସଂକ୍ରାନ୍ତ ତଥ୍ୟ ଯୋଗାଉଛି। ଇଣ୍ଟରନେଟ୍ ଅଫ୍ ମେଡିକାଲ ଥିଙ୍ଗସ (ଆଇଓଏମ୍‌ଟି) ଚିକିତ୍ସା ବିଜ୍ଞାନ ଓ ସେବା କ୍ଷେତ୍ରରେ ନୂଆ ଦିଗନ୍ତ ସୃଷ୍ଟି କରିଛି। ଏସବୁ ବ୍ୟବସ୍ଥା ଲୋକଙ୍କୁ ବିଭିନ୍ନ ଦରକାରୀ ତଥ୍ୟ ଯୋଗାଇବା ସହ ଲୋକଙ୍କ ଦକ୍ଷତା ଓ ଉତ୍ପାଦକତା ବୃଦ୍ଧିରେ ସହାୟକ ହେଉଛି। ଆୟୁଷ୍ମାନ ଭାରତ ଭଳି ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମର ସଫଳତା ଲୋକଙ୍କ ପାଖରେ ପହଞ୍ଚାଇବାରେ ଆପ୍‌କୁ ବ୍ୟବହାର କରାଯାଉଛି।

ଏସବୁ ପ୍ରଗତିଧାରାକୁ ଦେଖି ଆମ ବିକାଶ ନିଶ୍ଚିତ ବୋଲି ଧରି ନିଆଯିବା ଅନୁଚିତ। କାରଣ ଏ କ୍ଷେତ୍ରରେ ସ୍ଥିର ନିରନ୍ତର ବିକାଶ ପ୍ରକ୍ରିୟା ଅପରିହାର୍ଯ୍ୟ। ମ୍ୟାକିନ୍ସିର ଆକଳନ ଅନୁସାରେ ୨୦୨୫ ସୁଦ୍ଧା ଭାରତର ଡିଜିଟାଲ ଅର୍ଥନୀତିର ଆକାର ଏକ ଟ୍ରିଲିୟନ ଆମେରିକୀୟ ଡଲାରାରେ ପହଞ୍ଚିବ। ଆମେ ଯଦି କାମଚଳା ଢଙ୍ଗରେ ଏ କ୍ଷେତ୍ରରେ କାମ କରିବା ତେବେ ଏହି ଲକ୍ଷ୍ୟର ଅଧାରେ ପହଞ୍ଚିବା ସମ୍ଭବ ନୁହେଁ। ଆମ ଦକ୍ଷତାର ପୂର୍ଣ୍ଣ ଉପଯୋଗ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ହଟାଇ ଅଧିକ ସଂସ୍କାର ଆଣିବାର ଆବଶ୍ୟକତା ରହିଛି। ଏଥିପାଇଁ ସରକାର ଯେଉଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ତାହା



ସ୍ୱାଗତଯୋଗ୍ୟ। ଅବସ୍ଥିତି ବା ସ୍ଥାନ ଭିତ୍ତିକ ସେବା ଯୋଗାଣର ଅଭିବୃଦ୍ଧି କ୍ଷେତ୍ରରେ ଦେଶର ମାନଚିତ୍ର ଆଇନ ଏକ ବଡ଼ ପ୍ରତିବନ୍ଧକ। ଦେଶରେ ଡ୍ରୋନ୍ ଉଡ଼ାଣ ନୀତି ନ ଥିବାରୁ ଏହାର ସେବା ଉପଯୋଗ ହୋଇପାରୁନାହିଁ। ଡ୍ରୋନ୍ ବ୍ୟବହାର ସମ୍ପର୍କରେ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାକୁ ଅନେକ ସ୍ୱାଗତ କରୁଥିଲେ ହେଁ ଅନ୍ୟମାନଙ୍କ ମତରେ ଏହା ଯଥେଷ୍ଟ ନୁହେଁ। ଡାଟା ପ୍ରାଇଭେସୀ ନେଇ ଆମେ ଆଇନକାନୁନ୍ ପ୍ରସ୍ତୁତ କରୁଥିବାବେଳେ ଆମକୁ ଦେଖିବାକୁ ପଡ଼ିବ ଯେ ଅନାବଶ୍ୟକ କଠୋର ନୀତି ନିୟମ ଦ୍ୱାରା ଆମ ଅଭିନବତା ଓ ଲକ୍ଷ୍ୟ ଯେପରି ବ୍ୟାହତ ନ'ହୁଏ। ଏ କ୍ଷେତ୍ରରେ ଭାରସାମ୍ୟ ଲୋଡ଼ା। ଆଧାର ସମ୍ପର୍କିତ ସୁପ୍ରିମକୋର୍ଟ ରାୟ ଫଳରେ ଘରୋଇ କ୍ଷେତ୍ର ଏହାକୁ ବ୍ୟବହାର କରିପାରିବ ନାହିଁ। ଏପରିକି ସଂପୃକ୍ତ ନାଗରିକଙ୍କ ଅନୁମତି ସତ୍ତ୍ୱେ ଘରୋଇ ଉଦ୍ୟୋଗ ଏହାକୁ ବ୍ୟବହାର କରିବାକୁ ହକ୍‌ଦାର ନୁହେଁ। ଫଳରେ ଅଭିନବତା, ସେବାଯୋଗାଣ ସୁବିଧାରେ ଏହା ପ୍ରତିବନ୍ଧକ ସୃଷ୍ଟି କରିବ। ଅତଏବ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସରକାରଙ୍କର ଯେଉଁ ନିୟନ୍ତ୍ରଣ କ୍ଷମତା ରହିଛି ସେଇ ବ୍ୟବସାୟକୁ କୋହଳ କରିବା ଦରକାର। ଦେଶର ବିଭିନ୍ନ କ୍ଷେତ୍ରରେ ଏଭଳି ଅନେକ ରକ୍ଷଣଶୀଳତା ଓ ନିୟନ୍ତ୍ରଣକାରୀ ବ୍ୟବସ୍ଥା ରହିଛି ଯାହା ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ବିଶ୍ୱର ବିଭିନ୍ନ ଦେଶଭଳି ଆମେ ମଧ୍ୟ ଏ କ୍ଷେତ୍ରରେ ଅନୁଭୂତିରୁ ଅନେକ କଥା ଶିଖୁଛୁ। ତଦନୁସାରେ ଅନାବଶ୍ୟକ ନିୟନ୍ତ୍ରଣକୁ ହଟାଇ ଆମକୁ ଅନେକ କିଛି କରିବାକୁ ହେବ। ଏହା ସହଜ ନୁହେଁ; ତଥାପି ଆମର ସୌଭାଗ୍ୟ ଯେ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେଉଥିବା ଏକ ସରକାର ଆମେ ପାଇଛୁ ଯାହା ଏ କ୍ଷେତ୍ରରେ ଆମର ଶୀଥିଳତାକୁ ଦୂର କରିପାରିବ।

୨୦୧୪ ସାଧାରଣ ନିର୍ବାଚନରେ ପ୍ରଚାର ପାଇଁ ସୋସାଲ ମିଡିଆର ବ୍ୟବହାର ବ୍ୟାପକ ଭାବେ କରାଯାଇଥିଲା। ଆମେରିକାରେ ତତ୍‌କାଳୀନ ରାଷ୍ଟ୍ରପତି ପ୍ରାର୍ଥୀ ବରାକ ଓବାମା ସୋସାଲ ମିଡିଆର ଯେପରି ଉପଯୋଗ ନିର୍ବାଚନ ପ୍ରଚାରରେ କରିଥିଲେ ଭାରତରେ ଠିକ୍ ସେଇଭଳି କରାଗଲା। ୨୦୧୪ରେ ବର୍ତ୍ତମାନର ସରକାର କ୍ଷମତାକୁ ଆସିବା ପରେ ଡିଜିଟାଲ ଅର୍ଥନୀତିର ଗୁରୁତ୍ୱ ଉପଲବ୍ଧି କରିବା ସହ ଏହାର ପ୍ରଚଳନକୁ ବ୍ୟାପକ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ଏ କ୍ଷେତ୍ରରେ ସରକାର ଯେଉଁସବୁ ଚମତ୍କାର ପଦକ୍ଷେପମାନ ଗ୍ରହଣ କଲେ ତାହା ସମଗ୍ର ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା। ନିରନ୍ତର ଉଦ୍ୟମ ଫଳରେ ଆଧାର ପ୍ରକଳ୍ପ ଇପ୍‌ସିତ ସ୍ଥାନ ଓ ଦାୟିତ୍ୱ ପାଇଲା। ଜନଧନ, ଆଧାର ଓ ମୋବାଇଲ ଏହି ତିନିଟିର ସମ୍ମିଶ୍ରଣରେ 'ଜାମ୍' କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଲା। ଏହି ବ୍ୟବସ୍ଥାରେ ୨୦୦ ନିୟୁତରୁ ଅଧିକ ଲୋକଙ୍କୁ ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇପାରିଲା। ସେମାନେ ବ୍ୟାଙ୍କରେ ଖାତା ଖୋଲିବା ସହ ସରକାରୀ ସୁବିଧା ସୁଯୋଗ ଓ ରିଆତିର ଲାଭ ସିଧାସଳଖ ପାଇଲେ। ସେମାନଙ୍କ ଆର୍ଥିକ ଲାଭ ବାଟମାରଣା ନ'ହୋଇ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଗଲା। ଫଳରେ ପ୍ରତ୍ୟକ୍ଷ ଲାଭ ଯୋଗାଣ ବ୍ୟବସ୍ଥା (ଡିବିଟି) ସାକାର ହୋଇଛି। କମନ ସର୍ଭିସ୍ ସେଣ୍ଟର (ସିଏସ୍‌ସି) କାର୍ଯ୍ୟକ୍ରମ ଦେଶର ୨,୫୦,୦୦୦ ପଞ୍ଚାୟତକୁ ସଂପ୍ରାସରିତ ହୋଇଥିବାବେଳେ ଗ୍ରାମାଞ୍ଚଳରେ ପ୍ରାୟ ୧୦ ଲକ୍ଷ ଲୋକ କର୍ମନିଯୁକ୍ତି ପାଇଛନ୍ତି। ସମସ୍ତଙ୍କୁ ସମାନୁପାତିକ ଭାବେ ଆର୍ଥିକ ସୁବିଧାସୁଯୋଗ ଯୋଗାଣ ଓ କର୍ମନିଯୁକ୍ତି ସୃଷ୍ଟିରେ ଟେକ୍‌ନୋଲୋଜିକୁ କିପରି ବ୍ୟବହାର କରାଯାଇପାରେ ଏହା ତାହାର ପ୍ରମାଣ।

ଏସବୁ ଉପଲବ୍ଧି ବେଶ୍ ଉତ୍ସାହଜନକ ଏବଂ ଡିଜିଟାଲ ଇଣ୍ଡିଆ ଓ ଡିଜିଟାଲ ଅର୍ଥନୀତି ସମ୍ପର୍କରେ ଆମକୁ ବିଶେଷ ଆଶାବାଦୀ କରାଏ। ତଥାପି ରାସ୍ତା ଏତେ ସୁଗମ ନୁହେଁ। ଉପଲବ୍ଧତା, ଉର୍ଜା ଓ ଟେକ୍‌ନୋଲୋଜିର ମୂଲ୍ୟ ଏ କ୍ଷେତ୍ରରେ ଆଉ ସମସ୍ୟା ନୁହେଁ। ଆମ କଳ୍ପନା ଓ ଆମର ଦୈନନ୍ଦିନ ଜୀବନରେ ସେସବୁର ସମ୍ମିଳନ, ସମୀକରଣ ବଡ଼ କଥା। ଏହାକୁ ସ୍ୱାଭାବିକ କାର୍ଯ୍ୟ ସମ୍ପାଦନ ଓ ଶାସନରେ ମଧ୍ୟ ସାମିଲ କରିବାକୁ ହେବ। ଏ କଥା ସତ ଯେ ଟେକ୍‌ନୋଲୋଜିର ଶକ୍ତି, ବିକାଶ ଓ ପରିବର୍ତ୍ତନ ଯେଉଁ ବେଗରେ ହେଉଛି ତାହା ସହିତ ଆମେ ଦୈନନ୍ଦିନ ଜୀବନ, ସାମାଜିକ କ୍ଷେତ୍ରରେ ତାଳମିଳାଇ ଉପଯୋଗ କରିବାକୁ ସମର୍ଥ ହୋଇପାରୁନୁ। ଆମର ଦାରିଦ୍ର୍ୟ, ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତାବିକାଶ, କୃଷି, ଉତ୍ପାଦକତା, ଆର୍ଥିକ ସମାବେଶ ଆଦି ବିଭିନ୍ନ କ୍ଷେତ୍ରରେ ସମସ୍ୟା ରହିଛି। ଏହା ସତ୍ତ୍ୱେ ଆମେ ଆଗକୁ ବଢ଼ିଛୁ ଓ ସମସ୍ୟାର ସମାଧାନ କରିବାରେ ଅନେକାଂଶରେ ସଫଳ ହୋଇପାରିଛୁ। ଗୋଟିଏ କଥା ଅଛି - "ଯେତେବେଳେ ଏକ ଅଦମନୀୟ ଶକ୍ତି (ଟେକ୍‌ନୋଲୋଜି ପଢ଼ନ୍ତୁ) ଏକ ଅଚଳ ବସ୍ତୁକୁ ଭେଟେ (ଆମ ସମସ୍ୟାବଳୀ ପଢ଼ନ୍ତୁ) ସେତେବେଳେ ସେ ବସ୍ତୁର ଜଡ଼ତା ଭଙ୍ଗ ହୁଏ।" ଏହି ଲଢ଼େଇରେ ଟେକ୍‌ନୋଲୋଜିର ବିଜୟ ହେବ ବୋଲି ମୁଁ ବାଜି ଲଗାଉଛି। ଆପଣଙ୍କ ମତ କ'ଣ?

**ଲେଖକ ହେଉଛନ୍ତି ଟେଲିକମ୍ ସଚିବ ଓ ଟେଲିକମ୍ ଆୟୋଗର ପୂର୍ବତନ ଅଧ୍ୟକ୍ଷ ଏବଂ ନାସ୍‌କମ୍‌ର ସଭାପତି।**

**Email id- rentala.chandrashekhar@gmail.com**

# ଦୂରସଞ୍ଚାର କ୍ଷେତ୍ରରେ ଡିଜିଟାଲ୍ ବିପ୍ଳବର ନିୟନ୍ତ୍ରଣ

ଡ. ଆର୍.ଏସ୍. ଶର୍ମା

ପୃଥିବୀ ପୃଷ୍ଠରେ ସମୟକ୍ରମେ ବିଭିନ୍ନ ବୈପ୍ଳବିକ ପରିବର୍ତ୍ତନ ଘଟିଛି । ବିଜ୍ଞାନର ଅଗ୍ରଗତି ସହ ସଭ୍ୟତାର ବିକାଶ ମଧ୍ୟ ଘଟିଛି । ବୈପ୍ଳବିକ ପରିବର୍ତ୍ତନ ଧାରାରେ ପ୍ରଥମେ ବାଷ୍ପଚାଳିତ ଇଂଜିନ୍ ଓ ପରେ ପରେ ବିଜ୍ଞାନ ଓ ଗଣ ଉତ୍ପାଦନ ଏବଂ ତା'ପରେ କମ୍ପ୍ୟୁଟର ଉଦ୍ଭାବନ ସମାଜକୁ ବିଜ୍ଞାନର ଗୋଟିଏ ଗୋଟିଏ ଅନବଦ୍ୟ ଅବଦାନ । ଡିଜିଟାଲ ବିପ୍ଳବକୁ ଏହି କ୍ରମରେ ଚତୁର୍ଥ ବିପ୍ଳବ/ପରିବର୍ତ୍ତନ କୁହାଯାଏ । ଡିଜିଟାଲ୍ ବିପ୍ଳବ ଜରିଆରେ ମାନବ ସମାଜର କଲ୍ୟାଣ ବହୁଗୁଣିତ ହୋଇଯାଇଛି । ବିଶ୍ୱବ୍ୟାପୀ ମାନବ ସମାଜର ସାମାଜିକ-ଅର୍ଥନୈତିକ ଓ ବୈଷୟିକ ଜ୍ଞାନକୌଶଳର ଅଭିବୃଦ୍ଧିକୁ ଡିଜିଟାଲ୍ ବିପ୍ଳବ ଶିଖର ଆଡକୁ ଆଗେଇ ନେଉଛି । ଏକ୍ଷେତ୍ରରେ ଏକାଧିକ କାରକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କମ୍ପ୍ୟୁଟର, ଦ୍ରୁତ ଇଣ୍ଟରନେଟ୍ ସେବା ଉପଲବ୍ଧତା, ନୂଆନୂଆ ଉତ୍ପାଦ ଓ ସେବାର ପ୍ରଚଳନ, ପରିଚାଳନାଗତ ଦକ୍ଷତା ଏବଂ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ସମ୍ବଳ ବଣ୍ଟନ ଇତ୍ୟାଦି ଯୋଗୁଁ ବ୍ୟବହାରକାରୀଙ୍କୁ ନିରନ୍ତର ଇଣ୍ଟରନେଟ୍ ସହ ଯୋଡ଼ିହୋଇ ରହିବାର ଆବଶ୍ୟକତା ସୃଷ୍ଟି କରିଛି ।

"ଦୂରସଂଚାର କ୍ଷେତ୍ରରେ ଗୋପନୀୟତା, ନିରାପତ୍ତା ଏବଂ ଡାଟାର ମାଲିକାନା" ପ୍ରସଙ୍ଗରେ 'ଟ୍ରାଇ'(TRAI) ସୁପାରିଶ ଅନୁସାରେ, "ଡିଜିଟାଲ ସେବା ପ୍ରଦାନ ପାଇଁ ବ୍ୟବହୃତ ପରିସର ବିଭିନ୍ନ କ୍ଷେତ୍ର ଯଥା-ଦୂରସଂଚାର ସେବା ପ୍ରଦାନକାରୀସମୂହ (TSPs), ବ୍ୟକ୍ତିଗତ ଉପକରଣ (ମୋବାଇଲ୍ ଫୋନ୍, ଟାବ୍‌ଲେଟ୍, ବ୍ୟକ୍ତିଗତ କମ୍ପ୍ୟୁଟର ଇତ୍ୟାଦି), M2M (ମେସିନ୍‌ରୁ ମେସିନ୍) ଉପକରଣ, ବେସ୍ ଟ୍ରାନ୍ସ ରିସିଭର୍ ଷ୍ଟେସନ୍, ରାଉଟର୍ ଓ ସ୍ୱିଚ୍‌କୁ ନେଇ ଗଠିତ ଯୋଗାଯୋଗ ନେଟ୍‌ୱର୍କ, ବ୍ରାଉଜର୍ସ, ଅପରେଟିଂ ସିଷ୍ଟମ୍ସ, ଓଭର ଦ ଟପ୍ ସର୍ଭିସ୍ ପ୍ରୋଭାଇଡର୍ସ(OTT), ଆପ୍ଲିକେସନ୍ସ ଇତ୍ୟାଦିକୁ ନେଇ ଗଠିତ । ସଭ୍ୟତାର ବିକାଶ ଅନୁସାରେ ପ୍ରତି ମୁହୂର୍ତ୍ତରେ ଡାଟା ବା ଇଣ୍ଟରନେଟ୍‌ର ବ୍ୟବହାର ବୃଦ୍ଧି ପାଉଛି । ଏହା ଏତେ କ୍ଷିପ୍ର ଗତିରେ ବଢୁଛି ଯେ ଇଣ୍ଟରନେଟ୍‌ର ବ୍ୟବହାର ବ୍ୟକ୍ତି ପାଇଁ ଏକ ମୌଳିକ ଆବଶ୍ୟକତା ହୋଇଗଲାଣି କହିଲେ ଭୁଲ୍ ହେବନାହିଁ । ଆକଳନ ଅନୁସାରେ ୨୦୧୩ ବର୍ଷରେ ମୋଟ ୪.୪ ଜେଟାବାଇଟ୍ସ ଡାଟା ସୃଷ୍ଟି ହୋଇଥିଲାବେଳେ ୨୦୨୦ ବେଳକୁ ଏହା ୪୪ ଜେଟାବାଇଟ୍ସ ଛୁଇଁବ । ଅର୍ଥାତ୍ ଏହି ସମୟ ମଧ୍ୟରେ ବାର୍ଷିକ ଡାଟା ସୃଷ୍ଟି ପରିମାଣ ୧୦ ଗୁଣ ବୃଦ୍ଧି ପାଇବା ଆଶା କରାଯାଉଛି । ଖାଲି ସେତିକି ନୁହେଁ, ୨୦୨୧ ସୁଦ୍ଧା ଆଇପି(IP) ନେଟ୍‌ୱର୍କ ସହ ସଂଯୋଜିତ ଉପକରଣ ସଂଖ୍ୟା ବିଶ୍ୱ ଜନସଂଖ୍ୟାର ପ୍ରାୟ ତିନିଗୁଣ ହେବ । ଏଠାରେ ଉଲ୍ଲେଖଯୋଗ୍ୟ, ଯୋଗାଯୋଗର ମାଧ୍ୟମ ସମ୍ପ୍ରତି ସମ୍ପୂର୍ଣ୍ଣ ଆନାଲଗ୍‌ରୁ ଡିଜିଟାଲ୍‌କୁ ପରିବର୍ତ୍ତିତ ହୋଇଯାଇଛି ଏବଂ ମୋବାଇଲ୍ ଜରିଆରେ ଯୋଗାଯୋଗ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛି ।

ଡିଜିଟାଲ ରୂପାନ୍ତରଣର ପୂରା ପରିସର ଉତ୍ପାଦିକା ଶକ୍ତି ଓ ଦକ୍ଷତା ବୃଦ୍ଧି ପାଇଁ ନୂଆ ନୂଆ ଉତ୍ପାଦ ଓ ସେବା ପ୍ରଦାନ କରିବା । ଡିଜିଟାଲ୍ ଉପକରଣଗୁଡ଼ିକର ସଂଯୋଗୀକରଣ ମୁଖ୍ୟତଃ ଟେଲିକମ୍ (ଦୂରସଂଚାର) ନେଟ୍‌ୱର୍କ ଯୋଗାଇଥାଏ । ଏଣୁ ଡିଜିଟାଲ୍ ବିପ୍ଳବକୁ ଆଗେଇ ନେବାରେ ଟେଲିକମ୍ କ୍ଷେତ୍ର ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ୍ ଅଟେ ।

### ଆହ୍ୱାନ:

ଗତ ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱରେ ବୈଷୟିକ ଜ୍ଞାନ କୌଶଳ କ୍ଷେତ୍ରରେ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି । ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧି ଏକ ପକ୍ଷରେ ଖାଉଟିମାନଙ୍କୁ ପୂର୍ବରୁ କାଳ୍ପନିକ ମନେହେଉଥିବା ସେବା ଓ ଉପକରଣ ବାସ୍ତବରେ ଯୋଗାଇ ଦେଇଥିଲାବେଳେ ଅନ୍ୟପଟରେ ଏସବୁର ବ୍ୟବହାର ଓ ନିୟନ୍ତ୍ରଣ ପରିସରକୁ ନେଇ ନୂଆ ନୂଆ ଆହ୍ୱାନ ମୁଣ୍ଡ ଟେକିଛି । ବିକଶିତ ହୋଇଥିବା ବିଭିନ୍ନ ପ୍ରୟୋଗ ଓ ସେବା ମଧ୍ୟରୁ ଅଧିକାଂଶ ମୋବାଇଲ୍ ସଂଯୋଗ ଆଧାରିତ । ଏଣୁ ଦୂରସଂଚାର ସେବା ଯୋଗାଣକାରୀ ଏବଂ ଦୂରସଂଚାର ନିୟାମକଙ୍କ ଭୂମିକା ଅଧିକରୁ ଅଧିକ ଆହ୍ୱାନପୂର୍ଣ୍ଣ ହେବା ସ୍ୱାଭାବିକ । ପରିଣାମ ସ୍ୱରୂପ ନୂଆ ସମ୍ଭାବନାକୁ ପ୍ରୋତ୍ସାହନ, ଖାଉଟିଙ୍କୁ ସୁରକ୍ଷା, ଶୃଙ୍ଖଳିତ ଭାବରେ ଶିଳ୍ପ ବିକାଶ ନିମନ୍ତେ ଉପଯୁକ୍ତ ପରିବେଶ ସୃଷ୍ଟି ସାଙ୍ଗକୁ ଅନିଚ୍ଛାକୃତ ଯୋଗାଯୋଗ ଛିନ୍ନ ହେବାର ପରିଣାମ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ନିୟାମକଙ୍କ ପାଇଁ ଏକ ଗୁରୁଦାୟିତ୍ୱ ।

ବିଶ୍ୱରେ ସମ୍ପ୍ରତି କୃତ୍ରିମ ବୁଦ୍ଧିମତା, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ (IoT), ଯନ୍ତ୍ର ଶିକ୍ଷଣ (ML), ଯନ୍ତ୍ରରୁ ଯନ୍ତ୍ର (M2M) ଯୋଗାଯୋଗ, ବୃହତ୍ ଡାଟା ସମୀକ୍ଷଣ, ବ୍ଲକ୍ ଚେନ୍ ଆଦି ନୂତନ ତଥା ସୃଜନଶୀଳ ଜ୍ଞାନକୌଶଳର ପରିସ୍ଫୁଟନ ହେଉଛି । ଏହି ସବୁ ଜ୍ଞାନକୌଶଳର ପରିପ୍ରକାଶ ଯୋଗୁ ଖାଉଟିମାନଙ୍କ ପାଇଁ ପରସ୍ପର ସହ ସମ୍ପର୍କ ସ୍ଥାପନର ନୂଆ ରାସ୍ତା ଓ ପଦ୍ଧତି ମଧ୍ୟ ଆତ୍ମପ୍ରକାଶ କରୁଛି । ନୂଆ ଜ୍ଞାନ କୌଶଳ ମଧ୍ୟ ନୂତନ ବ୍ୟବସାୟ ଏବଂ ସେହିସବୁ ବ୍ୟବସାୟ କାର୍ଯ୍ୟକ୍ଷମ ହେବାର କୌଶଳ ପାଇଁ ପଥ ପରିଷ୍କାର କରୁଛି ।

ନୂତନ ଜ୍ଞାନକୌଶଳର ଉଦ୍ଭାବନ ଓ ସେଗୁଡ଼ିକର ବ୍ୟାବସାୟୀକରଣ ଏତେ ତୀବ୍ର ଓ ଦ୍ରୁତ ହେଉଛି ଯେ ଏହାକୁ ନିୟନ୍ତ୍ରଣ କରିବା ବା ଏହା ଉପରେ ଅଙ୍କୁଶ ଲଗାଇବା କାଠିକର ପାଠ ହୋଇଛି । ନିୟନ୍ତ୍ରଣକୁ ଜାଣିଶୁଣି ଧୀର ମନ୍ଥର ଗତିରେ କରାଯାଇଥାଏ ଏବଂ ଏହା ଦୀର୍ଘକାଳ ପର୍ଯ୍ୟନ୍ତ ବଳବତ୍ତର ରହେ ବୋଲି ପୂର୍ବରୁ ପ୍ରଚଳିତ ମତବାଦକୁ ନୂଆ ନୂଆ ଜ୍ଞାନକୌଶଳ ଉଦ୍ଭାବନର କ୍ଷିପ୍ରତା ଏକପ୍ରକାର ବଦଳାଇ ଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ

ଆଜିର ନିୟାମକଙ୍କୁ ମଧ୍ୟ ପ୍ରଯୁକ୍ତି ଆଧାରିତ ବିକାଶଶ ସହ ତାଳ ଦେବାକୁ ହେବ। ପାରମ୍ପରିକ ନିୟାମକ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ବସ୍ତୁତଃ ନିମ୍ନ ପ୍ରକାରରେ ବିଭକ୍ତ କରାଯାଇପାରେ। ସେଗୁଡ଼ିକ ହେଲା:-

**(କ) ବ୍ୟାବସାୟିକ ଆହ୍ୱାନ:** ଏଗୁଡ଼ିକ ବେଗ ଆଧାରିତ ସମସ୍ୟା ଅଟେ ଅର୍ଥାତ୍ ନିୟାମକଙ୍କ ମନ୍ଥର ଗତି ଖୁବ୍ ଶୀଘ୍ର ଅପ୍ରାସଙ୍ଗିକ ହୋଇଯାଇପାରେ ଏବଂ ସଅଳ ନିୟମାବଳୀ ପ୍ରଣୟନ ନବସୃଜନର ବାଧକ ମଧ୍ୟ ହୋଇପାରେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ବିଚ୍ଛିନ୍ନ ବ୍ୟବସାୟ ମଡେଲ ଯେଉଁଠାରେ ନୂଆ ବ୍ୟବସାୟ ଏକାଧିକ ନିୟାମକଙ୍କ ହସ୍ତକ୍ଷେପ ଆବଶ୍ୟକ କରିଥାଏ।

**(ଖ) ବୈଷୟିକ ଆହ୍ୱାନ:** ଏଗୁଡ଼ିକ ଅସରନ୍ତି ଏବଂ ପରିବର୍ତ୍ତନଶୀଳ ଅର୍ଥାତ୍ ଡାଟା ସମ୍ପର୍କିତ, ଡିଜିଟାଲ୍ ଗୋପନୀୟତା ଓ ସୁରକ୍ଷା, ଡାଟା ମାଲିକାନା, ଏଆଇ ଆଧାରିତ ଚ୍ୟାଲେଞ୍ଜ୍ ଇତ୍ୟାଦି ଅଟେ।

ଆଜିର ଦୂରସଂଚାର କ୍ଷେତ୍ରରେ ଏକ ଅନ୍ୟତମ ଆହ୍ୱାନ ହେଲା ଏକସମୟରେ ପାରମ୍ପାରିକ ଏବଂ ନୂତନ ଡିଜିଟାଲ ନେଟ୍‌ୱର୍କକୁ ନିୟନ୍ତ୍ରଣ କରିବା। ଏଥିପାଇଁ ନୂତନ ନିୟନ୍ତ୍ରଣ ଢାଞ୍ଚା ଆବଶ୍ୟକ ହୋଇଥାଏ ଯାହା ନିରନ୍ତର ସହାବସ୍ଥାନ ସହିତ ସ୍ଥାନାନ୍ତରଣକୁ ସୁଗମ କରିଥାଏ।

ଭାରତ ବିଶ୍ୱରେ ଦ୍ୱିତୀୟ ବୃହତ୍ତମ ବଜାର ଅଟେ। ଯଦିଓ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ର ଦ୍ୱାରା ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ତଥାପି ଏକ ସିଂହଭାଗ ଲୋକ ଇଣ୍ଟରନେଟ୍ ସଂଯୋଗରୁ ଏବେବି ବଞ୍ଚିତ ଅଛନ୍ତି। ସେମାନଙ୍କୁ ଏହି ପରିସରକୁ ଆଣିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ସରକାର ହାତକୁ ନେଉଛନ୍ତି। ସଚେତନତାର ପ୍ରସାର ସହିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଇଣ୍ଟରନେଟ୍ ସହ ଯୋଡ଼ିବା ହେଉଛି ଦେଶର ସାମାଜିକ-ଅର୍ଥନୈତିକ ଢାଞ୍ଚା ପରିବର୍ତ୍ତନର ପ୍ରମୁଖ ମାଧ୍ୟମ।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର ସହ ନୂତନ ବ୍ୟବସାୟ ଓ ସେବା ଆତ୍ମପ୍ରକାଶ କରୁଥିବାରୁ ସରକାରୀ ସ୍ତରରେ ନିୟମ ପରିବର୍ତ୍ତନ, ସେସବୁକୁ ଠିକଣା ଢଙ୍ଗରେ କାର୍ଯ୍ୟକାରୀ କରିବା ଏବଂ ତ୍ୱରିତ ବେଗରେ ତାହା ଲୋକଲୋଚନକୁ ଆଣିବା ଆବଶ୍ୟକ ହୋଇଥାଏ। ନୂତନ ଜ୍ଞାନକୌଶଳକୁ ପାରମ୍ପାରିକ ଢାଞ୍ଚା ସହ ଖାପ ଖୁଆଇବା ନିୟାମକଙ୍କ କେବଳ ମାତ୍ର ଦାୟିତ୍ୱ ନୁହେଁ, ଅଭିନବତାକୁ ପ୍ରୋତ୍ସାହିତ କରିବା ମଧ୍ୟ ଅନୁରୂପ ଦାୟିତ୍ୱ ଅଟେ।

ନୂତନ ଜ୍ଞାନକୌଶଳକୁ ଦୃଷ୍ଟିରେ ରଖି ସାମ୍ପ୍ରତିକ ନିୟମ ପ୍ରସ୍ତୁତିରେ କୌଣସି ନିୟାମକ ନିମ୍ନଲିଖିତ ପନ୍ଥାଗୁଡ଼ିକୁ ବିଚାରକୁ ନେଇଥାନ୍ତି:

(କ) ସାମଞ୍ଜସ୍ୟ ନିୟମ: ଏକ କଠୋର ନିୟାମକ ଢାଞ୍ଚା ସୃଜନଶକ୍ତି ଓ ଶିଳ୍ପ ବିକାଶର ପରିପନ୍ଥୀ ସାବ୍ୟସ୍ତ ହୋଇପାରେ। ତେବେ ସାମଞ୍ଜସ୍ୟ ବଜାୟ ରଖୁଥିବା ନିୟାମକ, ସୃଜନଶୀଳତାକୁ ପ୍ରୋତ୍ସାହନ ଯୋଗାଇବା ସହିତ ଶିଳ୍ପ ବିକାଶ ପାଇଁ ଏକ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରେ ଓ ଖାଉଟିଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ନିୟନ୍ତ୍ରଣ କରିବାରେ ସରକାରଙ୍କୁ ସହାୟତା କରିଥାଏ।

(ଖ) ପରୀକ୍ଷାମୂଳକ ନିୟମାବଳୀ ବ୍ୟବହାର:- ନିୟମ ଜାରି କରାଯିବା ପୂର୍ବରୁ ବୈଷୟିକ ଜ୍ଞାନକୌଶଳ ଉପରେ ଏହାର ପ୍ରଭାବ ଆକଳନ କରାଯାଇଥାଏ। ଟ୍ରାଇ ପକ୍ଷରୁ ଏହା ପ୍ରତ୍ୟେକଟି ନିୟମର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପରେ ତାହା ଲାଗୁ କରାଯାଏ।

(ଗ) ସହଯୋଗାତ୍ମକ ନିୟମାବଳୀ: ପୂର୍ବରୁ ବର୍ଣ୍ଣନା କରାଯାଇଥିବା ପରି ସାମ୍ପ୍ରତିକ ଉତ୍ପାଦ ଓ ସେବା ଏକାଧିକ ନିୟାମକଙ୍କ ଦ୍ୱାରା ନିୟନ୍ତ୍ରିତ ହେବା ଆବଶ୍ୟକ ହୋଇଥାଏ। ଏଣୁ ଏକ ସହଯୋଗାତ୍ମକ ନିୟନ୍ତ୍ରଣ ପନ୍ଥା ଅବଲମ୍ବନ କରାଯାଇପାରେ। ଏହାଦ୍ୱାରା ସମୟ, ଶ୍ରମ ଓ ବ୍ୟୟଭାର ହ୍ରାସ ହୋଇଥାଏ।

ତେଣୁ ଜଣେ ନିୟାମକ ବିଶ୍ୱବ୍ୟାପୀ ନିୟମାବଳୀର ବର୍ତ୍ତମାନର ସ୍ଥିତି ସଂକ୍ରାନ୍ତରେ ଅବଗତ ହେବା, ନିୟନ୍ତ୍ରଣ ପାଇଁ ଠିକଣା ସମୟକୁ ଅପେକ୍ଷା କରିବା ଏବଂ ଅଭିନବ ଜ୍ଞାନକୌଶଳ ପ୍ରତି ଏକ ସାମଞ୍ଜସ୍ୟ ଆଭିମୁଖ୍ୟ ଅବଲମ୍ବନ କରିବା ଉଚିତ୍।

**ଟ୍ରାଇରେ ଅଭିଜ୍ଞତା:**

ବିଶ୍ୱବ୍ୟାପୀ ଆଇସିଟି ନିୟାମକମାନେ ନୂତନ ଜ୍ଞାନକୌଶଳ ସହ ତାଳମିଳାଇ ଚାଲୁଛନ୍ତି। ସେହିପରି ଭାରତରେ ଦୂରସଂଚାର କ୍ଷେତ୍ରରେ ଡିଜିଟାଲ ବିପ୍ଳବକୁ ନିୟନ୍ତ୍ରଣ କରିବା ପାଇଁ ଗତ ପାଞ୍ଚବର୍ଷ ମଧ୍ୟରେ ଟ୍ରାଇ ଅନେକ ଆଖିଦୃଶିଆ ପଦକ୍ଷେପମାନ ଗ୍ରହଣ କରିଛି। କ୍ଲାଉଡ୍ କମ୍ପ୍ୟୁଟିଂ, M2M କମ୍ୟୁନିକେସନ୍ସ, ନେଟ୍ ନ୍ୟୁଟ୍ରାଲିଟୀ, ଇଣ୍ଟରନେଟ୍ ଟେଲିଫୋନୀ, WANI(ୱାନି) ଆର୍କିଟେକ୍‌ଚର ବ୍ୟବହାର ଜରିଆରେ ନ୍ୟାସନାଲ୍ ୱାଇ-ଫାଇ ଗ୍ରୀଡ୍ ଏବଂ 'ଗୋପନୀୟତା, ନିରାପତ୍ତା ଓ ଟେଲିକମ୍ ସେକ୍ଟରରେ ଡାଟା ମାଲିକାନା' ପ୍ରସଙ୍ଗରେ ଏହା ସରକାରଙ୍କୁ ଅନେକ ସୁପାରିଶ କରିଛି। ଖାଉଟିଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଟ୍ରାଇ ମଧ୍ୟ ବିଭିନ୍ନ ଆପ୍ସ ଯଥା- ଡାଟା ବେଗ ମାପିବା ପାଇଁ ମାଇଁ ସ୍ପିଡ୍ ଆପ୍, ଭଏସ୍ କଲ୍ କ୍ୱାଲିଟୀ ରିପୋର୍ଟ ନିମନ୍ତେ ମାଇଁକଲ୍ ଆପ୍ ଏବଂ  ଅଯାଚିତ ମେସେଜ୍ ଓ କଲ୍ ଜରିଆରେ ସୃଷ୍ଟ ଟ୍ରାଫିକ୍‌କୁ ରୋକିବା ପାଇଁ ଡୁ ନଟ୍ ଡିଷ୍ଟର୍ବ ଆପ୍‌ର ପ୍ରଚଳନ କରିଛି। ସଦ୍ୟତମ ଘଟଣାକ୍ରମରେ ଟେଲିଯୋଗାଯୋଗ ସେବା ନିମନ୍ତେ ବିଭିନ୍ନ ସେବା ପ୍ରଦାନକାରୀଙ୍କ ଶୁଳ୍କର ତୁଳନାତ୍ମକ ଉପସ୍ଥାପନ ପାଇଁ ଟ୍ରାଇ ଏକ ଅନ୍‌ଲାଇନ୍ ପୋର୍ଟାଲ୍ ମଧ୍ୟ ଆରମ୍ଭ କରିଛି। ପ୍ରସାରଣ ଓ କେବୁଲ୍ ସେବା କ୍ଷେତ୍ରରେ ମଧ୍ୟ ଟ୍ରାଇ ପୂର୍ଣ୍ଣରୂପେ ନିୟାମକ ଢାଞ୍ଚାର ପରିବର୍ତ୍ତନ କରିଛି। ନୂତନ ଢାଞ୍ଚା ଖାଉଟିଙ୍କୁ ସୁଲଭ ମୂଲ୍ୟରେ ନିଜ ପସନ୍ଦର ଉତ୍ପାଦ ଚୟନ କରିବାରେ ସାହାଯ୍ୟ କରିବ।

**ଉପସଂହାର:**

ଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱବ୍ୟାପୀ ଦୂରସଂଚାର କ୍ଷେତ୍ରରେ ବଡ଼ଧରଣର ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ଭାରତ ମଧ୍ୟ ଏକ୍ଷେତ୍ରରେ ପଛରେ ନାହିଁ। ସମ୍ପ୍ରତି ମୋବାଇଲ୍ କନେକ୍ଟିଭିଟୀ, ସୋସିଆଲ୍ ମିଡିଆ, ଡାଟା ଆନାଲିଟିକ୍ସ, କ୍ଲାଉଡ୍ କମ୍ପ୍ୟୁଟିଂ ଇତ୍ୟାଦି ଆଧାରରେ ନୂତନ ଜ୍ଞାନ କୌଶଳ ଓ ସେବା  ପ୍ରସ୍ତୁତ କରାଯାଉଛି। ଏହିସବୁ ଜ୍ଞାନକୌଶଳ ଓ ସେବା ଭୌଗୋଳିକ ସୀମାରେଖା ସଂକୁଚିତ କରିବା ସହ ଆକର୍ଷଣୀୟ ବ୍ୟାବସାୟିକ ପ୍ରତିରୂପ ପ୍ରସ୍ତୁତି, ନିଯୁକ୍ତି ସୁଯୋଗ ସୃଷ୍ଟି, ନାଗରିକଙ୍କ ସଶକ୍ତିକରଣ ଓ ଭାରତ ପ୍ରତି ବିଶ୍ୱର ପ୍ରମୁଖ ଦୂରସଂଚାର ବ୍ୟବସାୟୀଙ୍କୁ ଆକର୍ଷିତ କରୁଛି। ସମ୍ପ୍ରତି ଟ୍ରାଇର ଯେ କେବଳ ମାତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଡିଜିଟାଲ ବିପ୍ଳବକୁ ନିୟନ୍ତ୍ରିତ କରିବା ତା' ନୁହେଁ, ନୂତନ ଜ୍ଞାନ କୌଶଳକୁ ତାଳମେଳ ସହ ନିୟନ୍ତ୍ରିତ କରିବାରେ ମଧ୍ୟ ଏହା ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

**ଲେଖକ ହେଉଛନ୍ତି ଭାରତୀୟ ଦୂରସଂଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ)ର ଅଧ୍ୟକ୍ଷ।**

**Email id- cp@trai.gov.in**

### ଆପଣ ଜାଣନ୍ତି କି ?

# ଡିଜିଟାଲ ଦସ୍ତଖତ

ଡିଜିଟାଲ ଦସ୍ତଖତ ବା ଇ-ସାଇନ୍ ହେଉଛି ଏକ ଅନ୍‌ଲାଇନ୍ ଦସ୍ତଖତ ସେବା। ଏହା ଭାରତ ସରକାରଙ୍କ ଛାମୁଆ କାର୍ଯ୍ୟକ୍ରମ 'ଡିଜିଟାଲ ଇଣ୍ଡିଆ'ର ଏକ ଅଂଶବିଶେଷ ଯାହା ଭାରତକୁ ଡିଜିଟାଲ ଦୃଷ୍ଟିରୁ ସଶକ୍ତ ସମାଜ ଏବଂ ଜ୍ଞାନ ଅର୍ଥନୀତିରେ ରୂପାନ୍ତରିତ/ ପରିଣତ କରିବାର ଲକ୍ଷ୍ୟ ବହନ କରେ। ଇ-ସାଇନ୍ ସେବାର ଉଦ୍ଦେଶ୍ୟ ହେଉଛି ନାଗରିକମାନଙ୍କୁ ସେମାନଙ୍କ ନଥିପତ୍ରରେ ସୁରକ୍ଷିତ ଭାବରେ ଆଇନ୍‌ଗତ ଦୃଷ୍ଟିରୁ ଗ୍ରହଣୀୟ ଏକ ଫର୍ମରେ ତତ୍କାଳ ଦସ୍ତଖତ କରିବା ନିମନ୍ତେ ଅନ୍‌ଲାଇନ୍ ସେବା ଯୋଗାଇ ଦେବା।




ଆମ୍ଭେମାନେ ଜାଣିଛେ ଯେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଉଥିବା ଅନେକଗୁଡ଼ିଏ ଆବେଦନ ପତ୍ର ବା ଫର୍ମ୍ ସେମାନଙ୍କର ସଶରୀରେ ଉପସ୍ଥିତ ଦସ୍ତଖତ ଆବଶ୍ୟକ କରିଥାଏ। ଏକ ଡିଜିଟାଲ ଦସ୍ତଖତ ପାରମ୍ପରିକ କାଗଜଭିତ୍ତିକ ଦସ୍ତଖତକୁ ଏକ 'ଇଲେକ୍ଟ୍ରୋନିକ୍ ଆଙ୍ଗୁଠି ଛାପ'ରେ ପରିଣତ କରିଦିଏ। ଏହି 'ଆଙ୍ଗୁଠି ଛାପ' ବା କୋଡ୍ ଉଭୟ କାଗଜପତ୍ର ଏବଂ ଦସ୍ତଖତକାରୀଙ୍କ ନିମନ୍ତେ ସ୍ୱତନ୍ତ୍ରତା ବହନ କରିଥାଏ। ଡିଜିଟାଲ ଦସ୍ତଖତର କେତେକ ମୌଳିକ ବୈଶିଷ୍ଟ୍ୟ ହେଉଛି ନିର୍ବିବାଦୀୟତା, ସଙ୍କୋଚତା ଏବଂ ବୈଧତା। ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଇନ୍ ୨୦୦୦ ଡିଜିଟାଲ ଦସ୍ତଖତକୁ ଆବଶ୍ୟକୀୟ ଆଇନଗତ ମାନ୍ୟତା ପ୍ରଦାନ କରିଛି। ଏହି ଆଇନର ଧାରା ୧୮ ଅନୁଯାୟୀ, ଡିଜିଟାଲ ଦସ୍ତଖତଗୁଡ଼ିକୁ ହାତଲେଖା ଦସ୍ତଖତ ସହିତ ସମାନ ଭାବରେ ଗ୍ରହଣ କରାଯାଏ ଏବଂ ଯେଉଁ ଇଲେକ୍ଟ୍ରୋନିକ୍ ନଥିପତ୍ରଗୁଡ଼ିକରେ ଡିଜିଟାଲ୍ ଦସ୍ତଖତ କରାଯାଇଥାଏ, ସେଗୁଡ଼ିକୁ କାଗଜପତ୍ରରେ କରାଯାଇଥିବା ଦସ୍ତଖତ ସହିତ ସମାନ ଭାବରେ ଗ୍ରହଣ କରାଯାଇଥାଏ। ସଂକ୍ଷେପରେ କହିଲେ, ଏକ ଡିଜିଟାଲ ଦସ୍ତଖତ ହାତଲେଖା ଦସ୍ତଖତ ଭଳି ସମାନ କାର୍ଯ୍ୟ କରିଥାଏ।

ଡିଜିଟାଲ ଦସ୍ତଖତ ପ୍ରମାଣପତ୍ର ଏବଂ ଇ- ଦସ୍ତଖତ କାଗଜପତ୍ରଗୁଡ଼ିକ ହାସଲ କରିବାର ପୂର୍ବ ପ୍ରଣାଳୀଗୁଡ଼ିକ ଜଟିଳ ଥିଲା। ଏହାକୁ ଅଧିକ ସହଜ ଓ ବ୍ୟବହାରକାରୀ ଅନୁକୂଳ କରିବା ନିମନ୍ତେ ଜାନୁଆରୀ ୨୦୧୫ରେ ସରକାର ଏକ ପଦ୍ଧତି ଘୋଷଣା କଲେ ଯାହା ପ୍ରମାଣପତ୍ର କର୍ତ୍ତୃପକ୍ଷଙ୍କୁ ସେହିସବୁ ନାଗରିକ, ଯେଉଁମାନଙ୍କର ଆଧାର ଆଇଡି ଅଛି, ସେମାନଙ୍କୁ ଇ-ସାଇନ୍ ସେବା ଯୋଗାଇ ଦେବା କାର୍ଯ୍ୟକୁ ସୁଗମ କରିଦେଲା।

ବର୍ତ୍ତମାନ ଏକ ଖୋଲା ଏପିଆଇ (ଆପ୍ଲିକେସନ୍ ପ୍ରୋଗ୍ରାମ୍ ଇଣ୍ଟରଫେସ୍) ଜରିଆରେ ଇ-ସାଇନ୍‌କୁ ସେବା ପ୍ରଦାନକାରୀ ପ୍ରୟୋଗଗୁଡ଼ିକରେ ଯୋଡ଼ିହେବ। ଏହା ଆଧାର ନମ୍ବରଧାରୀ ଜଣେ କାର୍ଡ ଧାରକଙ୍କୁ ଏକ କାଗଜପତ୍ରରେ ଡିଜିଟାଲ୍ ଦସ୍ତଖତ କରିବାର

କାର୍ଯ୍ୟକୁ ସୁଗମ କରାଇ ଥାଏ। ବ୍ୟବହାରକାରୀଙ୍କୁ ଡିଜିଟାଲ ଦସ୍ତଖତ କରାଯାଇଥିବା କାଗଜପତ୍ର ଏବଂ ଡିଜିଟାଲ ଦସ୍ତଖତ କରାଯାଇଥିବା ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ। ଏହି ପଦ୍ଧତିରେ ଦୁଇଗୋଟି ପ୍ରମୁଖ ଆହ୍ୱାନ ଥିଲା- ବ୍ୟବହାରକାରୀଙ୍କର ବୈଧତା ଏବଂ ଦସ୍ତଖତ କରିବାର ବିଶ୍ୱସନୀୟ ପ୍ରଣାଳୀ। ପ୍ରଥମ ଆହ୍ୱାନକୁ ସମାଧାନ କରିବା ନିମନ୍ତେ ଆଧାରଭିତ୍ତିକ ବୈଧତାକୁ ଗ୍ରହଣ କରାଯାଉଛି ଏବଂ ପବ୍ଲିକ୍ କି ଇନ୍‌ଫ୍ରାଷ୍ଟ୍ରକ୍‌ଚର୍‌କୁ ସୁରକ୍ଷିତ ଭାବରେ ତଥା ବିଶ୍ୱାସକୁ ପ୍ରତିଷ୍ଠା କରିବା ନିମନ୍ତେ ବ୍ୟବହାରକାରୀ କାଗଜପତ୍ରରେ ଦସ୍ତଖତ କରିବା ପାଇଁ ବ୍ୟବହାର କରାଯାଉଛି।

**ଇ-ସାଇନ୍ (ଇ-ଦସ୍ତଖତ) ସେବାର ଲାଭ ସମୂହ**

**୧. ସୁରକ୍ଷିତ ଅନ୍‌ଲାଇନ୍ ସେବା**

ଇ-ସାଇନ୍ ସେବା ଭରସାଯୋଗ୍ୟ ତୃତୀୟ ପକ୍ଷ ସେବା ପ୍ରଦାନକାରୀମାନଙ୍କ ଦ୍ୱାରା ପ୍ରଦାନ କରାଯାଉଛି ଯଥା, କଣ୍ଟ୍ରୋଲର ଅଫ୍ ସାର୍ଟିଫାଇଙ୍ଗ୍ ଅଥରିଟିଜ୍ (ସିସିଏ)ଙ୍କ ଅଧୀନରେ ଆଇଟି ଆଇନ୍ ଅନୁସାରେ ଲାଇସେନ୍ସ ପାଇଥିବା ପ୍ରମାଣପତ୍ର ଅଧିକାରୀ (ସିଏ)ଙ୍କଦ୍ୱାରା। ସି- ଡାକ୍ ସିଏର ଭୂମିକା ନିର୍ବାହ କରୁଛି ଏବଂ ସମଗ୍ର ଦସ୍ତଖତ ପ୍ରକ୍ରିୟାରେ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ସୁରକ୍ଷା ପଦକ୍ଷେପଗୁଡ଼ିକ ଯୋଗାଇ ଦେଇଛି।

୨. ବ୍ୟକ୍ତିଗତ ଯାଞ୍ଚର ଆବଶ୍ୟକତା ନାହିଁ

ଏକ ବ୍ୟକ୍ତିଗତ ପରିଦର୍ଶନ ଦ୍ୱାରା ଯାଞ୍ଚ ଆବଶ୍ୟକ କରୁଥିବା, ଯାହା ଅନେକ ଅସୁବିଧାଜନକ ହେଉଥିଲା, ସେମିତି ପାରମ୍ପରିକ ସିଏ ଭଳି ନହୋଇ ଇ-ସାଇନ୍ ଅନ୍- ଲାଇନ୍‌ଭିତ୍ତିକ ଯାହା ଆଧାରଭିତ୍ତିକ ବୈଧତା ଉପରେ ଆଧାରିତ ସେବା ପ୍ରଦାନ କରିଥାଏ।

୩. ହାର୍ଡ୍‌ୱେର ଟୋକେନ୍‌ର ଆବଶ୍ୟକତା ନାହିଁ

ଇ-ସାଇନ୍ ଏକ ଅନ୍‌ଲାଇନ୍ ସେବା ଏବଂ ଏହି ସେବାରେ ହାର୍ଡ୍‌ୱେର- ଟୋକେନ୍‌ର ଆଉ ଆବଶ୍ୟକତା ନାହିଁ।

୪. ବୈଧ ସିଦ୍ଧ କରିବା ନିମନ୍ତେ ବହୁମୁଖୀ ଉପାୟ

ଇ-ସାଇନ୍ ସେବା ବୈଧତା ପ୍ରଦାନ କରିଥାଏ ଯାହା ଅନେକଗୁଡ଼ିଏ ଉପାୟ ଉପରେ ପର୍ଯ୍ୟବସିତ ହୋଇଥାଏ ଯଥା ୱାନ୍ ଟାଇମ୍ ପାସ୍‌ୱାର୍ଡ୍ (ଓଟିପି, ଆଧାର ଡାଟାବେସ୍‌ରେ ପଞ୍ଜୀକୃତ ମୋବାଇଲ ଜରିଆରେ ଗୃହୀତ) ବା ବାୟୋମେଟ୍ରିକ୍ (ଆଙ୍ଗୁଠି ଛାପ ବା ଆଇଆର୍‌ଆଇଏସ୍ ସ୍କାନ୍)। ସମ୍ପ୍ରତି ଓଟିପି ଭିତ୍ତିକ ବୈଧୀକରଣକୁ କାର୍ଯ୍ୟରେ ଲଗାଯାଉଛି।

୫. ବ୍ୟକ୍ତିଗତ ଗୋପନୀୟତା ରକ୍ଷା କରାଯାଇଥାଏ

ଇ-ସାଇନ୍ ସେବା ସମଗ୍ର ଡକ୍ୟୁମେଣ୍ଟ ବା ନଥିପତ୍ର ପରିବର୍ତ୍ତେ କେବଳ ଡକ୍ୟୁମେଣ୍ଟର ହ୍ୟାସ୍ ଆବଶ୍ୟକ କରି ଦସ୍ତଖତକାରୀଙ୍କ ବ୍ୟକ୍ତିଗତ ଗୋପନୀୟତାକୁ ସୁନିଶ୍ଚିତ କରାଇ ଥାଏ।

ଆଇଟି ଆଇନ୍ ଆହୁରି ମଧ୍ୟ କଣ୍ଟ୍ରୋଲର ଅଫ୍ ସାର୍ଟିଫାଇଙ୍ଗ୍ ଅଥରିଟିଜ୍ (ସିସିଏ)ଙ୍କୁ ସାର୍ଟିଫାଇଙ୍ଗ୍ ଅଥରିଟିଜ୍ ବା ପ୍ରମାଣପତ୍ର ପ୍ରଦାନକାରୀ କର୍ତ୍ତୃପକ୍ଷମାନଙ୍କୁ ଲାଇସେନ୍ସ ପ୍ରଦାନ କରିବା ଏବଂ ନିୟନ୍ତ୍ରଣ କରିବାର ସାମର୍ଥ୍ୟ ପ୍ରଦାନ କରିଛି। ପ୍ରମାଣପତ୍ର ଅଧିକାରୀମାନେ (ସିଏଜ୍) ବ୍ୟବହାରକାରୀମାନଙ୍କର ଇଲେକ୍ଟ୍ରୋନିକ୍ ବୈଧତା ସିଦ୍ଧ କରିବା ନିମନ୍ତେ ଡିଜିଟାଲ ଦସ୍ତଖତ ହୋଇଥିବା ପ୍ରମାଣପତ୍ର ପ୍ରଦାନ କରନ୍ତି।



# ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପର ଶିଳାନ୍ୟାସ ଓ ବିଡିଂ ପର୍ଯ୍ୟାୟର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ




ଗ୍ୟାସ୍ ଆଧାରିତ ଅର୍ଥନୀତି ସହ ଜଡିତ ଲକ୍ଷ୍ୟ ହେଉ ବା ସ୍ୱଚ୍ଛ ଇନ୍ଧନର ଲକ୍ଷ୍ୟ ହେଉ, ଏହି ଲକ୍ଷ୍ୟଗୁଡିକୁ ଭାରତକୁ ହାସଲ କରିବାକୁ ହେବ । ଏହା କେବଳ ନିଜ ପାଇଁ ନୁହେଁ ସମଗ୍ର ମାନବତା ଓ ଆଗାମୀ ପୀଢିମାନଙ୍କ ପାଇଁ ଜରୁରୀ । ଆମେ ଏହି ସଂକଳ୍ପ ନେଇଛୁ ଓ ଏହି ସଂକଳ୍ପକୁ ପୂରଣ କରିବା ଆମର ଦାୟିତ୍ୱ । ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି । ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ସିଟି ଗ୍ୟାସ ବିତରଣ ପ୍ରକଳ୍ପର ଶିଳାନ୍ୟାସ ଓ ବିଡିଙ୍ଗ ପର୍ଯ୍ୟାୟର ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

ସେ କହିଛନ୍ତି ଯେ ସ୍ୱଚ୍ଛ ଇନ୍ଧନ ପାଇଁ ସରକାରଙ୍କର ପ୍ରୟାସର ବିସ୍ତାର ଖୁବ ବ୍ୟାପକ । ଆମର କୃଷିରୁ ଯେଉଁ ବର୍ଜ୍ୟ ବାହାରୁଛି

# ସାମ୍ପ୍ରତୀକି

ସେଥିରୁ କଂପ୍ରେସ୍ଡ ବାୟୋ ଗ୍ୟାସ୍ ନିର୍ମାଣ କରିବା ଦିଗରେ ସରକାର ଅଭିଯାନ ଆରମ୍ଭ କରିଛନ୍ତି। ଆଗାମୀ ପାଂଚ ବର୍ଷ ମଧ୍ୟରେ ଦେଶରେ ୫ ହଜାର କଂପ୍ରେସଡ ବାୟୋଗ୍ୟାସ ପ୍ଲାଂଟର ସ୍ଥାପନା କରା ଯିବ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଯେତେବେଳେ ସହରରେ ଗ୍ୟାସ ପହଂଚିଥାଏ ସେତେବେଳେ ଏକ ନୂଆ ଇକୋ ସିଷ୍ଟମର ନିର୍ମାଣ ହୋଇଥାଏ। ସେହି ସହରରେ ଗ୍ୟାସ ଆଧାରିତ ଶିଳ୍ପ ସ୍ଥାପନାର ସମ୍ଭାବନା ବଢ଼ିଥାଏ । ପାଇପ ବିଛାଇବା ପାଇଁ ହଜାର ହଜାର ଯୁବକଙ୍କୁ ରୋଜଗାର ମିଳିଥାଏ।

ଏ ଅବସରରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏକ ସ୍ୱଚ୍ଛ ଭାରତ ବନାଇବା ସହ ଏକ ଗ୍ୟାସ ଅର୍ଥନୈତିକ ଆଧାରର ଦେଶ ବନାଇବାର ଲକ୍ଷ୍ୟ ରହିଛି । ଦେଶର ଅର୍ଥନୀତିର ବିକାଶ, ନୂଆ ଯୁବକ ମାନଙ୍କୁ ରୋଜଗାର ଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିବଦ୍ଧତା ସହ କାମ କରୁଛନ୍ତି । ତାଙ୍କ ନେତୃତ୍ୱରେ ଆଜି କ୍ଷେତବାଡ଼ିର ବର୍ଜ୍ୟବସ୍ତୁ, ଜଙ୍ଗଲ ବଜ୍ୟବସ୍ତୁରୁ କଂପ୍ରେସଡ ନାଚୁରାଲ ଗ୍ୟାସ ବନାଯାଇ ପାରିଛି । ଏହା ଆଉ ଏକ 'ସବ୍‌କା ସାଥ୍ ସବ୍‌କା ବିକାଶ' କାର୍ଯ୍ୟକ୍ରମ । ଯେଉଁଥିରେ ସ୍ୱଚ୍ଛଭାରତର ମନ୍ତ୍ର ଲୁଚି ରହିଛି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜି ହେଉଛି ଦେଶ ପାଇଁ ଐତିହାସିକ ମୂହର୍ତ୍ତ। ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଦାୟିତ୍ୱ ନେବାପରେ ପରିବେଶ ଖରାପ ହେବାକୁ ନେଇ ଚିନ୍ତାପ୍ରକଟ କରିଥିଲେ । ଆଜି ପରିବେଶକୁ ସୁଧାର ରଖିବାରେ ଭାରତ ଆଗରେ ରହିଛି । ସାରା ବିଶ୍ୱର ନାଗରିକ ଯେତେବେଳେ ପରିବେଶକୁ ନେଇ ଚିନ୍ତା ପ୍ରକଟ କରୁଥିଲା ସେତେବଳେ ପ୍ରଧାନମନ୍ତ୍ରୀ ଏହାକୁ ସଫଳତାର ସହ କାମରେ କରି ଦେଖାଇଥିଲେ । ଏହା କେବଳ ନାରା କିମ୍ବା ଭାଷଣ ନଥିଲା ଏହା ଥିଲା ପ୍ରଧାନମନ୍ତ୍ରୀଙ୍କର ପ୍ରତିବଦ୍ଧତା । ସେ ଏଲିଇଡି ବଲ ଯୋଜନା ହେଇ ବା ବିଏସ-୬ ଏନର୍ଜି, ବାୟୋ ଏନର୍ଜି କିମ୍ବା ସୋଲାର ଏନର୍ଜି ହେଉ କିମ୍ବା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ୬ କୋଟି ଘରେ ଗ୍ୟାସ ସଂଯୋଗ ପହଁଚିବା ହେଉ ପ୍ରତ୍ୟେକ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ପ୍ରତିବଦ୍ଧତାର ସହ କାମ କରିଛନ୍ତି ।

ସାରା ବିଶ୍ୱରେ ଯେତେବେଳେ ଏନର୍ଜି ମିକ୍ସରେ ଗ୍ୟାସର ଭାଗ ୨୪ ପ୍ରତିଶତ ରହିଛି । ସେତେବେଳେ ଭାରତରେ ଏହା ୬ ପ୍ରତିଶତ ରହିଥିବା ବେଳେ ଏହାକୁ ୧୫ ପ୍ରତିଶତରେ ପହଁଚାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି । ତେବେ ପ୍ରଧାନମନ୍ତ୍ରୀ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିବା ବେଳେ ଏହି ପ୍ରତିଶତକୁ ବିଶ୍ୱ ଠାରୁ ଅଧିକ କରି ୨୬ ପ୍ରତିଶତରେ ପହଁଚାଇଛନ୍ତି । ସେ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଯୋଜନା ହେଉ ବା ଏଲଏନଜି ଟର୍ମିନାଲ କାପାସିଟି ବୃଦ୍ଧି ହେଉ ଅବା ଆମେରିକା-ଋଷିଆ ବୈଷୟିକ ସମ୍ପର୍କକୁ ସେ ମଜଭୁତ କରିଛନ୍ତି।

ଓଡିଶାରେ ଏହି ଅବସରକୁ ସ୍ମରଣୀୟ କରିବା ପାଇଁ ୭ଟି ଭୌଗୋଳିକ କ୍ଷେତ୍ର ପାଇଁ ସୁନ୍ଦରଗଡ ଓ ଝାରସୁଗୁଡା ଜିଲା ଯାଜପୁର ଓ କେନ୍ଦୁଝର ଜିଲା, ଅନୁଗୋଳ ଓ ଢେଙ୍କାନାଳ ଜିଲା , ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜ ଜିଲା ବରଗଡ, ଦେବଗଡ ଓ ସମ୍ବଲପୁର ଜିଲା , ଗଞ୍ଜାମ, ନୟାଗଡ ଓ ପୁରୀ ଜିଲା, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲା ପରି ଭୌଗୋଳିକ କ୍ଷେତ୍ର ଗୁଡିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାନଙ୍କରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ରାଉରକେଲା ଠାରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରାମ କ୍ରିପାଲ ଯାଦବ ବ୍ରହ୍ମପୁର ଠାରେ ଓ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସୁଦର୍ଶନ ଭଗତ ଯାଜପୁର ଠାରେ ଉପସ୍ଥିତ ଥିଲେ ।

ସୂଚନା ଯୋଗ୍ୟ ଯେ, ୨୩ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରେ ୯୨ ଟି ଭୌଗୋଳିକ କ୍ଷେତ୍ର ଅନ୍ତର୍ଭୁକ୍ତ ୧୨୯ ଜିଲା ( ୯୯ ଟି ସମ୍ପୂର୍ଣ ଏବଂ ୩୦ଟି ଆଂଶିକ) କୁ ସହରି ଗ୍ୟାସ ବିତରଣ ପାଇଁ ସ୍ୱୀକୃତି ଦିଆଯାଇଛି । ଏହା ୨୦୧୧ ଜନଗଣନା ଅନୁଯାୟୀ ଭାରତର ମୋଟ ଜନସଂଖ୍ୟାର ୨୦ ପ୍ରତିଶତ ଲୋକ ଏବଂ ଏହାର ମୋଟ ଭୌଗୋଳିକ କ୍ଷେତ୍ରର ୧୧ ପ୍ରତିଶତ ଅଂଚଳରେ ଉପଲବ୍ଧ ହେବ । ଏହା ସହିତ ୫ ଟି ଜିଲାରେ ସହରୀ ଗ୍ୟାସ ବିତରଣ କାର୍ଯ୍ୟକାରୀ ହେଉଛି ।

## ସାମ୍ପ୍ରତୀକି

# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ୭୦ତମ ପ୍ରତିଷ୍ଠା ଦିବସ

ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତର ଶକ୍ତି, ସୌନ୍ଦର୍ଯ୍ୟ ଓ ସଂପଦ । ଭାରତ ଭୌଗଳିକ ଭୂଖଣ୍ଡ ମାତ୍ର ନୁହେଁ; ଏହା ହେଉଛି ଚେତନାର ଭୂମି । ଭାରତର ସେବାରେ ନିଜକୁ ସମର୍ପିତ କରି ଦେଶର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରରେ ଆୟୋଜିତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ୭୦ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଲେ ଯେ ସମସ୍ତ ନକରାତ୍ମକ ଧାରାକୁ ସକାରାତ୍ମକ ଧାରାରେ ପରିବର୍ତ୍ତନ କରିପାରେ ଭାରତ । ଭାରତର ଇତିହାସ ଓ ଐତିହ୍ୟ ମାନବବାଦ ଉପରେ ପ୍ରତିଷ୍ଠିତ । ଅତୀତରେ ଭାରତ ବିଶ୍ୱକୁ ବାଟ ଦେଖାଇଛି ଏବଂ ଭବିଷ୍ୟତରେ ଭାରତ ବିଶ୍ୱଗୁରୁ ହେବ । ଏଥିପାଇଁ ସମସ୍ତଙ୍କର ସହଯୋଗ ଓ ସଂପୃକ୍ତି ଦରକାର । ଶୃଙ୍ଖଳା ହିଁ ସଫଳତାର ମୂଳ ମନ୍ତ୍ର । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଆଧାର ହେଉଛି ସଂହତି ଓ ଶୃଙ୍ଖଳା ।

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦେଶ ସେବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ରାଜ୍ୟପାଳ ପ୍ରଫେସର ଲାଲ ପ୍ରକାଶ କରିଛନ୍ତି । ଏହି ସମାରୋହରେ ଏନ୍‌ସିସିର ଉପମହାନିର୍ଦ୍ଦେଶକ, ନିର୍ଦ୍ଦେଶକ ଏବଂ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ପ୍ରାରମ୍ଭରେ ରାଜ୍ୟପାଳ ପ୍ୟାରେଡ୍ ପରିଦର୍ଶନ କରିଥିଲେ । ଏହି ଅବସରରେ କୃତି ସମର ଶିକ୍ଷାର୍ଥୀମାନଙ୍କୁ ପୁରସ୍କୃତ କରାଯିବା ସହ ସ୍ମରଣିକା ଉନ୍ମୋଚିତ ହୋଇଥିଲା । ଏନ୍‌ସିସି ପକ୍ଷରୁ ଚିତ୍ତାକର୍ଷକ ସାମରିକ କୌଶଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଆବୁଧାବି ରୋଡ୍ ଶୋ'ରେ ଉଦ୍‌ବୋଧନ ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତରେ ପୁଂଜିନିବେଶରେ ଭାଗିଦାର ହେବାକୁ ନିମନ୍ତ୍ରଣ କରିଛନ୍ତି । ଆବୁଧାବୀରେ ଡିସ୍କଭର୍ଡ ସ୍କଲ ଫିଲ୍ଡ- ୨ ବିଡର ରୋଡ ସୋ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ପ୍ରଧାନ ଏହି ଆହ୍ୱାନ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତ ଚାରି ବର୍ଷରେ ଭାରତ ତୈଳ ଓ ଗ୍ୟାସ କ୍ଷେତ୍ରରେ ଖୁବ ପ୍ରଗତି କରିଛି । ତେବେ କୌଣସି ଦେଶ, ଆନ୍ତର୍ଜାତିକ ସଂଗଠନ କିମ୍ବା କମ୍ପାନୀ ବିନା ଭାଗିଦାରିତାରେ ଏକୁଟିଆ ଖୁବ ଅଧିକ ଆଗକୁ ଯାଇ ପାରିବ ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ସର୍ବାଧିକ ଶକ୍ତି ଉପଭୋକ୍ତା ଦେଶ । ଭାରତରେ ଗତ ଏକ ଦଶନ୍ଧିରେ ଶକ୍ତି ବ୍ୟବହାରର ୫ ପ୍ରତିଶତରୁ ଅଧିକ ବାର୍ଷିକ ବିକାଶ ହାରରେ ବଢୁଛି । ଆଗାମୀ ବର୍ଷ ମାନଙ୍କରେ ମଧ୍ୟ ଏହା ବାର୍ଷିକ ୪ ପ୍ରତିଶତ ହାରରେ ବଢିବାର ଆକଳନ କରା ଯାଉଛି । ବର୍ତ୍ତମାନ ଭାରତର ଶକ୍ତି ଚାହିଦା ୨୨୯ ମିଲିୟନ ମେଟ୍ରିକ୍ ଟନ୍ ଥିବା ବେଳେ ୨୦୪୦ ବେଳକୁ ଏହା ୬୭୦ ମିଲିୟନ ମେଟ୍ରିକ ଟନ ହେବାକୁ ଯାଉଛି । ଅପଷ୍ଟ୍ରିମ୍ ତୈଳ ଓ ଗ୍ୟାସ କ୍ଷେତ୍ରରେ ଭାରତରେ ଉଜ୍ଜ୍ୱଳ ସମ୍ଭାବନା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି କ୍ଷେତ୍ର ପାଇଁ ଭାରତ ସରକାର ଅନେକ ପ୍ରକାର ନୀତିଗତ ସଂସ୍କାର ଆଣିଛନ୍ତି । ତେଣୁ ନିବେଶକମାନେ ଏଥିରେ ସାମିଲ ହେବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଜଣାଇଛନ୍ତି ।

## ସାମ୍ପ୍ରତୀକି

# ଓଡ଼ିଶାର ଆଉ ତିନୋଟି ଐତିହ୍ୟ ସ୍ଥଳର ରକ୍ଷଣାବେକ୍ଷ କରିବ ଏଏସ୍ଆଇ

ଅନୁଗୁଳ ଜିଲ୍ଲାର ବକ୍ରକୋଟ ଭ୍ରିଙ୍ଗେଶ୍ୱର ମନ୍ଦିର, ମୟୁରଭଂଜର ହରିପୁରଗଡ ସ୍ଥିତ ଦୂର୍ଗ ଓ ଢେଙ୍କାନାଳର କୁଆଳ ସ୍ଥିତ କନକେଶ୍ୱର ମହାଦେବ ମନ୍ଦିରର ଏଏସଆଇ ଦ୍ୱାରା ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ର ଦ୍ୱାରା ଅନୁରୋଧ ପରେ ଏନେଇ ଏଏସଆଇ ପକ୍ଷରୁ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇଛି ଓ ଆଗାମୀ ଡିସେମ୍ବର ମାସରୁ ଏ ନେଇ କାମ ଆରମ୍ଭ ହେବ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଡ. ମହେଶ ଶର୍ମା ଜଣାଇଛନ୍ତି । କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଡ. ଶର୍ମା ଏହା ଜଣାଇଛନ୍ତି । ଏହି ପତ୍ରରେ ଡ. ଶର୍ମା କହିଛନ୍ତି ଯେ ଗତ ମଇ ମାସରେ ଶ୍ରୀ ପ୍ରଧାନଙ୍କ ଉପରୋକ୍ତ ତିନୋଟି ସ୍ଥାନକୁ ଏଏସଆଇ ଦ୍ୱାରା ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ପାଇଁ ଅନୁରୋଧ ପରେ ଭୁବନେଶ୍ୱର ସ୍ଥିତ ଏଏସଆଇ ସର୍କଲ ତିନୋଟି ସ୍ଥାନକୁ ଯାଇ ଏହାର ଅନୁଧ୍ୟାନ କରିଛି । ଏଏସଆଇ ପକ୍ଷରୁ ଏହାକୁ ନେଇ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇଛି । ଡ. ଶର୍ମା ଏହି ପତ୍ରରେ କହିଛନ୍ତି ଯେ ଏହି ତିନୋଟି ସ୍ଥଳର ବିସ୍ତୃତ ସଂରକ୍ଷଣ ଓ ରକ୍ଷଣା ବେକ୍ଷଣ ପାଇଁ ଆକଳନ ମଧ୍ୟ କରା ଯିବା ସହ ଏ ସମ୍ପର୍କରେ ଅନୁମୋଦନ ମଧ୍ୟ ପ୍ରଦାନ କରା ଯାଇଛି । ଅନୁଗୁଳ ଜିଲ୍ଲାର ବକ୍ରକୋଟ ଭ୍ରିଙ୍ଗେଶ୍ୱର ମନ୍ଦିର ଢେଙ୍କାନାଳର କୁଆଳ ସ୍ଥିତ କନକେଶ୍ୱର ମହାଦେବ ମନ୍ଦିର ପାଇଁ ଟେଣ୍ଡର ଆବେଦନ ଆରମ୍ଭ ହୋଇ ସାରିଥିବା ବେଳେ ମୟୁରଭଂଜର ହରିପୁରଗଡ ସ୍ଥିତ ଦୂର୍ଗ ପାଇଁ ଟେଣ୍ଡର ଆବେଦନର ପ୍ରକ୍ରିୟା ପ୍ରକ୍ରିୟାଧୀନ ରହିଛି । ତିନୋଟି ଯାକ ମନ୍ଦିରର କାମ ଡିସେମ୍ବର, ୨୦୧୮ ସୁଦ୍ଧା ଆରମ୍ଭ ହେବ ବୋଲି ଡ. ଶର୍ମା ପ୍ରକାଶ କରିଛନ୍ତି ।


## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards

# ଡିଜିଟାଲ ଉତ୍ତର ପୂର୍ବାଞ୍ଚଳ- ୨୦୨୨ ପାଇଁ ଭିଜନ୍ ଡକ୍ୟୁମେଣ୍ଟ୍ ଉପରେ ଏକ ରିପୋର୍ଟ

ଦେଶର ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଯାହା ଏହାର ସୁସମୃଦ୍ଧ ତଥା ସ୍ୱତନ୍ତ୍ର ସାଂସ୍କୃତିକ ଐତିହ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ଅବସ୍ଥିତି ପାଇଁ ଦେଶର ଅନ୍ୟାନ୍ୟ ଅଞ୍ଚଳମାନଙ୍କଠାରୁ ଭିନ୍ନ, ତା'ର ଧାରଣକ୍ଷମ ବିକାଶ ନିମନ୍ତେ ଭାରତ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଡିଜିଟାଲ ଉତ୍ତର ପୂର୍ବକୁ ଡିଜିଟାଲ ଇଣ୍ଡିଆର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି ଯାହା ସୂଚନା ଓ ପ୍ରଯୁକ୍ତିବିଦ୍ୟାର ସାମର୍ଥ୍ୟକୁ ସମ୍ପୃକ୍ତ ଅଞ୍ଚଳର ସାମୂହିକ ବିକାଶର ଗତିକୁ ଅଧିକ ତ୍ୱରାନ୍ୱିତ କରିବା ସହିତ ଏହାକୁ ନିଜ ସାମର୍ଥ୍ୟର ସମ୍ପୂର୍ଣ୍ଣ ଭାବରେ ଅନୁଭବ କରିବାରେ ସାହାଯ୍ୟ କରିବ। ଏହାକୁ ଆଗେଇ ନେବାକୁ ଯାଇ 'ଭିଜନ୍ ଡକ୍ୟୁମେଣ୍ଟ୍ ଫର୍ 'ଡିଜିଟାଲ ନର୍ଥ୍ ଇଷ୍ଟ୍ ୨୦୨୨' ମାନ୍ୟବର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଭାରତ ସରକାରଙ୍କ ଦ୍ୱାରା ୧୧ ଅଗଷ୍ଟ, ୨୦୧୮ରେ ଆସାମର ଗୁଆହାଟୀଠାରେ ଉନ୍ମୋଚିତ ହୋଇ ଯାଇଛି।




ଡିଜିଟାଲ ଉତ୍ତର ପୂର୍ବ ଭାରତ ୨୦୨୨ ପାଇଁ ଦୃଷ୍ଟିକୋଣ ବକ୍ତବ୍ୟ ବା ଭିଜନ୍ ଷ୍ଟେଟ୍‌ମେଣ୍ଟ୍ ହେଉଛି, 'ଉତ୍ତର ପୂର୍ବ ଭାରତର ଲୋକମାନଙ୍କ ଜୀବନକୁ ରୂପାନ୍ତରିତ କରିବା, ସହଜ ଜୀବନ ବଞ୍ଚିବା ଏବଂ ସମାବେଶୀ ଓ ଧାରଣକ୍ଷମ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ନିମନ୍ତେ ଡିଜିଟାଲ ଟେକ୍ନୋଲୋଜି (ବୈଷୟିକ ଜ୍ଞାନକୌଶଳ) ଉପଯୋଗ କରିବା।' ମିଶନ ଷ୍ଟେଟମେଣ୍ଟ୍ ଉତ୍ତର ପୂର୍ବ ଅଞ୍ଚଳରେ ଆଇସିଟିର ସର୍ବାଧିକ ଉପଯୋଗ, ପ୍ରଚୁର ପରିମାଣର ପ୍ରାକୃତିକ ସମ୍ବଳ ଏବଂ ସ୍ଫୁର୍ତ୍ତିବନ୍ତ ମାନବସମ୍ବଳ ଜରିଆରେ ଡିଜିଟାଲ ଇଣ୍ଡିଆର କାର୍ଯ୍ୟକ୍ରମଗୁଡ଼ିକର ଦ୍ରୁତତମ କାର୍ଯ୍ୟାନ୍ୱୟନ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରେ।

ଭିଜନ୍ ଡକ୍ୟୁମେଣ୍ଟ୍ ଉତ୍ତର ପୂର୍ବ ଅଞ୍ଚଳରେ ସରକାରଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ଦ୍ରୁତ କାର୍ଯ୍ୟାନ୍ୱୟନ ମାଧ୍ୟମରେ ଡିଜିଟାଲ ରୂପାନ୍ତରଣ ଆଣିବା ନିମନ୍ତେ ଏକ ରୋଡ୍‌ମ୍ୟାପ୍ ବା ମାର୍ଗଦର୍ଶିକା ପ୍ରଦାନ କରେ। ଏହି ଡକ୍ୟୁମେଣ୍ଟ୍ ଆଠଗୋଟି ଡିଜିଟାଲ ପ୍ରମୁଖ କାର୍ଯ୍ୟକ୍ଷେତ୍ରକୁ ଚିହ୍ନଟ କରିଛି ଯଥା: ଡିଜିଟାଲ ଭିତ୍ତିଭୂମି, ଡିଜିଟାଲ ସେବା, ଡିଜିଟାଲ ସଶକ୍ତିକରଣ, ଇଲେକ୍ଟ୍ରୋନିକ୍ ଦ୍ରବ୍ୟଗୁଡ଼ିକର ଉତ୍ପାଦନକୁ ପ୍ରୋତ୍ସାହନ, ବିପିଓଗୁଡ଼ିକୁ ମିଶାଇ ଆଇଟି ଏବଂ ଆଇଟିଇଏସ୍‌ଗୁଡ଼ିକର ପ୍ରୋତ୍ସାହନ, ଡିଜିଟାଲ ଦେୟ ପ୍ରଦାନ, ନବ ଉଦ୍ଭାବନ ଏବଂ ଉତ୍ତର ପୂର୍ବ ଅଞ୍ଚଳଗୁଡ଼ିକରେ ନୂଆ ବ୍ୟବସାୟ ପ୍ରତିଷ୍ଠାନ ଆରମ୍ଭ ଏବଂ ଡିଜିଟାଲ ଉତ୍ତର ପୂର୍ବ ୨୦୨୨କୁ ସାକାର କରିବା ନିମନ୍ତେ ସାଇବର ସୁରକ୍ଷା।

ଡିଜିଟାଲ ଉତ୍ତର ପୂର୍ବ ୨୦୨୨ ପାଇଁ ଭିଜନ୍ ଡକ୍ୟୁମେଣ୍ଟ୍‌ର ପ୍ରମୁଖ ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରେ ସବୁ ଗ୍ରାମ ପଞ୍ଚାୟତକୁ ଦ୍ରୁତଗତିସମ୍ପନ୍ନ ବ୍ରଡ୍‌ବ୍ୟାଣ୍ଡ୍ ସଂଯୋଗ ପ୍ରଦାନ; ଉତ୍ତର ପୂର୍ବ ଅଞ୍ଚଳର ଯେଉଁସବୁ ଗ୍ରାମରେ ମୋବାଇଲ ପହଞ୍ଚି ନାହିଁ, ସେସବୁ ଗ୍ରାମକୁ ମୋବାଇଲ ସଂଯୋଗ; କ୍ଲାଉଡ୍ ହବ୍ (ପେଣ୍ଡ) ସହିତ ବିପର୍ଯ୍ୟୟ ପୁନରୁଦ୍ଧାର କେନ୍ଦ୍ର ସୃଷ୍ଟି; ସାଧାରଣ ସେବା କେନ୍ଦ୍ରଗୁଡ଼ିକର ସମ୍ପ୍ରସାରଣ, ଗୁଣାତ୍ମକ ମାନର ସ୍ୱାସ୍ଥ୍ୟସେବା ନିମନ୍ତେ ସୁଯୋଗ ପ୍ରଦାନ; ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା ଶିକ୍ଷା ଏବଂ କୃଷି ସେବା ପ୍ରଦାନ; ସ୍ଥାନୀୟ ପର୍ଯ୍ୟଟନ, କଳା ଏବଂ ସଂସ୍କୃତି, ହସ୍ତଶିଳ୍ପ, ହସ୍ତତନ୍ତ୍ର ବିକାଶ; ଉତ୍ତର ପୂର୍ବ ଅଞ୍ଚଳରେ ନୂତନ ବ୍ୟବସାୟ ଆରମ୍ଭ କେନ୍ଦ୍ର ପ୍ରତିଷ୍ଠା କରିବା; ଇଲେକ୍ଟ୍ରୋନିକ୍ ଦ୍ରବ୍ୟ ଉତ୍ପାଦନ, ବିପିଓ, ଆଇଟି- ଆଇଟିଇଏସ୍ ଶିଳ୍ପ ଇତ୍ୟାଦି ପାଇଁ ଉଦ୍ୟୋଗୀ ମନୋବୃତ୍ତି ଏବଂ କର୍ମନିଯୁକ୍ତିକୁ ପ୍ରୋତ୍ସାହିତ କରିବା ଅନ୍ତର୍ଭୁକ୍ତ।

ପ୍ରତ୍ୟେକ ପ୍ରମୁଖ କାର୍ଯ୍ୟକ୍ଷେତ୍ର ଏବଂ କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକ ନିର୍ଦ୍ଦିଷ୍ଟ ରଣକୌଶଳଗୁଡ଼ିକୁ ମଧ୍ୟ ଚିହ୍ନଟ କରାଯାଇ ସାରିଛି ଯଦ୍ୱାରା ଏକ ସମାବେଶୀ ଏବଂ ମୂଲ୍ୟ ପ୍ରଦାନ କରିହେବା ଭଳି ଦରରେ ସମ୍ପୃକ୍ତ ଅଞ୍ଚଳର ଲୋକମାନଙ୍କୁ ଡିଜିଟାଲ ରୂପାନ୍ତରଣର ଲାଭ ସମ୍ପ୍ରସାରିତ କରାଯାଇ ପାରିବ। ଉତ୍ତର ପୂର୍ବ ରାଜ୍ୟଗୁଡ଼ିକରେ ଡିଜିଟାଲ କାର୍ଯ୍ୟକ୍ରମର ରୂପାୟନ/ କାର୍ଯ୍ୟାନ୍ୱୟନ ନିମନ୍ତେ ରାଜ୍ୟଭିତ୍ତିକ ମାର୍ଗଦର୍ଶିକାମାନ ମଧ୍ୟ ପ୍ରସ୍ତୁତ କରାଯାଇ ସାରିଛି।

ଭିଜନ୍ ଡକ୍ୟୁମେଣ୍ଟ୍ ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟମାନଙ୍କ ସହଯୋଗରେ ପ୍ରସ୍ତୁତ କରାଯାଇଛି ବିଶେଷକରି ଉତ୍ତର ପୂର୍ବ ଅଞ୍ଚଳ ବିକାଶ ମନ୍ତ୍ରଣାଳୟ (ଡିଓଏନ୍ଇଆର୍) ଏବଂ ଟେଲିକମ୍ୟୁନିକେସନ୍ ବିଭାଗ (ଡିଓଟି)ର ସହଯୋଗରେ। ଉତ୍ତର ପୂର୍ବ ଅଞ୍ଚଳଗୁଡ଼ିକରେ ସାମର୍ଥ୍ୟ ଏବଂ ସୁଯୋଗଗୁଡ଼ିକୁ ଚିହ୍ନଟ କରିବା ପାଇଁ ଉତ୍ତର ପୂର୍ବ ଅଞ୍ଚଳର ରାଜ୍ୟ ସରକାରମାନଙ୍କ ସହିତ ମଧ୍ୟ ବିସ୍ତୃତ ଭାବରେ ବିଚାର ବିମର୍ଶ କରାଯାଇଥିଲା।

ଡିଜିଟାଲ ଉତ୍ତର ପୂର୍ବ ୨୦୨୨ ପାଇଁ ପ୍ରସ୍ତୁତ ଭିଜନ୍ ଡକ୍ୟୁମେଣ୍ଟ୍ କେବଳ ଯେ ଉତ୍ତର ପୂର୍ବ ଅଞ୍ଚଳର ଅଭିବୃଦ୍ଧି ଏବଂ ବିକାଶକୁ ପରିବର୍ଦ୍ଧିତ କରାଇବ ତା' ନୁହେଁ, ବରଂ ଡିଜିଟାଲ ଇଣ୍ଡିଆର ଲକ୍ଷ୍ୟକୁ ପୂରଣ କରିବ ଏବଂ ଏକ ଟ୍ରିଲିଅନ୍ ଡଲାର ଡିଜିଟାଲ ଅର୍ଥନୀତି ଦିଗରେ ପ୍ରଗତିକୁ ତ୍ୱରାନ୍ୱିତ କରାଇବ।

# ରାଷ୍ଟ୍ର ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ସମର୍ପିତ



*ଗୁଜରାଟର ନର୍ମଦା ଜିଲ୍ଲା କେବଡିଆରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ୩୧ ଅକ୍ଟୋବର ୨୦୧୮ରେ ରାଷ୍ଟ୍ର ଉଦ୍ଦେଶ୍ୟରେ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ସମର୍ପଣ ସମାରୋହରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି*



ବିଶ୍ୱର ଉଚ୍ଚତମ ମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟ୍'କୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ର ଉଦ୍ଦେଶ୍ୟରେ ଗତ ୩୧ ତାରିଖ ଅକ୍ଟୋବର ୨୦୧୮ରେ ଲୋକାର୍ପଣ କରିଥିଲେ। ଗୁଜରାଟର ନର୍ମଦା ଜିଲ୍ଲାର କେବଡ଼ିଆସ୍ଥିତ ୧୮୨ ମିଟର ଉଚ୍ଚତା ବିଶିଷ୍ଟ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ମୂର୍ତ୍ତି, ତାଙ୍କ ଜନ୍ମ ଶତବାର୍ଷିକୀରେ ଜାତି ଉଦ୍ଦେଶ୍ୟରେ ସମର୍ପିତ ହୋଇଥିଲା। ଏହି ସମୟରେ ପ୍ରଧାନମନ୍ତ୍ରୀ ଏକତା ପ୍ରାଚୀର (ୱାଲ୍ ଅଫ୍ ୟୁନିଟି)କୁ ମଧ୍ୟ ଲୋକାର୍ପିତ କରିଥିଲେ। ଅକ୍ଟୋବର ୩୧ ତାରିଖକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ଦେଶବାସୀଙ୍କୁ ଅଭିବାଦନ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଥିଲେ, 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ହେଉଛି ଭାରତର ଭବିଷ୍ୟତ ପାଇଁ ଏକ ପ୍ରେରଣା। ସର୍ଦ୍ଦାର୍ ପଟେଲଙ୍କ ସାହାସ, କ୍ଷମତା ଏବଂ ସଂକଳ୍ପ ଭବିଷ୍ୟତ ପୀଢ଼ିଙ୍କ ପାଇଁ ଏକ ଉଦାହରଣ ହେବ। ସେ କହିଥିଲେ, ସର୍ଦ୍ଦାର ପଟେଲ୍‌ଙ୍କ ଦ୍ୱାରା ଭାରତର ଏକକୀକରଣର ପରିଣାମ ସ୍ୱରୂପ ଆଜି ଦେଶ ଏକ ଆର୍ôଥିକ ଏବଂ ସାମାଜିକ ଶକ୍ତି ଭାବେ ଅଗ୍ରସର ହେଉଛି। ପ୍ରଶାସନିକ ସେବାକୁ ଏକ ଲୌହ ଢାଞ୍ଚା ଭାବେ ଗଢ଼ିତୋଳିବା ପାଇଁ ସର୍ଦ୍ଦାର୍ ପଟେଲ୍‌ଙ୍କ ପ୍ରୟାସକୁ ସ୍ମୃତିଚାରଣ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ହେଉଛି କୃଷକଙ୍କ ଆତ୍ମସମ୍ମାନର ପ୍ରତୀକ। ଯେହେତୁ ଏଥିରେ ସେମାନଙ୍କ ଜମିର ମାଟି ଓ ଲୌହ ମିଶ୍ରିତ କୃଷି ଯନ୍ତ୍ରପାତି ବ୍ୟବହୃତ ହୋଇଛି। ଭାରତର ଯୁବଗୋଷ୍ଠୀଙ୍କ ଆକାଂକ୍ଷା କେବଳ 'ଏକ ଭାରତ ଶ୍ରେଷ୍ଠ ଭାରତ' ମାଧ୍ୟମରେ ଫଳପ୍ରସୂ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

YOJANA (Odia) : Monthly | December 2018 | RNI No. 57203/93
ISSN 0971-8346 | Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ୍ ସର୍ଭିସ୍
# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ୍ ସର୍ଭିସ୍ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାମ୍ପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟି ସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଏବଂ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ। ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ।

### ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

● ଅକ୍ଷୟ କୁମାର ନାୟକ, ବସ୍‌ଷ୍ଟାଣ୍ଡ୍ ବୁକ୍ ଷ୍ଟଲ୍, ଭୁବନେଶ୍ୱର-୯ ● ମାଧବ ବୁକ୍ ଷ୍ଟୋର୍, ବାଦାମବାଡ଼ି, କଟକ-୯ ● ମୂର୍ତ୍ତି ନ୍ୟୁଜ୍ ଏଜେନ୍ସି, ଓଲ୍ଡ ବସ୍‌ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ ● ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ୍, ଭାପୁର- ଶଙ୍କରପୁର ରୋଡ୍, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା

### "ଯୋଜନା"ର ଗ୍ରାହକ ଦେୟ

ପ୍ରତି ଖଣ୍ଡ- ୨୨/-ଟଙ୍କା, ବାର୍ଷିକ- ୨୩୦/-ଟଙ୍କା, ଦ୍ୱିବାର୍ଷିକ- ୪୩୦/- ଟଙ୍କା, ତ୍ରୈବାର୍ଷିକ-୬୧୦/- ଟଙ୍କା, ବିଶେଷାଙ୍କ- ୩୦/-

### ଗ୍ରାହକ ଦେୟ ପଠାଇବା ଠିକଣା:

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The Subscription may by sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi"**

Printed and Published by Dr. Sadhana Rout, Director General & Head, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: I G Printers Pvt. Ltd., Okhla Industrial Area, New Delhi - 110020
Editor : Dr. Girish Chandra Dash